

‘କଲ୍‌କି ୨୮୯୮
ଏଡି ୨’ରେ ପ୍ରଭାସ

▶ପୃଷ୍ଠା ୧୧ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-190 ◆MONDAY ◆5 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୯୦ ◆ସୋମବାର ◆୫ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଗଙ୍ଗୋତ୍ରୀରେ ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀ

# ବରଫ ପାଲଟିଲା ନଦୀ, ଝରଣା

■ ନୂଆଦିଲ୍ଲୀ,୪।୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତର ଲହରି ଜାରି ରହିଛି ଓ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜମ୍ମୁ-କଶ୍ମୀର ଓ ହିମାଚଳ ପ୍ରଦେଶରେ ଉଚ୍ଚ ସ୍ଥାନମାନଙ୍କରେ ତାପମାତ୍ର ଶୂନ ଡିଗ୍ରୀଠାରୁ ତଳକୁ ଖସିଛି। ଉତ୍ତରାଖଣ୍ଡର ଉତ୍ତରକାଶୀର ଗଙ୍ଗୋତ୍ରୀ କ୍ଷେତ୍ରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀରେ ପହଞ୍ଚିଛି। ଫଳରେ ଭାଗୀରଥୀ ନଦୀରେ ଜଳ ବରଫରେ ପରିଣତ ହୋଇଛି। ଝରଣାଗୁଡ଼ିକ ମଧ୍ୟ ବରଫ ପାଲଟିଯାଇଛି। ୬ଟି ଜିଲ୍ଲାରେ କୋଲ୍ଡ ଡେ ଘୋଷଣା କରାଯାଇଛି।

ସେହିଭଳି ହିମାଚଳ ପ୍ରଦେଶରେ ୩ ଦିନ ଘନ କୁହୁଡି ଜାରି ରହିବ ବୋଲି ସତର୍କତା ଜାରି କରାଯାଇଛି। କୁକୁମସେରୀରେ ତାପମାତ୍ର ବିଯୁକ୍ତ ୬ ଡିଗ୍ରୀରେ ପହଞ୍ଚିଛି। ରାଜସ୍ଥାନର ୧୪ଟି ଜିଲ୍ଲାରେ ଘନ କୁହୁଡି ଆଚ୍ଛାଦିତ ହୋଇ ରହିଛି। ଏହି ରାଜ୍ୟର ୫ ଜିଲ୍ଲାରେ ଶୀତ ଲହରି ଓ ୯ ଜିଲ୍ଲାରେ ଘନ କୁହୁଡି ନେଇ ସତର୍କତା ଜାରି

### ଜାଡ଼ରେ ଜଡ଼ ଉତ୍ତରାଖଣ୍ଡ

### ରାଜସ୍ଥାନର ୧୪ ଜିଲ୍ଲାରେ କୁହୁଡ଼ି

କରାଯାଇଛି। ରାଜସ୍ଥାନର ପ୍ରସିଦ୍ଧ ଶୈଳନିବାସ ମାଉଣ୍ଟ ଆବୁରେ କ୍ରମାଗତ ଦ୍ୱିତୀୟ ଦିନରେ ପାରା ୦ ଡିଗ୍ରୀରେ ପହଞ୍ଚିଥିଲା। ମଧ୍ୟପ୍ରଦେଶର ଭୋପାଳରେ ଚଳିତ ଶୀତ ଋତୁରେ ପ୍ରଥମଥର ପାଇଁ ଦିନସାରା କୁହୁଡି ଛାଇ ହୋଇ ରହିଥିଲା। ୧୧ଟି ସହରର ତାପମାତ୍ରା ୨୦ ଡିଗ୍ରୀ ତଳେ ଥିଲା। ଆଗାମୀ ୧୫ ଦିନ ଶୀତ ଲହରି ଜାରି ରହିବା ନେଇ ସତର୍କତା ଜାରି କରାଯାଇଛି। ଉତ୍ତର ପ୍ରଦେଶରେ ୩ ଦିନ ଭିଷଣ ଥଣ୍ଡା ପଡିବ।

ଦିଲ୍ଲୀରେ ଆଜି ସକାଳେ ଘନ କୁହୁଡି ଛାଇ ହୋଇ ରହିଥିଲା। ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନ ଉଡାଣ ବିଳମ୍ବିତ ହୋଇଥିଲା। ଉତ୍ତର ଭାରତରେ ଘନ କୁହୁଡି କାରଣରୁ କେତୋଟି ବିମାନବନ୍ଦରରେ ବିମାନ ଚଳାଚଳ ପ୍ରଭାବିତ ହୋଇପାରେ ବୋଲି ଏୟାର ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ସୂଚନା ଦେଇଛି। ବିମାନ ବନ୍ଦର ଯିବା ପୂର୍ବରୁ ନିଜ ବିମାନର ସ୍ଥିତି ଯାଞ୍ଚ୍ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।



# ନ୍ୟୁୟର୍କ ଜେଲ୍‌ରେ ନିକୋଲାସ୍

■ ୱାସିଂଟନ, ୪।୧ (ଏଜେନ୍ସି): ଭେନେଜୁଏଲାରେ ଆମେରିକାର ଆକ୍ରମଣ ଏବଂ ସେଠାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଉଠାଇ ଆଣି ଜେଲରେ ରଖିବା ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକାର ମିତ୍ର ୟୁରୋପୀୟ ରାଷ୍ଟ୍ର ନିରବତା ଅବଲମ୍ବନ କରିଥିବା ବେଳେ ଚୀନ, ରୁଷ, କୋରିଆ ସମେତ ଅନେକ

### ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣକୁ ବିଶ୍ୱବ୍ୟାପୀ ବିରୋଧ

### ଉଦ୍‌ବେଗ ପ୍ରକାଶ କଲା ଭାରତ

### କ୍ୟୁବା, ମେକ୍ସିକୋ, କଲମ୍ବିଆକୁ ଟ୍ରମ୍ପଙ୍କ ଧମକ

### ହେଲ୍‌ସି ରୋଡ୍ରିଗ୍ସ ଭେନେଜୁଏଲାର ରାଷ୍ଟ୍ରପତି



ରାଷ୍ଟ୍ର ଏହାର ନିନ୍ଦା କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ସେମାନେ ଗୁଣ୍ଡାଗର୍ଦି ବୋଲି କହିଛନ୍ତି। ଭାରତ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ ଏହା ଏକ ଚିନ୍ତାର ବିଷୟ। ଆଲୋଚନା ଦ୍ୱାରା ସମାଧାନ ପାଇଁ ଭାରତ ପରାମର୍ଶ ଦେଇଛି। ଅନ୍ୟପକ୍ଷରେ ଟ୍ରମ୍ପ ବିଶ୍ୱ ନେତାଙ୍କ ପ୍ରତିକ୍ରିୟାକୁ ଖାତିର ନକରି ତାଙ୍କର କାର୍ଯ୍ୟାନୁଷ୍ଠାନକୁ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ଡ୍ରଗ୍ସ ସନ୍ତ୍ରାସବାଦରେ ମାତିଥିଲେ। ଏହା ଆମେରିକାବାସୀଙ୍କ ଜୀବନ ପ୍ରତି ଘୋର ବିପଦ ସୃଷ୍ଟି କରିଥିଲା। ଭେନେଜୁଏଲା ଭଳି ସେ କ୍ୟୁବା, ମେକ୍ସିକୋ ଏବଂ କଲମ୍ବିଆ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି।

ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଆମେରିକାର ଚେତାବନୀ ସତ୍ତ୍ୱେ ନିକୋଲାସ ଡ୍ରଗ୍ସ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଲିପ୍ତ ରହିଥିଲେ। ସେ ଭେନେଜୁଏଲା।ରେ ଡ୍ରଗ୍ସ ଉତ୍ପାଦନ କରିବା ସହିତ ଏହାକୁ ଆମେରିକା ପଠାଉଥିଲେ। ଏହା ଆମରିକା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିଲା। ନିକୋଲାସ ସରକାର ପତନ ପରେ ଆମେରିକା ମର୍ଜିରେ ସେଠାରେ ଶାସନ ଚାଲିବ। ଭେନେଜୁଏଲାରେ ଗଚ୍ଛିତ ତେଲ ଭଣ୍ଡାରର ସଦୁପଯୋଗ କରାଯାଇ ସେହି ଦେଶର ବିକାଶ କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଏହାସହିତ ସେ କ୍ୟୁବା, କଲମ୍ବିଆ ଏବଂ ମେକ୍ସିକୋକୁ ମଧ୍ୟ ଧମକ ଦେଇଛନ୍ତି। ସେ କହିଲେ ଯେ ମେକ୍ସିକୋରେ ଡ୍ରଗ୍ସ ଉତ୍ପାଦନ ଓ କାରବାର ଭୟଙ୍କର ରୂପ ନେଲାଣି। ଏବେ ମେକ୍ସିକୋ ଶାସନ ସେମାନେ ହିଁ ଚଳାଇଛନ୍ତି। ରାଷ୍ଟ୍ରପତି କ୍ଲଡିଆ ସେନବନ୍ ନାମକୁ ମାତ୍ର କ୍ଷମତାରେ ଅଛନ୍ତି। ପ୍ରକୃତ କ୍ଷମତା ଡ୍ରଗ୍ସ ମାଫିଆଙ୍କ ନିୟନ୍ତ୍ରଣରେ ରହିଛି। ରାଷ୍ଟ୍ରପତି ଆତଙ୍କିତ ଅବସ୍ଥାରେ ଅଛନ୍ତି ଏବଂ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ଏହା ଆମେରିକା ପ୍ରତି ବିପଦ ସୃଷ୍ଟି କରିଥିବାରୁ ଆମକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ସେହିଭଳି କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କର ତୀବ୍ର ସମାଲୋଚନା କରି ଟ୍ରମ୍ପ କହିଛନ୍ତି ଯେ ଏହି ଦେଶ ଡ୍ରଗ୍ସର ପେଣ୍ଠସ୍ଥଳୀ ପାଲଟିଛି। କଲମ୍ବିଆରେ ଅତିକମରେ ତିନିଟି କୋକେନ୍ କାରଖାନା ରହିଛି। ସେମାନେ ଏହି ନିଶାଦ୍ରବ୍ୟ ଉତ୍ପାଦନ କରି ଆମେରିକା ପଠାଉଛନ୍ତି। ତେଣୁ ଆମେରିକା ଚୁପ ହୋଇ ବସିପାରିବ ନାହିଁ। କ୍ୟୁବା ସଂପର୍କରେ ସେ କହିଲେ ଯେ ଏହା ଏକ ବିଫଳ ରାଷ୍ଟ୍ର। କ୍ୟୁବା ଲୋକେ ବହୁତ ଖରାପ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ସହାୟତା କରିବାକୁ ପଡ଼ିବ। ଯେଉଁମାନେ ବାଧ୍ୟ ହୋଇ କ୍ୟୁବା ଛାଡ଼ି ପଳାୟନ କରିଛନ୍ତି ସେମାନଙ୍କୁ ମଧ୍ୟ ଆମେରିକା ସବୁ ପ୍ରକାର ସହାୟତା ଯୋଗାଇଦେବ ବୋଲି ଟ୍ରମ୍ପ କହିଛନ୍ତି। ▶ପୃଷ୍ଠା-୭

**ଆନ୍ଧ୍ରର ବନ୍‌କାଚେର୍‌ଲା ପ୍ରକଳ୍ପ ବିରୋଧରେ ଲଢୁଛି ତେଲଙ୍ଗାନାର ‘ସିଙ୍ଗଲ ଇଞ୍ଜିନ’**

# ପୋଲାଭରମ୍ ପାଇଁ ନିରବ ‘ଟ୍ରିପଲ୍ ଇଞ୍ଜିନ’

### ମାଲକାନଗିରିର ଜନଜାତିଙ୍କ ଜୀବନଜୀବିକା ପାଇଁ ପୋଲାଭରମ୍ ବିପଦ

### ଓଡ଼ିଶାର ବାରମ୍ବାର ଦାବି ସତ୍ତ୍ୱେ ହେଉନି ପଛୁଆ ଜଳ ପ୍ରଭାବର ସର୍ଭେ



■ ଭୁବନେଶ୍ୱର,୪।୧(ସମିସ): ଆନ୍ଧ୍ର ପ୍ରଦେଶ ସରକାରଙ୍କ ପୋଲାଭରମ-ବନକାଚେରଲା ପ୍ରକଳ୍ପ ନେଇ ତେଲଙ୍ଗାନା ସରକାର ଲଗାତାର ଭାବେ ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିଛନ୍ତି। ଏହି ପ୍ରକଳ୍ପ ଯୋଗୁଁ ତେଲଙ୍ଗାନାର ଜଳ ଅଧିକାର ଉପରେ ଏହା ଅତ୍ୟନ୍ତ କୁପ୍ରଭାବ ପକାଇବା ନେଇ ଆଶଙ୍କା କରି ତେଲଙ୍ଗାନା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ଏହି ମାମଲାର ଗୁରୁତ୍ୱକୁ ଅନୁଭବ କରି ଆସନ୍ତାକାଲି ଅର୍ଥାତ୍ ସୋମବାର ଏହାର ଶୁଣାଣି କରିବେ। ପୂର୍ବରୁ ତେଲଙ୍ଗାନାର ଦୃଢ଼ ବିରୋଧ କାରଣରୁ ଆନ୍ଧ୍ର ସରକାର ଏହି ପ୍ରକଳ୍ପର ଡିପିଆର୍‌କୁ ବାତିଲ୍ କରିଥିଲେ। ଏବେ ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ହେବା ତେଲଙ୍ଗାନାର ନୈତିକ ବିଜୟ ବୋଲି କୁହାଯାଉଛି। ଅପରପକ୍ଷେ ପୋଲାଭରମ ପ୍ରକଳ୍ପ କାରଣରୁ ଓଡ଼ିଶା ସର୍ବାଧିକ ପ୍ରଭାବିତ ହେବାକୁ ଥିବା ବେଳେ ରାଜ୍ୟ ସରକାର ଏନେଇ ଅସମ୍ଭବ ନିରବତା ଅବଲମ୍ବନ କରିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି।

ଓଡ଼ିଆ ଅସ୍ମିତାର ନାରା ଦେଇ ବିଜେପି ରାଜ୍ୟରେ ସରକାର ଗଢ଼ିବା ପରେ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଥିବା କାରଣରୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରୁଥିବା ମହାନଦୀ ଏବଂ ପୋଲାଭରମ୍ ସମସ୍ୟା ତୁଟିବା ନେଇ ଆଶା କରିଥିଲେ ରାଜ୍ୟବାସୀ। ମାତ୍ର ପୋଲାଭରମ ପ୍ରକଳ୍ପ ମାମଲାରେ ରାଜ୍ୟ ସରକାର କାହିଁକି ତୁନି ରହିଛନ୍ତି, ତାହାକୁ ନେଇ କାହା ପାଖରେ ଉତ୍ତର ନାହିଁ। ଗୋଟିଏ ପଟେ ତେଲଙ୍ଗାନାରେ କଂଗ୍ରେସ ସରକାର ରହିଛି। ରାଜ୍ୟସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ପୋଲାଭରମ-ବନକାଚେରଲା ଲିଙ୍କ୍ ପ୍ରକଳ୍ପକୁ ଦୃଢ଼ ବିରୋଧ କରି ଆସୁଛନ୍ତି। ଏହି ପ୍ରକଳ୍ପ ଭବିଷ୍ୟତରେ ରାଜ୍ୟର ଜଳସେଚନ ଏବଂ ପାନୀୟ ଜଳ ପ୍ରକଳ୍ପ ଉପରେ ପ୍ରଭାବ ପକାଇବ ବୋଲି ସ୍ଥାନୀୟ ସରକାର ଆଶଙ୍କା କରୁଛନ୍ତି। ସେଥିପାଇଁ ସବୁ ମହଲରେ ତେଲଙ୍ଗାନା ଏହି ୮୧ ହଜାର କୋଟି ଟଙ୍କାର ବୃହତ୍ ପ୍ରକଳ୍ପକୁ ବିରୋଧ କରି ଆସୁଛି। ତେଲଙ୍ଗାନାର ଦୃଢ଼ ବିରୋଧ କାରଣରୁ ନିକଟରେ ଆନ୍ଧ୍ର ପ୍ରଦେଶ ସରକାର ପ୍ରକଳ୍ପ ପାଇଁ ପ୍ରସ୍ତୁତ ଡିପିଆରକୁ ବାତିଲ କରିଛି। ଆସନ୍ତାକାଲି ସୁପ୍ରିମକୋର୍ଟରେ ମାମଲାର ଶୁଣାଣିରେ ତେଲଙ୍ଗାନା ନ୍ୟାୟ ପାଇବ ବୋଲି ସେଠାକାର ସରକାର ଆଶା ରଖିଛନ୍ତି। ମାତ୍ର ଓଡ଼ିଶା, ଆନ୍ଧ୍ର ଏବଂ କେନ୍ଦ୍ରରେ ଟ୍ରିପଲ ଇଞ୍ଜିନ (ବିଜେପି) ସରକାର ଥିଲେ ମଧ୍ୟ ଓଡ଼ିଶାର ସ୍ୱାର୍ଥ ପାଇଁ କେହି ମୁହଁ ଖୋଲୁନାହାନ୍ତି।


ଜଳ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପ୍ରକଳ୍ପ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲର ନିଷ୍ପତ୍ତି ଅନୁଯାୟୀ ପରିକଳ୍ପନା କରାଯାଇଥିଲା। ଯାହା ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟ ପ୍ରଦେଶ ମଧ୍ୟରେ ଚୁକ୍ତିନାମାକୁ ରୂପରେଖ ଦେଇଥିଲା। ତେବେ ପ୍ରକଳ୍ପର ମୂଳ ଡିଜାଇନରେ ଅନେକ ପରିବର୍ତ୍ତନ ଅଣାଯାଇ ଏକତରଫା ଭାବେ ଏହାର କ୍ଷମତାକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରି ଦିଆଯାଇଛି। ଉପରମୁଣ୍ଡରେ ଥିବା ରାଜ୍ୟ ଯଥା ଓଡ଼ିଶା ଏବଂ ଛତିଶଗଡ଼ ଉପରେ ପଛୁଆ ଜଳର ପ୍ରଭାବ କଣ ରହିବ, ତାହା ବିଚାରକୁ ନିଆ ନ ଯାଇ ଡିଜାଇନରେ ଏପରି ପରିବର୍ତ୍ତନ ଅଣାଯାଇଛି। ଯାହାଫଳରେ ଓଡ଼ିଶାର ମାଲକାନଗିରିର ଅନେକ କ୍ଷୟକ୍ଷତି ହେବ। ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟରୁ ଅଧିକ ପଛୁଆ ଜଳ ଆସିବ। ଏହି ପ୍ରକଳ୍ପ ଜିଲ୍ଲାରେ ବସବାସ କରୁଥିବା ଜନଜାତିଙ୍କ ଜୀବନଜୀବିକା ପ୍ରତି ଭୟଙ୍କର ବିପଦ ଆଣିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

କେନ୍ଦ୍ର ସରକାର ପୋଲାଭରମ ପାଇଁ ପ୍ରାୟ ୨୫ ହଜାର କୋଟି ଟଙ୍କାର ଅର୍ଥ ଦେଇସାରିଲେଣି। ୨୦୨୭ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଆନ୍ଧ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି; ମାତ୍ର ରାଜ୍ୟ ସରକାର ଏନେଇ ମୁହଁ ଖୋଲୁନାହାନ୍ତି। ଏନେଇ ବିଜେଡି ବାରମ୍ବାର ଦିଲ୍ଲୀରେ ଫେରାଦ ହୋଇଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ଏବଂ ଆୟୋଗ ତୁରନ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ନେଇ ଆଲୋଚନା କରନ୍ତୁ। ଓଡ଼ିଶାର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଧ୍ର ▶ପୃଷ୍ଠା-୭

## ଆଜିଠାରୁ ଓମ୍‌ସାର ୨ ଘଣ୍ଟିଆ ଓପିଡି ସେବା ବର୍ଜନ

■ ଭୁବନେଶ୍ୱର,୪।୧(ସମିସ): ଆସନ୍ତାକାଲିଠାରୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଘଣ୍ଟିକିଆ ପରିବର୍ତ୍ତେ ପ୍ରତିଦିନ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରିବ। ପୂର୍ବରୁ ଏନେଇ ଓମସା ଘୋଷଣା କରିଥିବା ବେଳେ ସୋମବାରଠାରୁ ଦିନ ୯ଟାରୁ ୧୧ଟା ଯାଏଁ ଓପିଡି ସେବା ବର୍ଜନ କରିବ ବୋଲି ସଂଘ ସୂତ୍ରରୁ ଜଣାପଡ଼ିଛି।

ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ଯେ ନ୍ୟାଯ୍ୟ ଦାବି ପୂରଣ ପାଇଁ ସଂଘ ପ୍ରଥମେ କଳା ପୋଷାକ ପରିଧାନ କରିଥିଲା। ମାତ୍ର ସରକାର ଦାବି ନଶୁଣିବାରୁ ଆମେ ବାଧ୍ୟ ହୋଇ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କାର୍ଯ୍ୟକ୍ରମ କରିଥିଲୁ। ମାତ୍ର ବୋଧହୁଏ, ଏହା ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ନାହିଁ। ତେଣୁ ଆସନ୍ତାକାଲିଠାରୁ ଆମେ ୨ ଘଣ୍ଟିଆ ଓପିଡି ସେବା ବନ୍ଦ ପାଇଁ ନିଷ୍ପତ୍ତି ନେଇଛୁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଅତୀତରେ ପୂର୍ବ ସରକାର ସଂଘର ଦାବି ପୂରଣ ପାଇଁ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ। ମାତ୍ର ଆମ ଦାବି ପ୍ରତି କୌଣସି ନିଷ୍ପତ୍ତି ନିଆଗଲା ନାହିଁ। ଏବର ସରକାର ସଚିବ ସ୍ତରୀୟ କମିଟି ଗଠନ କରିଛନ୍ତି। ସରକାର ▶ପୃଷ୍ଠା-୭



**ଅଶୁଭ ରବିବାର**

# ଦୁର୍ଘଟଣାରେ ଚାଲିଗଲା ୧୦ ଜୀବନ

## ଆନ୍ଧ୍ରରେ ବାଲେଶ୍ୱରର ୩ ମୃତ



ଦୁଇ ଝିଅଙ୍କ ସହ ଆଖିବୁଜିଲେ ମହିଳା

■ ପାରଳାଖେମୁଣ୍ଡି,୪।୧(ସମିସ): ଗଜପତି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ସୋମପେଣ୍ଟ ମଣ୍ଡଳ ଅନ୍ତର୍ଗତ ବାରୁଆ ଛକ ନିକଟ ଜାତୀୟ ରାଜପଥରେ ଏକ ଭୟଙ୍କର ଦୁର୍ଘଟଣାରେ ୩ ଓଡ଼ିଆଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତକଙ୍କ ପରିଚୟ ମିଳିନଥିବା ବେଳେ ସେମାନଙ୍କ ଘର ବାଲେଶ୍ୱର ଅଞ୍ଚଳରେ ବୋଲି କୁହାଯାଉଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ତାଙ୍କର ଦୁଇ ଝିଅ ଅଛନ୍ତି।

ସୂଚନାନୁଯାୟୀ, ମୃତ ମହିଳାଜଣଙ୍କ ସ୍ଥଳସେନାରେ ଜଣେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ବିଶାଖାପାଟଣାରେ କାର୍ଯ୍ୟରତ ଥିଲେ। ଦୁଇ ଝିଅଙ୍କ ସହ ସେ ଆଜି ବାଲେଶ୍ୱରରୁ ଏକ କାର୍‌ରେ ବିଶାଖାପାଟଣା ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଦ୍ରୁତ ଗତିରେ ଆସୁଥିବା ଟ୍ରକ୍ ଏକ ବାଇକ୍‌କୁ ବଞ୍ଚାଇବାକୁ ଯାଇ ନିୟନ୍ତ୍ରଣ ହରାଇଥିଲା। ଟ୍ରକଟି ▶ପୃଷ୍ଠା-୭

## ପିକ୍‌ଅପ୍ ଧକ୍କାରେ କକା-ପୁତୁରା ମୃତ

■ ଡୁଙ୍ଗୁରିପାଲି, ୪।୧ (ସମିସ): ଅଧା ରହିଗଲା ବାହାଘରକାର୍ଡ ବଣ୍ଟା। ଦୁର୍ଘଟଣାରେ ଚାଲିଗଲା କାକା-ପୁତୁରାଙ୍କ ଜୀବନ। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ଚେରୁପାଲି-ସାଲେଭଟା ଅଙ୍ଗନଦୀ ପୋଲ ଉପରେ ଏକ ପିକ୍-ଅପ୍ ଧକ୍କାରେ କାକା-ପୁତୁରାଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ବିନିକା ଥାନା ଅନ୍ତର୍ଗତ ଚରଦା ଗ୍ରାମର ଭଜନ ବାଗ (୩୨) ଓ ତାଙ୍କ ପୁତୁରା ପାର୍ଥ ବାଗ(୧୪)।

**ଅଧାରେ ରହିଗଲା ବାହାଘର କାର୍ଡବଣ୍ଟା**

ସୂଚନାନୁଯାୟୀ, ଆସନ୍ତା ୨୮ ତାରିଖରେ ଭଜନଙ୍କ ଝିଅାରିର ବାହାଘର। ପୁତୁରା ପାର୍ଥକୁ ସାଙ୍ଗରେ ନେଇ ସେ ଆଜି କିଛି ସଂପର୍କୀୟଙ୍କ ଘରେ ନିମନ୍ତ୍ରଣ କାର୍ଡ ବାଣ୍ଟିଥିଲେ। ଦିନ ପ୍ରାୟ ସାଢ଼େ ୧ଟାରେ ଦୁହେଁ ବାଇକ୍‌ରେ ଗାଁକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଅଙ୍ଗନଦୀ ବ୍ରିଜ୍ ▶ପୃଷ୍ଠା-୭

## କାର୍‌କୁ ପିଟିଲା ହାଇୱା; ୩ ମୃତ

■ ସମ୍ବଲପୁର,୪।୧(ସମିସ): ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ଜାତୀୟ ରାଜପଥ ୫୫ ନକ୍ସାପାଲି ନିକଟସ୍ଥ ରାସ୍ତା କଡ଼ରେ ଛିଡା ହୋଇଥିବା ହାଇୱାକୁ ପଛପଟୁ ଏକ କାର୍ ଧକ୍କା ଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ବାହାଘର ପାଇଁ ଘରୁ ବାହାରି କାର୍ଡ ବାଣ୍ଟିବାକୁ ଯାଇଥିଲେ। କିନ୍ତୁ ଆଉ ଫେରିପାରିଲେନି। ଘରୁ କିଛି ମାତ୍ର ଦୂରରେ ଦୁର୍ଘଟଣାରେ ଶିକାର ହୋଇ ୩ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ସମ୍ବଲପୁର ▶ପୃଷ୍ଠା-୭

## ଅଜଣା ଗାଡ଼ି ଧକ୍କାରେ ଦୁଇ ସାଙ୍ଗ ମୃତ

■ ବଅଁରପାଳ,୪।୧(ସମିସ): ବଅଁରପାଳ ଥାନା ବଉଳିଗଡ଼ ଆମନା ନିକଟରେ ରବିବାର ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଦୁଇ ସାଙ୍ଗଙ୍କ ଜୀବନ ଯାଇଛି। ସେମାନେ ହେଲେ କଲଣ୍ଡା ଗାଁର ଶାନ୍ତନୁ ବେହେରା (୩୮) ଓ ଆମନା ଗାଁର ଅନିଲ ପ୍ରଧାନ (୩୨)। ଶାନ୍ତନୁ ଓ ଅନିଲ ତାଳଚେର ଅଞ୍ଚଳରେ ଗାଡ଼ି ଚାଳକ ଭାବରେ କାମ କରୁଥିଲେ। ରବିବାର ସନ୍ଧ୍ୟାରେ କାମ ସାରି ▶ପୃଷ୍ଠା-୭

## ଇରାନର ୩୦ ସହରରେ ଆନ୍ଦୋଳନ; ଗୁଳିରେ ୪ ମୃତ

ତେହେରାନ,୪।୧(ଏଜେନ୍ସି): ଇରାନରେ ଦରଦାମ ବୃଦ୍ଧି ବରୋଧରେ କ୍ରମାଗତ ୭ମ ଦିନ ପାଇଁ ଆନ୍ଦୋଳନ ତଥା ବିରୋଧ ପ୍ରଦର୍ଶନ ଜାରି ରହିଛି। ପଶ୍ଚିମ ଇରାନରେ ଜାନୁଆରୀ ୩ରେ ଆନ୍ଦୋଳନକାରୀ ଓ ପୁଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ପୁଲିସ ଗୁଳିରେ ୪ଜଣ ମୃତ୍ୟୁବରଣ କରିଥିବା ବେଳେ ଅନେକ ଆହତ ହୋଇଛନ୍ତି। ପୁଲିସ ଇଲାମ ରାଜ୍ୟର ମାଲେକଶାହି ଅଞ୍ଚଳରେ ଆନ୍ଦୋଳନକାରୀଙ୍କ ଉପରେ ଇରାନ ରିଭୋଲ୍ୟୁସନାରୀ ଗାର୍ଡ ଗୁଳି ଚଳାଇଥିଲା। ଏଥିରେ ଇରାନର କୁର୍ଦ୍ଦିଶ ସମ୍ପ୍ରଦାୟର ୪ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ଆଉ ଦୁଇ ଜଣ ମୃତ୍ୟୁବରଣ କରିବା ନେଇ ତଦନ୍ତ କରାଯାଉଛି। ଏହି ସଂଘର୍ଷରେ ଜଣେ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଛନ୍ତି ବୋଲି ଇରାନ ସରକାରୀ ଗଣମାଧ୍ୟମ ତରଫରୁ କୁହାଯାଇଛି। ଥାନାରେ ବିକ୍ଷୋଭକାରୀମାନେ ପଶିବାକୁ ଚେଷ୍ଟା କରୁଥିବା ବେଳେ ଏହି ଘଟଣା ଘଟିଥିଲା। ଇରାନରେ ବର୍ତ୍ତମାନ ୩୦ଟି ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏପର୍ଯ୍ୟନ୍ତ ୧୨ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଛି।

## କର୍ଣ୍ଣାଟକରେ ୧୩ ବର୍ଷର ନାବାଳିକାଙ୍କୁ ଗଣଦୁଷ୍କର୍ମ

**୩ ନାବାଳକ ଗିରଫ, ଭିଡିଓ ପ୍ରସ୍ତୁତ କରିଥିଲେ**

ବେଙ୍ଗାଲୁରୁ,୪।୧(ଏଜେନ୍ସି): କର୍ଣ୍ଣାଟକରୁ ହୁବଲିରେ ଜଣେ ୧୩ ବର୍ଷୀୟ ନାବାଳିକାଙ୍କ ସହ ଗଣ ଦୁଷ୍କର୍ମର ଶିକାର ହୋଇଥିବା ଘଟଣା ସମ୍ନାକୁ ଆସିଛି। ୩ ଅଭିଯୁକ୍ତ ମଧ୍ୟ ନାବଳକ ଓ ସେମାନେ ପୀଡିତାଙ୍କ ଘର ପାଖରେ ରୁହନ୍ତି। ଝିଅର ବାପା ଓ ମା ବାହାରେ ଥିବା ସମୟରେ ସେମାନେ ଏହି କାଣ୍ଡ ଘଟାଇଥିଲେ। ସେମାନ ପୀଡିତାଙ୍କୁ ଏ ନିର୍ଜନ ଅଞ୍ଚଳକୁ ନେଇଯାଇ ଦୁଷ୍କର୍ମ କରିଥିଲେ ଓ ଏହାର ଭିଡିଓ ମଧ୍ୟ ରେକର୍ଡ କରିଥିଲେ। ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ଓ ସେମାନଙ୍କ ବରୋଧରେ ଯୌନ ଅପରାଧର ଶିଶୁ ସୁରକ୍ଷା ଆଇନ (ପୋକସୋ) ଆଇନ୍ ଅନୁଯାଇ ମାମଲା ରୁଜୁ କରିଛି। ପୁଲିସର ସୂଚନା ଅନୁଯାୟୀ ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇଜଣ ହାଇସ୍କୁଲ ଛାତ୍ର। ଅନ୍ୟ ଜଣେ ପାଠପଢ଼ା ଛାଡି ସାରିଛନ୍ତି। ଅଭିଯୁକ୍ତମାନେ ଝିଅକୁ ଧମକ ଦେଇଥିଲେ ଓ ଭିଡିଓ ରେକର୍ଡ କରିଥିବା କହିଥିଲେ ବୋଲି ତାଙ୍କ ବାପା ଓ ମା କହିଛନ୍ତି। ପୁଲିସ ଅଭିଯୁକ୍ତଙ୍କ ମୋବାଇଲ ଜବତ କରି ଯାଞ୍ଚ ଆରମ୍ଭ କରିଛି।

### ୟୁପିରେ ୬ ବର୍ଷର ଶିଶୁକୁ ଗଣଦୁଷ୍କର୍ମ ପରେ ହତ୍ୟା

ଉତ୍ତରପ୍ରଦେଶରୁ ମଧ୍ୟ ଏହି ଭଳି ଏକ ମାମଲା ସାମ୍ନାକୁ ଆସିଛି। ବୁଲନ୍ଦସହରର ଜଣେ ୬ ବର୍ଷର ଝିଅକୁ ଗଣଦୁଷ୍କର୍ମ କରାଯିବା ପରେ ହତ୍ୟା କରାଯାଇଛି। ଅଭିଯୁକ୍ତମାନେ ନିଜର ପରିଚୟକୁ ଲୁଚାଇବା ପାଇଁ ଏହି ଛୋଟ ଝିଅ ପିଲାକୁ ଛାତ ଉପରୁ ତଳକୁ ପେଲି ଦେଇଥିଲେ। ଜାନୁଆରୀ ୨ ତାରିଖରେ ଏହି ଘଟଣା ଘଟିଛି। ନାବାଳିକା ଜଣକ ଗୁରୁତର ଭାବେ ଆହତ ହୋଇଥିବା ପୁଲିସକୁ ସୂଚନା ମିଳିଥିଲା। ତାଙ୍କୁ ତୁରନ୍ତ ସିକନ୍ଦରାବାଦ୍‌ର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ।

## ବାଂଲାଦେଶରେ ହିନ୍ଦୁ ନେତାଙ୍କ ପ୍ରାର୍ଥିପତ୍ର ନାକଚ

- ବିଏନ୍‌ପିକୁ ଦାୟୀ କଲେ ପ୍ରାର୍ଥୀ ଗୋବିନ୍ଦ

ଢାକା,୪।୧(ଏଜେନ୍ସି): ବାଂଲାଦେଶରେ ଜଣେ ହିନ୍ଦୁ ନେତାଙ୍କୁ ନିର୍ବାଚନ ଲଢ଼ିବାରୁ ବାରଣ କରାଯାଇଛି। ଗୋବିନ୍ଦ ଚନ୍ଦ୍ର ପ୍ରମାଣିକ ଗୋପାଳଗଞ୍ଜ-୩ ଆସନ ପାଇଁ ନାମାଙ୍କନ ଦାଖଲ କରିଥିଲେ। କିନ୍ତୁ ରିଟର୍ଣ୍ଣି ଅଧିକାରୀ ଏହାକୁ ଫେରାଇ ଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ହସିନା ୱାଜେଦ ଗୋପାଳଗଞ୍ଜ-୩ରେ ସାଂସଦ ଥିଲେ। ଏଠାରେ ୫୦ ପ୍ରତିଶତରୁ ଅଧିକ ହିନ୍ଦୁ ଭୋଟର ରହିଛନ୍ତି। ଗୋବିନ୍ଦ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ଚାହୁଁଥିଲେ। ସେ ପେସାରେ ଜଣେ ଓକିଲ ଓ ବାଂଲାଦେଶ ଜାତୀୟ ହିନ୍ଦୁ ମହାଜୋତ (ବିଜେଏଚ୍‌ଏମ୍) ନାମକ ଏକ ସଂଗଠନର ମହାସଚିବ ଅଛନ୍ତି। ଏହା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ସହିତ ଜଡିତ ଅଛି। ନାମାଙ୍କନ ପତ୍ର ଫେରାଯିବା ନେଇ ଗୋବିନ୍ଦ ଖାଲେଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)କୁ ସିଧାସଳଖ ଦାୟୀ କରିଛନ୍ତି।

ଗୋବିନ୍ଦ କହିଛନ୍ତି ଯେ, ବାଂଲାଦେଶରେ ଏକ ନିୟମ ଅଛି, ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ନିଜ ଆସନର ୧% ପ୍ରତିଶତ ଭୋଟରଙ୍କ ହସ୍ତାକ୍ଷର ଦାଖଲ କରିବାକୁ ହୋଇଥାଏ ଓ ସେ ମଧ୍ୟ ଏହା କରିଥିଲେ। କିନ୍ତୁ ପରେ ସେହି ଭୋଟରମାନେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ସେମାନଙ୍କ ସ୍ୱାକ୍ଷର ନିଆଯାଇନାହିଁ ବୋଲି କହିଥିଲେ। ଫଳରେ ଅଧିକାରୀ ସବୁ ହସ୍ତାକ୍ଷରକୁ ଆମାନ୍ୟ ଘୋଷିତ କରି ତାଙ୍କ ନାମାଙ୍କନ ରଦ୍ଦ କରିଛନ୍ତି। ବିଏନ୍‌ପିର ଚାପରେ ଭୋଟର ମାନେ ଏପରି କରିଛନ୍ତି ବୋଲି ଗୋବିନ୍ଦ କହିଛନ୍ତି।

## ଏୟାର ଇଣ୍ଡିଆ ବିମାନରେ ଇନ୍ଧନ ଲିକ୍

ଜୟପୁର,୪।୧(ଏଜେନ୍ସି): ରାଜସ୍ଥାନର ଜୟପୁର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଶନିବାର ଏକ ବଡ଼ ବିମାନ ଦୁର୍ଘଟଣା ଟଳି ଯାଇଛି। ଏୟାର ଇଣ୍ଡିଆ ବିମାନ ଏଆଇ-୬୨୨ରେ ଇନ୍ଧନ ଲିକ୍ ଟେକ୍‌ଅଫ୍‌କୁ ରୋକି ଦିଆଯାଇଥିଲା। ଏହି ବିମାନ ସନ୍ଧ୍ୟା ୭.୫୫ରେ ମୁମ୍ବାଇକୁ ଉଡାଣ ଭରିବାର କାର୍ଯ୍ୟକ୍ରମ ଥିଲା। ଇନ୍ଧନ ଲିକ୍ ହେବା କାରଣରୁ ବୈଷୟିକ ପ୍ରଣାଳୀରେ ତ୍ରୁଟି ଥିବାର ଆଲର୍ଟ ମିଳିଥିଲା। ଏହାପରେ ପାଇଲଟ ଓ ଗ୍ରାଉଣ୍ଡ ଷ୍ଟାଫ୍ ତୁରନ୍ତ ଟେକ୍‌ଅଫ୍‌କୁ ରୋକି ଦେଇଥିଲେ। ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଥିଲା ଓ ସେମାନଙ୍କୁ ଟର୍ମିନାଲ ବିଲ୍ଡିଂକୁ ନିଆଯାଇଥିଲା। ଅଚାନକ ଏହା ଘଟିଥିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତେବେ କେହି ଆହତ ହୋଇଥିବାରୁ ସୂଚନା ମିଳି ନଥିଲା। ଶେଷରେ ଯାଞ୍ଚ ହେବା ପରେ ଇନ୍ଧନ ଲିକ୍ ହୋଇଥିବା ଜଣାପଡିଥିଲା। ୩ ଘଣ୍ଟା ୪୦ ମିନିଟ୍ ପରେ ଅର୍ଥାତ ରାତି ୧୧.୩୫ରେ ଦ୍ୱିତୀୟ ବିମାନରେ ଯାତ୍ରୀଙ୍କୁ ମୁମ୍ବାଇ ପଠାଯାଇଥିଲା। ବୈଷୟିକ ଟିମ୍ ପ୍ରଭାବିତ ବିମାନର ଯାଞ୍ଚ ଆରମ୍ଭ କରିଛନ୍ତି ଓ ଇନ୍ଧନ ଲିକ କାରଣର ଯାଣିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଦୁଇମାସ ତଳେ ଇଣ୍ଡିଗୋ ବିମାନରେ ଏହିପରି ଇନ୍ଧନ ଲିକ୍ ହୋଇଥିଲା।

### ଭେନେଜୁଏଲାରେ ଆମେରିକା ଆକ୍ରମଣ ମାମଲା

# ଗୁଣ୍ଡାଗର୍ଦ୍ଦି ଚଳାଇଛନ୍ତି ଟ୍ରମ୍ପ୍




- ଗମ୍ଭୀର ଚିନ୍ତାର ବିଷୟ କହିଲା ଭାରତ
- ଶାନ୍ତି ଓ ଆଲୋଚନାର ମାର୍ଗ ଆପଣାଇବାକୁ ଉଭୟ ପକ୍ଷକୁ ନିବେଦନ
- ତୁରନ୍ତ ମାଦୁରୋଙ୍କ ମୁକ୍ତି ଦାବି କଲା ଚୀନ୍
- ଭେନେଜୁଏଲାକୁ ସମର୍ଥନ ଦେଲା ଉତ୍ତର କୋରିଆ

ନୂଆଦିଲ୍ଲୀ, ୪।୧ (ଏଜେନ୍ସି): ଭେନେଜୁଏଲାର ତୈଳ ଭଣ୍ଡାର ଉପରେ ଆମେରିକାର ଲୋଲୁପ ଦୃଷ୍ଟି ପଡ଼ିଛି। ଏହାକୁ ହାତେଇବା ପାଇଁ ୱାସିଂଟନ ଦୀର୍ଘ ବର୍ଷ ହେଲା ଚକ୍ରାନ୍ତ କରିଆସିଛି। ବିଭିନ୍ନ ଆର୍ଥିକ କଟକଣା ଲଗାଇ ସର୍ବସ୍ୱାନ୍ତ କରିବା ପରି ଶୁକ୍ରବାର ମଧ୍ୟରାତ୍ରୀରେ ଭେନେଜୁଏଲା ଉପରେ ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଆମେରିକା ବନ୍ଦୀ କରିଛି। ଉଭୟଙ୍କୁ ନ୍ୟୁୟର୍କ ନିଆଯାଇଛି। କ୍ଷମତା ବଳରେ କର୍ତ୍ତୃତ୍ୱ ଜାହିରରେ ଅପକୀର୍ତ୍ତି ଅର୍ଜନ କରିଥିବା ଆମେରିକାର ଏଭଳି ଆକ୍ରମଣକୁ ସାରା ବିଶ୍ୱ ନିନ୍ଦା କରୁଥିବାବେଳେ ଦିନକ ପରେ ଭାରତ ମୁହଁ ଖୋଲିଛି। ଭେନେଜୁଏଲା ଘଟଣାକ୍ରମ ଉପରେ ଭାରତ ପକ୍ଷରୁ ଗମ୍ଭୀର ଚିନ୍ତା ପ୍ରକଟ କରାଯାଇଛି। ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ରବିବାର କୁହାଯାଇଛି ଯେ ଭେନେଜୁଏଲାର ପରିବର୍ତ୍ତିତ ସ୍ଥିତି ଉପରେ ସରକାର ନଜର ରଖିଛନ୍ତି। ସେଠାକାର ଲୋକଙ୍କ ସୁରକ୍ଷା ଏବଂ ମଙ୍ଗଳକୁ ଭାରତର ସମର୍ଥନ ଦେଉଛି। ଏହା ସହିତ ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ନିମନ୍ତେ ଆଲୋଚନାର ମାର୍ଗ ଆପଣାଇବାକୁ ସବୁ ପକ୍ଷଙ୍କୁ ଅନୁରୋଧ କରାଯାଇଛି।

ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ କାରାକସ ସ୍ଥିତ ଭାରତୀୟ ଦୂତାବାସ ଏବଂ ନାଗରିକଙ୍କ ସହ ଯୋଗାଯୋଗ କରାଯାଇଛି। ଆବଶ୍ୟକ ପଡ଼ିଲେ ଯଥାସମ୍ଭବ ସହାୟତା ପ୍ରଦାନ କରାଯିବ। ଏହା ପୂର୍ବରୁ ଜରୁରୀ ନ ଥିଲେ ଭେନେଜୁଏଲା ଗସ୍ତରେ ନ ଯିବା ପାଇଁ ଭାରତୀୟଙ୍କୁ ବିଦେଶ ମନ୍ତ୍ରାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏଥିପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରାଯାଇଥିଲା। କୌଣସି କାରଣ ପାଇଁ ଭେନେଜୁଏଲାରେ ଥିବା ନାଗରିକଙ୍କୁ ସତର୍କ ରହି ନିଜ କାର୍ଯ୍ୟକଳାପକୁ ସୀମିତ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଆବଶ୍ୟକ ପଡ଼ିଲେ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିବାକୁ କୁହାଯାଇଥିଲା।

ଅନ୍ୟପଟେ ଆମେରିକା ଭେନେଜୁଏଲାକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ସେଠାକାର ଉପ-ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରିଛି। ସେ ମାଦୁରୋଙ୍କୁ ତୁରନ୍ତ ମୁକ୍ତି କରିବାକୁ ଦାବି କରିଛନ୍ତି। ଡେଲସି କହିଛନ୍ତି ଯେ ମାଦୁରୋ ଦେଶର ବୈଧ ଏବଂ ଏକମାତ୍ର ରାଷ୍ଟ୍ରପତି। ତାଙ୍କୁ ଜୋର ଜବରଦସ୍ତି ଉଠାଇ ନେବା ସମ୍ପୂର୍ଣ୍ଣ ଭୁଲ୍। ରାଷ୍ଟ୍ରୀୟ ସୁରକ୍ଷା ପରିଷଦ ବୈଠକରେ ସେ ଏହି ଟିପ୍ପଣୀ ଦେଇଥିଲେ। ଏହା ମଧ୍ୟରେ ଭେନେଜୁଏଲା ରାଷ୍ଟ୍ରପତି ଏବଂ ତାଙ୍କ ପତ୍ନୀଙ୍କୁ ତୁରନ୍ତ ମୁକ୍ତି କରିବାକୁ ଚୀନ୍ ଦାବି କରିଛି। ଚୀନ୍ ବୈଦେଶିକ ମନ୍ତ୍ରାଳୟ ଆମେରିକା କାର୍ଯ୍ୟାନୁଷ୍ଠାନକୁ ତୀବ୍ର ନିନ୍ଦା କରିଛି। କୁହାଯାଇଛି ଯେ ରାଷ୍ଟ୍ରପତିଙ୍କୁ ଏଭଳି ଭାବେ ଦେଶରୁ ନେଇଯିବା ସମ୍ପୂର୍ଣ୍ଣ ଅନୁଚିତ। ଆଲୋଚନା ମାଧ୍ୟମରେ ଏହି ବିବାଦର ସମାଧାନ ହେବା ଉଚିତ। ସେହିପରି ଆମେରିକାର କାର୍ଯ୍ୟାନୁଷ୍ଠାନକୁ ଉତ୍ତର କୋରିଆ ଗୁଣ୍ଡାଗର୍ଦ୍ଦି କହିଛି। ଆମେରିକାର ଏହି କାର୍ଯ୍ୟ ଯେକୌଣସି ଦେଶର ସ୍ୱାଧୀନତା ଏବଂ ସାର୍ବଭୌମତ୍ୱ ଉପରେ ହୋଇଥିବା ସବୁଠାରୁ ଗମ୍ଭୀର ଆକ୍ରମଣ ବୋଲି କୁହାଯାଇଛି।

## ଜାପାନ ସାଗରରେ ଉତ୍ତର କୋରିଆର କ୍ଷେପଣାସ୍ତ୍ର ମାଡ଼

ଟୋକିଓ,୪।୧(ଏଜେନ୍ସି): ଉତ୍ତର କୋରିଆ ରବିବାର ଜାପାନର ଅଞ୍ଚଳରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଜାପାନର ପ୍ରଧାନମନ୍ତ୍ରୀ ଏ କାର୍ଯ୍ୟାଳୟ ତରଫରୁ ଏ ନେଇ ସତର୍କତା ଜାରି କରାଯାଇଛି। ଅତିକମ୍‌ରେ ଉତ୍ତର କୋରିଆ ଦୁଇଟି ମିସାଇଲ ମାଡ଼ କରିଛି ବୋଲି ଜାପାନ ଗଣମାଧ୍ୟମ ତରଫରୁ କୁହାଯାଇଛି। ଏହି ଦୁଇଟି ମିସାଇଲ ଜାପାର ବିଶେଷ ଆର୍ଥିକ କ୍ଷେତ୍ର (ଇଇଜେଡ) ବାହାରେ ପଡିଛି। ଏହି ବିଶେଷ ଆର୍ଥିକ କ୍ଷେତ୍ର ଜାପାନ ଉପକୂଳରୁ ୨୦୦ ନଟିକାଲ ମାଇଲ୍ ଅର୍ଥାତ ୩୭୦ କିମି ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ମିସାଇଲ ଜାପାନ ସାଗରେରେ ହିଁ ପଡିଛି। ଉତ୍ତର କୋରିଆ ବାରମ୍ବାର ଏପରି ବାଲାଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିବା ଘଟଣା ଚିନ୍ତା ସୃଷ୍ଟି କରିଛି ବୋଲି ଜାପାନ କହିଛି। ଏହି ମିସାଇଲ ପାଖାପାଖି ୯୫୦ କିମି ଦୂର ଅତିକ୍ରମ କରିଛି। ଏହାର ଅର୍ଥ ହେଉଛି ଦକ୍ଷିଣ ଜାପାନର ଏକ ବଡ଼ ଅଂଶ ଉତ୍ତରକୋରିଆର କ୍ଷେପଣାସ୍ତ୍ର ପରିସରରେ ରହୁଛି। ଏହି ପରିସରରେ ଆମେରିକା ଓ ଜାପାନର ପ୍ରମୁଖ ସାମରିକ ଘାଟି, ଆତ୍ମରକ୍ଷା ବାହିନୀ ରହୁଛି। ଏହି ଦୁଇଟି ମିସାଇଲ ୫୦,୦୦୦ ମିଟର ଉଚ୍ଚରେ ଓ ଯଥାକ୍ରମେ ୫୬୦ ମାଇଲ୍ ଓ ୫୯୦ ମାଇଲ ଅତିକ୍ରମ କରିଥିଲା ବୋଲି ଜାପାନ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଉତ୍ତର କୋରିଆର ପରମାଣୁ ଓ କ୍ଷେପଣାସ୍ତ୍ର ବିକାଶ କର୍ଯ୍ୟକ୍ରମ ଜାପାନ ସମେତ ଅନ୍ତର୍ଜାତୀୟ ଶାନ୍ତି ଓ ସ୍ଥିରତାକୁ ବପଦରେ ପକାଇଛି ଓ ଏହା ଅସହ୍ୟ ହୋଇପଡିଛି ବୋଲି ଜାପାନର ପ୍ରତିରକ୍ଷା ମନ୍ତ୍ରୀ ସିଞ୍ଜିରୋ କୋଇଜୁମି କହିଛନ୍ତି।

## ଟ୍ରମ୍ପଙ୍କ ଭଳି ମୋଦୀ ପାକିସ୍ତାନରୁ ଆତଙ୍କବାଦୀଙ୍କୁ ଉଠାଇ ଆଣନ୍ତୁ: ଓୱେସୀ

ମୁମ୍ବଇ,୪।୧(ଏଜେନ୍ସି): ଏଆଇଏମ୍‌ଆଇଏମ୍ ପାର୍ଟି ମୁଖ୍ୟ ଅସଦୁଦ୍ଦିନ ଓୱେସୀ ପ୍ରଧାନମନ୍ତ୍ରୀଙ୍କୁ ଏକ ନୂଆ ଚ୍ୟାଲେଞ୍ଜ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସୈନ୍ୟ ପଠାଇ ଭେନେଜୁଏଲା ରାଷ୍ଟ୍ରପତି ଉଠାଇ ଆମେରିକା ଆଣିବାରେ ସକ୍ଷମ ହୋଇଛନ୍ତି। ଏହି ଭଳି ଭାରତ ମଧ୍ୟ କରିବା ଉଚିତ ବୋଲି ସେ କହିଛନ୍ତି। ସେ ମୋଦୀଙ୍କ ନାମ କହିଛନ୍ତି ଯେ, ୨୬/୧୧ ମୁମ୍ବଇ ଆକ୍ରମଣ କରିଥିବା ମସୁଦ ଆଝାର କିମ୍ବା ଲସ୍କର-ଇ- ତୋହିବାର ଆତଙ୍କବାଦୀ ଏମାନଙ୍କୁ ଭାରତ ଉଠାଇ ଆଣି ନିଜ ୫୬ ଇଞ୍ଚ୍ ଚଉଡ଼ା ଛାତିର ପ୍ରମାଣ ଦିଅନ୍ତୁ। ଯଦି ଟ୍ରମ୍ପ ଏପରି କରିପାରୁଛନ୍ତି ତାହେଲେ ମୋଦୀ କାହିଁକି କରିପାରିବେ ନାହିଁ। ଯଦି ଟ୍ରମ୍ପ କରିପାରୁଛନ୍ତି, ତେବେ ମୋଦୀଙ୍କୁ ବି ଏପରି କରିବାକୁ ହେବ। କାରଣ ଏକାଦା ମୋଦୀ କହିଥିଲେ ଯେ, 'ଅବକି ବାର ଟ୍ରମ୍ପ ସରକାର'। ମୁମ୍ବଇରେ ଏକ ନିର୍ବାଚନ ସଭାକୁ ସମ୍ବୋଧିତ କରି ଓୱେସୀ ଏହି କଥା କହିଛନ୍ତି। ଉଲ୍ଲେଖଥାଉ କି, ଜାନୁଆରୀ ୨ ରାତିରେ ଆମେରିକୀୟ ସୈନ୍ୟମାନେ ଭେନେଜୁଏଲା ଉପରେ ଆକ୍ରମଣ କରିବା ସହ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିୟା ଫ୍ଲୋରେସଙ୍କୁ ବନ୍ଦୀ କରିଥିଲେ। ଏଥିସହ ଆମେରିକା ତୃତୀୟଥର ପାଇଁ କୌଣସି ରାଷ୍ଟ୍ରପତି କିମ୍ବା ଏକଛତ୍ରବାଦୀ ଶାସକଙ୍କୁ ବନ୍ଦୀ କରିଛି। ଏହାପୂର୍ବରୁ ଆମେରିକା ୨୦୦୩ରେ ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ଓ ୧୯୮୯ରେ କେନ୍ଦ୍ର ଆମେରିକୀୟ ଦେଶ ପାନାମାର ଏକଛତ୍ରବାଦୀ ଶାସକ ମାନୁଏଲ ନାରିଏଗାଙ୍କ କ୍ଷମତାଚ୍ୟୁତ କରି ବନ୍ଦୀ କରିଥିଲା।

## ହରିୟାଣା ସରକାରଙ୍କ କୃପାଦୃଷ୍ଟି: ବାବା ରାମ ରହିମଙ୍କୁ ପୁଣି ପାରୋଲ

ଚଣ୍ଡିଗଡ଼, ୪।୧ (ଏଜେନ୍ସି): ପାରୋଲ ବାବା ଭାବେ ପରିଚିତ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମଙ୍କ ପ୍ରତି ହରିୟାଣା ସରକାର ପୁଣି ସଦୟ ହୋଇଛନ୍ତି। ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ୍ ଦଣ୍ଡ ପାଇ ସୁନରିଆ ଜେଲ୍‌ରେ ଥିବା ରାମ ରହିମଙ୍କୁ ସରକାର ଆଉ ୪୦ ଦିନ ପାଇଁ ପାରୋଲ ଦେଇଛନ୍ତି। ଏହା ପୂର୍ବରୁ ଗତ ବର୍ଷ ଅଗଷ୍ଟରେ ସେ ୪୦ ଦିନ ପାଇଁ ପାରୋଲରେ ବାହାରକୁ ଆସିଥିଲେ। ସୂଚନାଯୋଗ୍ୟ ଯେ ୧୬ ବର୍ଷ ତଳର ସାମ୍ବାଦିକ ହତ୍ୟା ମାମଲାରେ ରାମ ରହିମଙ୍କ ସମେତ ତିନି ଜଣଙ୍କୁ କୋର୍ଟ ୨୦୧୯ରେ ଦୋଷୀ ସାବ୍ୟସ୍ତ କରିଥିଲେ। ପାରୋଲ ବ୍ୟତୀତ ଗତ ବର୍ଷ ଏପ୍ରିଲରେ ତାଙ୍କୁ ୨୧ ଦିନର ଫାରୋଲ ମିଳିଥିଲା। ଫେବୃଆରୀ ୫ରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ସରକାର ତାଙ୍କୁ ଏହି ଅନୁକମ୍ପା ଦେଖାଇ ଥିଲେ। ସେହିପରି ୨୦୨୪ ଅକ୍ଟୋବର ୧ରେ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ସେ ୨୦ ଦିନିଆ ପାରୋଲରେ ବାହାରକୁ ଆସିଥିଲେ।

୨୦୨୪ ଅଗଷ୍ଟରେ ୨୧ ଦିନ ପାଇଁ, ୨୦୨୨ ଫେବୃଆରୀ ୭ରେ ତିନି ସପ୍ତାହ ନିମନ୍ତେ ରାମ ରହିମ ପାରୋଲରେ ବାହାରି ଥିଲେ। ସେ ସମୟରେ ପଞ୍ଜାବ ବିଧାନସଭା ପାଇଁ ପ୍ରସ୍ତୁତି ଚାଲିଥିଲା। ୨୦୧୭ରେ ଦୋଷୀ ସାବ୍ୟସ୍ତ ହେବା ପରଠାରୁ ଏ ପର୍ଯ୍ୟନ୍ତ ରାମ ରହିମ ୧୪ ଥର ଜେଲ୍‌ରୁ ବାହାରକୁ ବାହାରିଲେଣି। ବିଶେଷ କରି ପଞ୍ଜାବ, ହରିୟାଣା, ଦିଲ୍ଲୀ ଆଦିର ନିର୍ବାଚନ ସମୟରେ ତାଙ୍କୁ ସରକାର ଏଭଳି ପାରୋଲ ଦେଇ ଭୋଟ ହାତେଇବାକୁ ପ୍ରୟାସ କରୁଛନ୍ତି। ସାଧାରଣ କଏଦୀଙ୍କୁ ଗୋଟିଏ ଦିନ ପାରୋଲ ମିଳିବା କଷ୍ଟ ହେଉଥିବାବେଳେ ରାମ ରହିମଙ୍କୁ ଏଭଳି ଅନୁକମ୍ପା ଦେଖାଉ ଥିବାରୁ ହରିୟାଣାର ବିଜେପି ସରକାରଙ୍କୁ ବିରୋଧୀ ତୀବ୍ର ସମାଲୋଚନା କରୁଛନ୍ତି। ଜେଲ୍‌ରୁ ବାହାରିବା ପରେ ରାମ ରହିମ ୧୩ ଥର ଉତ୍ତର ପ୍ରଦେଶର ବାଗପତ ସ୍ଥିତ ଡେରା ଆଶ୍ରମକୁ ଯାଇଛନ୍ତି।

## ନିର୍ଭୀକ ସାମ୍ବାଦିକତା ବିନା କୌଣସି ଦେଶ ଆଗକୁ ବଢ଼ିପାରିବ ନାହିଁ: ଉପରାଷ୍ଟ୍ରପତି




ନୂଆଦିଲ୍ଲୀ,୪।୧(ଏଜେନ୍ସି): ଗଣମାଧ୍ୟମର ସ୍ୱାଧୀନତା ତଥା ନିର୍ଭୀକ ସମ୍ବାଦିକତା ଓ ଗଭୀର ସାହିତ୍ୟ ବିନା କୌଣସି ଦେଶ ଉନ୍ନତି ପଥରେ ଅଗ୍ରସର ହୋଇପାରିବ ନାହିଁ ବୋଲି ଚେନ୍ନାଇରେ ଆୟୋଜିତ 'ରାମନାଥ ଗୋଏଙ୍କା ସାହିତ୍ୟ ସମ୍ମାନ (ଆରଏନ୍‌ଜିଏସ୍‌ଏସ୍)'ର ତୃତୀୟ ସଂସ୍କରଣରେ ଯୋଗ ଦେଇ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ କହିଛନ୍ତି। ଅଭିବ୍ୟକ୍ତିର ସ୍ୱାଧୀନତା ଭାରତୀୟ ଗଣତନ୍ତ୍ରର ମୂଳଦୁଆ। କିମ୍ବଦନ୍ତୀ ଲେଖକ ଚନ୍ଦ୍ରଶେଖରା କମ୍ବାରାଙ୍କୁ ଜୀବନବ୍ୟାପୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସେ ଭାରତୀୟ ମୁଦ୍ରିତ ସାମ୍ବାଦିକତାର ମହାନ ନେତା ଓ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଗ୍ରୁପ୍‌ର ଦୂରଦୃଷ୍ଟିସମ୍ପର୍ଣ୍ଣ ପ୍ରତିଷ୍ଠାତା ରାମନାଥ ଗୋଏଙ୍କାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାମନାଥ ଭାରତ ଇତିହାସର କିଛି ସବୁଠାରୁ ଆହ୍ୱାନପୂର୍ଣ୍ଣ ତଥା କଷ୍ଟକର ସମୟରେ ସମ୍ବାଦିକତା ଅଖଣ୍ଡତା, ବୌଦ୍ଧିକ ସାହସ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଦୃଢ଼ ଭାବେ ଠିଆ ହୋଇଥିଲେ ବୋଲି ଉପରାଷ୍ଟ୍ରପତି କହିଥିଲେ।। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ସମ୍ପୂର୍ଣ୍ଣ କ୍ରାନ୍ତିର ସମୟରେ ନିଜର ବ୍ୟକ୍ତିଗତ ସମ୍ପୃକ୍ତିକୁ ମନ ପକାଇ ଉପରାଷ୍ଟ୍ରପତି କହିଥିଲେ ଯେ, ଜରୁରୀକାଳୀନ ସ୍ଥିତି ବେଳେ ରାମନାଥ ସମ୍ବାଦିକତାର ମୂଲ୍ୟବୋଧକୁ ବଞ୍ଚାଇ ରଖିଥିଲେ। ବିନା କୌଣସି ଭୟରେ ସେ ପ୍ରେସ ସେନସରଶିପର ବିରୋଧ କରିଥିଲେ। ଭାରତୀୟ ସମ୍ବାଦିକତାକୁ ତାଙ୍କର ଯୋଗଦାନ ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ।

## ମହିଳା ଆଇଏଏସ୍‌ଙ୍କ କୋଠାରେ ଚାଲିଥିଲା ସେକ୍ସ ର୍ୟାକେଟ

ପ୍ରୟାଗରାଜ, ୪।୧ (ଏଜେନ୍ସି): ଉତ୍ତର ପ୍ରଦେଶ ପ୍ରୟାଗରାଜରୁ ଚାଞ୍ଚଲ୍ୟକର ମାମଲା ସାମ୍‌ନାକୁ ଆସିଛି। କିଡ଼ଗଞ୍ଜର ନୂଆ ବସ୍ତିରେ ଥିବା ଆଇଆରଏସ ଅମିତାଭ ଶର୍ମା ଏବଂ ଆଇଏଏସ ବନ୍ଦନା ତ୍ରିପାଠୀଙ୍କ ୨ ମହଲା ଘରେ ଚାଲିଥିବା ସେକ୍ସ ର୍ୟାକେଟର ପର୍ଦ୍ଦାଫାସ ହୋଇଛି। ଏଠାରେ ପୁଲିସ ଚଢ଼ଉ କରି ୪ ଯୁବତୀ ଏବଂ ୫ ଯୁବକଙ୍କୁ ଆପତ୍ତିଜନକ ଅବସ୍ଥାରେ ଧରିଛି। ସମସ୍ତଙ୍କୁ ଥାନାକୁ ନିଆଯାଇଛି। ତିନି ମାସ ତଳେ ଏହି କୋଠାକୁ ଭଡ଼ାରେ ନିଆଯାଇଥିଲା ବୋଲି କୁହାଯାଉଛି। ଘଟଣାସ୍ଥଳରୁ କିଛି ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଏହି ର୍ୟାକେଟ କେବେଠୁ ଚାଲୁଥିଲା, ଏହା ପଛରେ କିଏ କିଏ ସାମିଲ ଅଛନ୍ତି ତାହା ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଦୀର୍ଘ ଦିନ ହେଲା ଏହି କୋଠାକୁ ରାତିଦିନ ଯୁବକଯୁବତୀଙ୍କ ଯିବାଆସିବା ଲାଗି ରହିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ରବିବାର କିଡଗଞ୍ଜ ଥାନାକୁ ଲୋକେ ସୂଚନା ଦେଇଥିଲେ। ପୁଲିସ ପହଞ୍ଚିବା ପରେ କବାଟ ନ ଖୋଲିବାରୁ ତାହାକୁ ଭାଙ୍ଗି ଦେଇଥିଲା। ଏହି ର୍ୟାକେଟର ମୁଖ୍ୟ ସର୍ବେଶ ଦ୍ୱିବେଦୀକୁ ଗିରଫ କରାଯାଇଛି।

## ଘନଉଛି ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନ ବିବାଦ

- ୬୮ଟି ଆସନରେ ନିର୍ଦ୍ୱନ୍ଦ୍ୱରେ ମହାୟୁତି ପ୍ରାର୍ଥୀଙ୍କ ବିଜୟକୁ ନେଇ ଉଠିଲା ପ୍ରଶ୍ନ
- ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଲେ ନିର୍ବାଚନ କମିସନ
- ପ୍ରାର୍ଥୀ ଚୋରି କରୁଛି ବିଜେପି: ଉଦ୍ଧବ ଠାକରେ

ମୁମ୍ବଇ, ୪।୧ (ଏଜେନ୍ସି): ମହାନଗର ନିଗମ ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ଉଠିଛି। ୧୫ ତାରିଖରେ ୨୯ଟି ମହାନଗର ନିଗମରେ ନିର୍ବାନଚ ଅନୁଷ୍ଠିତ ହେବାକୁ ଯାଉଛି। ମାତ୍ର ଏହା ପୂର୍ବରୁ ୬୮ ଆସନରେ ସରକାରୀ ମହାୟୁତି ମେଣ୍ଟର ପ୍ରାର୍ଥୀ ବିଜୟୀ ହେବାକୁ ନେଇ ଆରୋପପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିର ସର୍ବାଧିକ ୪୪ ଜଣ, ଶିବସେନା (ଏକନାଥ)ର ୨୨ ଜଣ ଏବଂ ଏକାକୀ ଲଢୁଥିବା ଏନ୍‌ସିପିର ୨ ଜଣ ସଦସ୍ୟ ସାମିଲ ଅଛନ୍ତି। ସରକାରୀ ଦଳ

ଜାଲିଆତି କରି ଏପରି କରୁଥିବା ବିରୋଧୀ ଅଭିଯୋଗ କରୁଛନ୍ତି। ଏହାକୁ ନେଇ ରାଜ୍ୟରେ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ରାଜ୍ୟ ନିର୍ବାଚନ କମିଶନ ମାମଲାରେ ହସ୍ତକ୍ଷେପ କରିଛନ୍ତି। ଏହି ସବୁ ଆସନର ଯାଞ୍ଚ କରାଯିବ ବୋଲି କହିଛନ୍ତି। ଯାଞ୍ଚ ଶେଷ ନ ହେବା ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କୌଣସି ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯିବ ନାହିଁ ବୋଲି ଇସି ସ୍ପଷ୍ଟ କରିଦେଇଛନ୍ତି। ଚାପ, ଲୋଭନୀୟ ପ୍ରତିଶ୍ରୁତି ଦେଇ କିମ୍ବା ଅନ୍ୟ କୌଣସି ପ୍ରକାରରେ ବିରୋଧୀ ପ୍ରାର୍ଥୀଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଚାପ ପକାଇଯାଇଛି କି ନାହିଁ ତାହାର ଯାଚ କରାଯିବ। ଏବେ ମୁମ୍ବଇ, କଲ୍ୟାଣ-ଡୋମ୍ବିଭାଲି, ଥାନେର ପିମ୍ପରି-ଚିଞ୍ଚୱାଡକୁ ନେଇ ରାଜନୈତିକ ବାତାବରଣ ଉଷ୍ମ ହୋଇ ଉଠିଛି। ଖାଲି କ୍ଷମତାସୀନ ଦଳର ପ୍ରାର୍ଥୀ କାହିଁକି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଉଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଟଙ୍କା ଏବଂ ଚାପ ପକାଇ ପ୍ରାର୍ଥୀଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ କୁହାଯାଉଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଏଥିରେ ମହାୟୁତିକୁ ରାଜ୍ୟ ନିର୍ବାଚନ କମିଶନ ସହଯୋଗ କରୁଥିବା ବିରୋଧୀ କହିଛନ୍ତି।

ଏବେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ବିଜେପିକୁ ସମାଲୋଚନା କରିଛନ୍ତି। ସେ ବଡ଼ ଅଭିଯୋଗ ଲଗାଇ କହିଛନ୍ତି ଯେ କ୍ଷମତାସୀନ ମହାୟୁତି ପ୍ରଥମେ ଭୋଟ ଚୋରି କରୁଥିଲା, ଆଉ ଏବେ ପ୍ରାର୍ଥୀ ଚୋରି କରୁଛି। ଦେଶରେ ଗଣତନ୍ତ୍ର ଉପରେ ଭିଡ଼ତନ୍ତ୍ରର କବ୍‌ଜା ହୋଇଥିବା ପରି ଲାଗୁଛି। ମହାୟୁତିର ୬୮ ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରିବାକୁ ନେଇ ଉଦ୍ଧବ ଏହି ମନ୍ତବ୍ୟ ଦେଇଛନ୍ତି।

ଅନ୍ୟପଟେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନଏସ) ମୁଖ୍ୟ ରାଜ ଠାକରେ ରବିବାର ୨୦ ବର୍ଷ ପରେ ଶିବସେନା ଭବନରେ ପହଞ୍ଚିଛନ୍ତି। ଏଠାରେ ସେ ଭାଇ ଉଦ୍ଧବଙ୍କ ସହ ମିଶି ନିର୍ବାଚନୀ ଇସ୍ତାହାର ଜାରି କରିଛନ୍ତି। ଏହି ଅବସରରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ପ୍ରାର୍ଥୀଙ୍କୁ ରଦ୍ଦ କରି ପୁଣି ଉକ୍ତ ୱାର୍ଡରେ ନିର୍ବାଚନ କରାଇବାକୁ ଉଦ୍ଧବ ଦାବି କରିଛନ୍ତି। ସେହିପରି ଜାଲିଆତି କରି ଥାନେ ଜିଲ୍ଲାରେ ବିଜେପି ଏବଂ ଶିବସେନାର ୩୨ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିଛନ୍ତି ବୋଲି ଶିବେସନା (ୟୁବିଟି) ଓ ଏମଏନଏସ ଅଭିଯୋଗ କରିଛି। ସାରା ରାଜ୍ୟରେ ୬୮ ପ୍ରାର୍ଥୀ ଜିତିଥିବାବେଳେ ଥାନେରୁ କେବଳ ୩୨ ଜଣ ସାମିଲ ଅଛନ୍ତି। ଏହାର ବୈଧତା ଉପରେ ଉଦ୍ଧବ ଗୋଷ୍ଠୀ ପ୍ରଶ୍ନ ଉଠାଇଛି। ପ୍ରାର୍ଥୀ ଥିଲେ ବି ଭୋଟରଙ୍କୁ ନୋଟା ଚୟନ କରିବାକୁ ସୁଯୋଗ ଦିଆଯିବା ଉଚିତ ବୋଲି କୁହାଯାଇଛି। ୟୁବିଟି ନେତା କେଦାର ଦିଘେ କହିଛନ୍ତି ଯେ କେବଳ କ୍ଷମତାସୀନ ଦଳର ପ୍ରାର୍ଥୀ କାହିଁକି ନିର୍ଦ୍ୱନ୍ଦ୍ୱରେ ଜିତୁଛନ୍ତି? ଯଦି ଏଭଳି ସ୍ଥିତି ପ୍ରକୃତରେ ସୃଷ୍ଟି ହେଉଛି ତେବେ ବିରୋଧୀ ପ୍ରାର୍ଥୀ ବି ଜିତିବା କଥା। ନାଗରିକଙ୍କୁ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରାଯିବା ଅନୁଚିତ। ସେହିପରି ଶିବସେନା ନେତା ସଞ୍ଜୟ ରାଉତ ଅଭିଯୋଗ କରିଛନ୍ତି ଯେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ମହାୟୁତି ପ୍ରାର୍ଥୀଙ୍କୁ ୫ କୋଟି ଟଙ୍କାର ଅଫର ଦେଇଛି। ଜଲଗାଁଓରେ ପ୍ରାର୍ଥୀଙ୍କୁ ୫ କୋଟି ଟଙ୍କା ଥିବା ବ୍ୟାଗ ପଠାଯାଇଥିଲା।

## ଶ୍ରୀକ୍ଷେତ୍ରରେ ବରଗଡ଼ ଧନୁଯାତ୍ରାର କଂସ

# ମହୋଦଧିରେ ସ୍ନାନ କରି ପ୍ରାୟଶ୍ଚିତ କଲେ



**ଶଙ୍କରାଚାର୍ଯ୍ୟଙ୍କଠୁ ଆଶୀର୍ବାଦ ନେଲେ, ମହାପ୍ରଭୁଙ୍କୁ କ୍ଷମା ମାଗିଲେ**

ପୁରୀ, ୪।୧(ସମିସ): ଶନିବାର ଶେଷ ହୋଇଛି ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଛି ଯବନିକା। କଂସ ଭୂମିକାରେ ଅଭିନୟ କରିଥିବା ସୁଶୀଲ ମେହେର ରବିବାର ପୁରୀ ଆସି ପବିତ୍ର ମହୋଦଧିରେ ସ୍ନାନ ସାରି ପ୍ରାୟଶ୍ଚିତ୍ତ କରିଛନ୍ତି। ଅଭିନୟରେ ଭଗବାନ କୃଷ୍ଣ-ବଳରାମଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିନ୍ଦାସୂଚକ ଶବ୍ଦ ପାଇଁ ଅନୁତାପ କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ଏଥିସହ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପାଖରେ ଭୁଲ୍ ସ୍ୱୀକାର କରି ତାଙ୍କଠାରୁ ଆଶୀର୍ବାଦ ନେଇଛନ୍ତି।

ରବିବାର ସୁଶୀଲ ଗୋବର୍ଦ୍ଧନ ପୀଠରେ ପହଞ୍ଚିଥିଲେ। ପୀଠର ଇଷ୍ଟଦେବୀ ମା' ବିମଳା, ଗୋବର୍ଦ୍ଧନ ନାଥଙ୍କ ଦର୍ଶନ କରିଥିଲେ। ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରି ଅଭିନୟରେ କୃଷ୍ଣ-ବଳରାମଙ୍କ ପ୍ରତି ଯେଉଁ କଟୁ ମନ୍ତବ୍ୟ ଦେଇଥିଲେ, ସେଥିପାଇଁ ପଶ୍ଚାତାପ କରି ଆଶୀର୍ବାଦ ନେଇଥିଲେ। ସେଠାରୁ ଯାଇ ମହୋଦଧିରେ ସ୍ନାନ କରିବା ସହ ପଇତା ବିସର୍ଜନ କରିଥିଲେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ଧନୁଯାତ୍ରା ଶେଷ ହେବା ପରେ ଶ୍ରୀକ୍ଷେତ୍ର ଆସିବା ସମ୍ପର୍କରେ ସୁଶୀଲ କହିଛନ୍ତି, ଧନୁଯାତ୍ରାର ଅନ୍ତିମ ଦିବସରେ କୃଷ୍ଣ ବଳରାମଙ୍କ ସହ ମୋର ଯୁଦ୍ଧ ହେଲା। ତ୍ରାହି ପାଇଗଲି ରାକ୍ଷସ ଜନ୍ମରୁ। ଧନୁଯାତ୍ରାର ୧୧ଦିନ ଧରି ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସମସ୍ତେ ଭକ୍ତି କରୁଥିବା ବେଳେ ମୁଁ ତାଙ୍କୁ ଗାଳି, ଈର୍ଷା ଏବଂ କଟୁ ମନ୍ତବ୍ୟ ଦେଇ ବଦନାମ କରିଛି। ମନରେ ହୃଦୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ କୃଷ୍ଣ ରହିଥିଲେ ହେଁ ମୋତେ ଅଭିନୟ କରିବାକୁ ପଡ଼ିଛି। ଏପରିକି, ବଧ କରିବା ଲାଗି ତାଙ୍କ ଉପରକୁ ଖଣ୍ଡା ମଧ ଉଠାଇଛି। ଏହି କଳିଯୁଗରେ ଯଦି ଭଗବାନଙ୍କ ସହ ଏପରି ଆଚରଣ କେହି କରେ, ତେବେ ତାହାଠୁ ବଳି ମହାପାପୀ ଆଉ ଦୁନିଆରେ କେହି ନୁହନ୍ତି। ତେଣୁ ସେହି ପାପରୁ ତ୍ରାହି ପାଇବା ପାଇଁ ଆଜି ମହୋଦଧିରେ ସ୍ନାନ କରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ଆଶୀର୍ବାଦ ନେଇଛି। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପାପରୁ ମୁକ୍ତି ପାଇବା ପାଇଁ କ୍ଷମାପ୍ରାର୍ଥନା କରିଛି ବୋଲି କହିଛନ୍ତି ସୁଶୀଲ।

ଅନ୍ୟପକ୍ଷରେ ପୁରୀକୁ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଆସିଥିବା ଖବର ପାଇବା ପରେ ତାଙ୍କୁ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ମହୋଦଧିରେ ସ୍ନାନ ବେଳେ ପର୍ଯ୍ୟଟକ ତାଙ୍କ ସହ ସେଲ୍‌ଫି ଉଠାଇଥିଲେ। ଶ୍ରୀମନ୍ଦିର ନିକଟରେ ମଧ ଭକ୍ତ ତାଙ୍କୁ ଦେଖୁଥିଲେ।

## ସାତପାହାଚ ଦ୍ୱାର ବନ୍ଦ କରିଦେଲେ ଜେଟିପି

# ମହାପ୍ରଭୁଙ୍କ ଦର୍ଶନରେ ବାଧା, କ୍ଷୋଭ ପ୍ରକାଶ କଲେ ଶ୍ରଦ୍ଧାଳୁ

ପୁରୀ,୪।୧(ସମିସ): ଶ୍ରୀମନ୍ଦିରରେ ପ୍ରୋଟୋକଲ ଦର୍ଶନ ବ୍ୟବସ୍ଥାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଶ୍ରୀମନ୍ଦିର କମାଣ୍ଡର ଏବଂ ସ୍ୱତନ୍ତ୍ର ସୁରକ୍ଷା ବାହିନୀଙ୍କ ମଧ୍ୟରେ କଥା କଟାକଟି ଯୋଗୁଁ ମହାପ୍ରଭୁଙ୍କ ଦର୍ଶନରେ ଉପୁଜିଛି ବାଧା। ଫଳରେ ଜେଟିପି ଅଧ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ସାତପାହାଚ ଦ୍ୱାର ବନ୍ଦ କରିଦେବାରୁ ବହୁ ଶ୍ରଦ୍ଧାଳୁ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଅଧିକାରୀଙ୍କ ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲେ ମଧ କିଛି ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି।

ନୂଆବର୍ଷ ଯୋଗୁଁ ଏବେ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ଏହି ଭିଡ଼କୁ କିପରି ନିୟନ୍ତ୍ରଣ କରି ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବ ସେ ନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ତେବେ ଆଜି ରବିବାର ଯୋଗୁଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଥିଲା। କିନ୍ତୁ, ପ୍ରୋଟୋକଲ ବ୍ୟବସ୍ଥାକୁ ବିରୋଧ କରି ହଠାତ୍ ଏକ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କୀର୍ତ୍ତନ ଚକଡାରେ ବ୍ୟାରିକେଡିଂ ବ୍ୟବସ୍ଥା କରାଯାଇଛି। ୭ ଥାକିଆ ବ୍ୟାରିକେଡ୍ ମଧ୍ୟରେ ଶ୍ରଦ୍ଧାଳୁମାନେ ଧାଡ଼ି କରି ସାତପାହାଚ ଦେଇ ଭିତରକୁ ଯାଇ ଦର୍ଶନ କରିଥାନ୍ତି। ହେଲେ ରବିବାର ଯୋଗୁ ଭିଡ଼ ଥିବାରୁ ଦର୍ଶନ ପାଇଁ ଆସିଥିବା ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, ଏପରିକି ସ୍କୁଲ ଛାତ୍ରଛାତ୍ରୀଙ୍କ ନିମନ୍ତେ ସୁରକ୍ଷା କର୍ମଚାରୀମାନେ ଗୋଟିଏ ଧାଡ଼ି ରଖିଥିଲେ। ସେହି ଧାଡ଼ିରେ ସେମାନଙ୍କୁ ଛାଡୁଥିଲେ। ଅନ୍ୟ କାହାକୁ ସେପେଟ ଯିବାକୁ ଦେଉନଥିଲେ। ଏହି ଖବର ଶ୍ରୀମନ୍ଦିର କମାଣ୍ଡର୍ ସୁଧାଂଶୁ ପଟ୍ଟନାୟକଙ୍କ ପାଖରେ

### କମାଣ୍ଡର-ସୁରକ୍ଷା କର୍ମୀ ମୁହାଁମୁହିଁ

ପହଞ୍ଚିବା ପରେ ସେ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏହି ସ୍ୱତନ୍ତ୍ର ଧାଡ଼ି କ'ଣ ପାଇଁ ରଖାଯାଇଛି ବୋଲି ସୁରକ୍ଷାବାହିନୀଙ୍କୁ ପଚାରିଥିଲେ। ଏହି ପଚରାଉଚରାକ୍ରମେ ଯୁକ୍ତିତର୍କ ଏବଂ କଥାକଟାକଟିରରୂପନେଇଥିଲା।

କମାଣ୍ଡର୍ ଓ ସୁରକ୍ଷାକର୍ମୀଙ୍କ ମଧ୍ୟ ଏଭଳି ଯୁକ୍ତିତର୍କ ହେଉଥିବା ଦେଖି ଜେଟିପିମାନେ ପହଞ୍ଚି ଯାଇଥିଲେ। ଫଳରେ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଜେଟିପିମାନେ ମଧ ସୁରକ୍ଷା କର୍ମୀଙ୍କୁ ବିରୋଧ କରିଥିଲେ। ଏପରିକି, କମାଣ୍ଡରଙ୍କୁ ଠେଲାପେଲା ଏବଂ ଦୁର୍ବ୍ୟହାର କରାଯାଇଥିବା ମଧ ଅଭିଯୋଗ ଉଠିଥିଲା। ଏହି ଘଟଣାକୁ ନେଇ ଜେଟିପିମାନେ ହଠାତ୍ ଜୟବିଜୟ ଦ୍ୱାର ବନ୍ଦ କରିଦେଇଥିଲେ। ଫଳରେ ଭକ୍ତମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରି ନ ଥିଲେ। ଶହ ଶହ ଭକ୍ତ ସାତପାହାଚ ଦ୍ୱାରରେ ଠିଆ ହୋଇରହିଥିଲେ। ପ୍ରାୟ ଅଧଘଣ୍ଟାଏରୁ ଅଧିକ ଭକ୍ତମାନେ ସେମିତି ଠିଆ ହୋଇଥିଲେ। କିଛି ଶ୍ରଦ୍ଧାଳୁ ମଧ ବିଳମ୍ବ ଦେଖି ଦର୍ଶନ ନ କରି ଫେରି ଯାଇଥିଲେ।

ଏଭଳି ବିବାଦ ଏବଂ ଏଥିପାଇଁ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଯାଇପାରୁ ନ ଥିବା ଖବର ପାଇବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ମନ୍ଦିର ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏହାପରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ଉଭୟପକ୍ଷଙ୍କ ସହ ଗାରଦରେ ଆଲୋଚନା କରିଥିଲେ। କାହିଁକି ଏଭଳି ଘଟଣା ଘଟିଲା, ପ୍ରକୃତରେ ଏଥିପାଇଁ କିଏ ଦାୟୀ ସେ ବିଷୟରେ ପଚାରି ବୁଝିଥିଲେ।

ଏ ସମ୍ପର୍କରେ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ କହିଛନ୍ତି, 'କାହାକୁ ଠେଲାପେଲା କିମ୍ବା ଦୁର୍ବ୍ୟହାର କରାଯାଇନାହିଁ। ଏକ ଭୁଲ୍ ବୁଝାମଣା ଯୋଗୁଁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ସମାଧାନ କରାଯାଇଛି'।

ଏଠାରେ ପ୍ରଶ୍ନ ଉଠୁଛି ଯଦି ଶ୍ରୀମନ୍ଦିର କମାଣ୍ଡର ଏବଂ ସୁରକ୍ଷା ବାହିନୀ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଉପୁଜିଲା, ତେବେ କାହିଁକି ସାତପାହାଚ ଦ୍ୱାରା ବନ୍ଦ କରି ଦିଆଗଲା? ଜେଟିପିଙ୍କୁ ଦ୍ୱାର ବନ୍ଦ କରିବାକୁ ଅଧିକାର ଦେଲା କିଏ? ଯଦି ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ପୁଲିସ ଗୋଟିଏ ଧାଡ଼ି ରଖିଲା, ଏ ବିଷୟରେ ଶ୍ରୀମନ୍ଦିର ପ୍ରଶାସନ ଜାଣିଥିଲା ନା ନାହିଁ? ଶୃଙ୍ଖଳିତ ଦର୍ଶନ ପାଇଁ ଯଦି ପୁଲିସ ଏଭଳି ଏକ ପଦକ୍ଷେପ ନେଇଥିଲା ଏଥିରେ କମାଣ୍ଡର ସହମତି ହେଲେ ନାହିଁ କାହିଁକି? ନା ଏହା ପଛରେ ଆଉ କିଛି ଅନ୍ୟ କାରଣ ରହିଛି? ଏଭଳି ଅନେକ ପ୍ରଶ୍ନ ସାଧାରଣ ଭକ୍ତଙ୍କୁ ଆନ୍ଦୋଳିତ କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେବାୟତଙ୍କ ମଧ୍ୟରେ ବିବାଦ ହେଉ କି କର୍ମଚାରୀଙ୍କ ମଧ୍ୟରେ ଅବା ଅନ୍ୟ କୌଣସି କାରଣ ପାଇଁ ଯଦି ଅପ୍ରୀତିକର ପରିସ୍ଥିତି ଉପୁଜୁଛି, ତେବେ ନୀତିକାନ୍ତି ବନ୍ଦ କରିଦିଆଯାଉଛି। ଏହାଦ୍ୱାରା ହଜାର ହଜାର ଭକ୍ତ ପ୍ରଭାବିତ ହେଉଛନ୍ତି। ଏହି ଧାରା ବନ୍ଦ ପାଇଁ ଦାବି ହେଉଛି।

## ଓଡ଼ିଶା ରାଜନୀତିରେ ନୂଆ ବିକଳ୍ପ

# ନୂଆ ଦଳ ଗଢ଼ିବେ ମୋକିମ୍



**'ମଦ ମୁକ୍ତ ଓଡ଼ିଶା' ହେବ ମୁଖ୍ୟ ଆଭିମୁଖ୍ୟ**

କଟକ,୪।୧(ସମିସ): ଓଡ଼ିଶାର ରାଜନୈତିକ ମଇଦାନରେ ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଏବଂ କଂଗ୍ରେସକୁ ଟକ୍କର୍ ଦେବା ପାଇଁ ଏକ ନୂଆ ଆଞ୍ଚଳିକ ଦଳ ଗଠନ କରିବା ନେଇ ଆଜି ମୋକିମ ଫାଉଣ୍ଡେସନ୍‌ର ସ୍ପୋର୍ଟସ କାର୍ଣ୍ଣିଭଲ ଆୟୋଜନ ଅବସରରେ ବରିଷ୍ଠ ରାଜନେତା ମହମ୍ମଦ ମୋକିମ ସ୍ପଷ୍ଟ କରିଛନ୍ତି। ମୋକିମଙ୍କ ଏହି ସୂଚନା ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ମୋକିମଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ଓଡ଼ିଶାରେ ଏକ ବଡ଼ ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତାହାକୁ ପୂରଣ କରିବା ପାଇଁ ଏକ ସ୍ୱଚ୍ଛ ଏବଂ ନୀତିବାନ ବିକଳ୍ପର ଆବଶ୍ୟକତା ରହିଛି। ପ୍ରସ୍ତାବିତ ନୂଆ ଆଞ୍ଚଳିକ ଦଳର ମୁଖ୍ୟ ଲକ୍ଷ୍ୟ 'ନିଶା ନିବାରଣ' ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟରୁ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ମଦ ବିରୋଧୀ ଆନ୍ଦୋଳନକୁ ସେ ପ୍ରାଧାନ୍ୟ ଦେବେ ଏବଂ ଏହି ଅଭିଯାନରେ ସାମିଲ ଥିବା ବ୍ୟକ୍ତିବିଶେଷଙ୍କୁ ଦଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବ। ଅବକାରୀ ବିଭାଗରୁ ମିଳୁଥିବା ରାଜସ୍ୱ କ୍ଷତିକୁ ଖଣି ବିଭାଗରୁ ଭରଣା କରାଯାଇପାରିବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ଏହାସହ ସେ ଲୋକଙ୍କୁ ମାଗଣା ଯୋଜନାରେ ଅଭ୍ୟସ୍ତ ନ କରାଇ ସେମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ଉଦୀୟମାନ ଯୁବ ଓ ଛାତ୍ର ସମାଜକୁ ଦଳର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମୋକିମଙ୍କ କହିବା ଅନୁଯାୟୀ, ରାଜ୍ୟରେ ବିଜେପି ସୁଶାସନ ଦେବାରେ ବିଫଳ ହୋଇଛି ଶାସନକୁ ଆସିବା ପରେ ମଧ ଲୋକଙ୍କ ଆଶା ପୂରଣ ହୋଇପାରିନଥିବା ବେଳେ ବିଜେଡି-କଂଗ୍ରେସକୁ ମଧ ସେ ସମାଲୋଚନା କରିଛନ୍ତି। ଓଡ଼ିଶାର ସାଧାରଣ ଜନତା ଏବେ ଏକ ନୂଆ ମୁହଁ ଓ ନୂଆ ଚିନ୍ତାଧାରାର ଅପେକ୍ଷାରେ ଅଛନ୍ତି।

ସୂଚନାଯୋଗ୍ୟ, ମୋକିମଙ୍କ ଏହି ନିଷ୍ପତ୍ତି ପଛରେ ତାଙ୍କର ଦୀର୍ଘ ଦିନର ଅସନ୍ତୋଷ ଏବଂ ସାମ୍ପ୍ରତିକ ସ୍ଥିତି ବଡ଼ କାରଣ ସାଜିଛି। କଂଗ୍ରେସ ଦଳରେ ଥାଇ ମଧ ସେ ଅନେକ ସମୟରେ ଦଳୀୟ ଶୃଙ୍ଖଳା ଓ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଉଥିଲେ। ୨୦୨୨ ରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସର ନିଷ୍ପତ୍ତି ବିରୋଧରେ ଯାଇ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରି ସେ ଚର୍ଚ୍ଚାକୁ ଆସିଥିଲେ। ଏଥିପାଇଁ ତାଙ୍କୁ ଦଳ ପକ୍ଷରୁ କାରଣଦର୍ଶାଅ ନୋଟିସ୍ ମଧ ଜାରି କରାଯାଇଥିଲା। ଦଳ ମଧ୍ୟରେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଆଧିପତ୍ୟ ଏବଂ ସାଙ୍ଗଠନିକ ଦୁର୍ବଳତା ଯୋଗୁଁ ସେ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ମୋକିମଙ୍କ ଏହି ନୂଆ ଦଳ ଆଗାମୀ ନିର୍ବାଚନରେ ଓଡ଼ିଶାର ତିନୋଟି ମୁଖ୍ୟ ଶକ୍ତିର ଭୋଟ୍ ବ୍ୟାଙ୍କ୍‌କୁ କିପରି ପ୍ରଭାବିତ କରିବ, ସେ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

■ ମଦ ବେପାରୀଙ୍କ ଠାରୁ ୪୦ହଜାର ଲାଞ୍ଚ

# ଭିଜିଲାନ୍ସ ପଞ୍ଝାରେ ଥାନା ଅଧିକାରୀ



ଭୁବନେଶ୍ୱର, ୪।୧(ସମିସ): ମଦ ବେପାରୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟ କୁମାର ବାରିକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଭବିଷ୍ୟତରେ କୌଣସି ପ୍ରକାର ବ୍ୟାବସାୟିକ ଅସୁବିଧା ନ ହେବାର ପ୍ରତିଶ୍ରୁତି ଦେଇ ସେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କ ପାଖରୁ ୪୦ହଜାର ଟଙ୍କା ଲାଞ୍ଚ ନେଉଥିଲେ। ରାଜମହଲ ଛକ ନିକଟରେ ଏହି କାରବାର ଚାଲିଥିବା ବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲା। ଏହାସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସର ୪ଟି ଟିମ୍ ଏକକାଳୀନ ବିଜୟଙ୍କ ୪ଟି ଠିକଣା ଉପରେ ଚଢ଼ଉ କରି ନଗଦ ୫ଲକ୍ଷ ଟଙ୍କା ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ସଂଧ୍ୟାରେ ତାଙ୍କୁ ଗିରଫ କରଯାଇଛି ଏବଂ ଆସନ୍ତାକାଲି କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ସୂଚନାନୁଯାୟୀ, କଟକ ସହର ଉପକଣ୍ଠ ସିଆର୍‌ଆର୍‌ଆଇ ଥାନା ଅଧୀନରେ ଜଣେ ବ୍ୟବସାୟୀ ଏକ ଲାଇସେନ୍ସପ୍ରାପ୍ତ ମଦ ଦୋକାନ କରିଛନ୍ତି। ବିଜୟ ବିଭିନ୍ନ ସମୟରେ ତାଙ୍କୁ ବଟି ମାଗୁଥିଲେ। ଭୋଜିଠାରୁ ଆରମ୍ଭ କରି ବ୍ୟକ୍ତିଗତ ଆବଶ୍ୟକତା ବେଳେ ସେ ଉକ୍ତ ବ୍ୟବସାୟୀଙ୍କୁ ବଟି ମାଗୁଥିଲେ। ମନା କଲେ, ଦୋକାନୀଙ୍କ ଉପରେ ବିଭିନ୍ନ ପ୍ରକାରର ଚାପ ପକାଇବା ସହ ଧମକ ମଧ ଦେଉଥିଲେ। ତେବେ ଦିନକୁ ଦିନ ତାଙ୍କ ଶୋଷଣ ବଢ଼ି ଚାଲିବାରୁ ବ୍ୟବସାୟୀଜଣଙ୍କ ଅନ୍ୟ କୌଣସି ଉପାୟ ନ ପାଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ବିଜୟଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ମାସିକ ବଟି ବାବଦ ୪୦ ହଜାର ଟଙ୍କା ଦେବାକୁ ବ୍ୟବସାୟୀଜଣଙ୍କ ରବିବାର ବିଜୟଙ୍କ କହିବା ମୁତାବକ ଭୁବନେଶ୍ୱର ଆସିଥିଲେ। ରାଜମହଲ ଛକରେ ବିଜୟ ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ପରେ ତାଙ୍କର ୟୁନିଟ୍-୧ସ୍ଥିତ ସରକାରୀ ବାସଭବନ ସମେତ ୪ଟି ଠିକଣାରେ ଭିଜିଲାନ୍ସ ଚଢ଼ଉ କରିଥିଲା। ପ୍ରାଥମିକ ତଦନ୍ତରୁ ଭିଜିଲାନ୍ସ ଜାଣିବାକୁ ପାଇଛି ଯେ ମାତ୍ର ସ୍ୱଳ୍ପଦିନର ଚାକିରି ମଧ୍ୟରେ ବିଜୟ ଭୁବନେଶ୍ୱର ଶିଶୁପାଳଗଡ଼ରେ ୩ ମହଲା ବିଶିଷ୍ଟ ଏକ ଘର କରିଛନ୍ତି। ସେହିପରି କେନ୍ଦ୍ରାପଡ଼ାସ୍ଥିତ ପୈତୃକ ଗ୍ରାମରେ ଏକ ନିର୍ମାଣଧୀନ ଘର, ୟୁନିଟ୍-୧ସ୍ଥିତ ସରକାରୀ ବାସଭବନରୁ ନଗଦ ୫ଲକ୍ଷ ଟଙ୍କା ଠାବ କରାଯାଇଛି।

# ୬ରୁ ପୁଣି ବଢ଼ିବ ଶୀତ



**ଆଉ ୩ଦିନ ଘନ କୁହୁଡ଼ି**

ଭୁବନେଶ୍ୱର,୪।୧(ସମିସ): ରାଜ୍ୟକୁ ପୁଣି ଫେରିବ ଶୀତ। ୬ ତାରିଖରୁ ତାପମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବ। ଫଳରେ ଶୀତ ବଢ଼ିବ। ବର୍ତ୍ତମାନ ଓଡ଼ିଶା ଉପରେ ଏକ ପଶ୍ଚିମାଝଡ଼ର ପ୍ରଭାବ ରହିଥିବାରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି। ୩ ଦିନ ହେଲା ଶୀତର ପ୍ରକୋପ ସାମାନ୍ୟ ହ୍ରାସ ପାଇଛି। କିନ୍ତୁ ୬ ତାରିଖରୁ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ। ତାପମାତ୍ରା ୪-୫ ଡିଗ୍ରୀ ହ୍ରାସ ପାଇବ ଓ ପୁଣି ଶୀତ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ପଡ଼ୋଶୀ ଝାଡ଼ଖଣ୍ଡରେ ତାପମାତ୍ରା ଖସିବା ସହ ସେଠାରେ ଶୀତ ଲହରୀ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଓଡ଼ିଶାରେ ମଧ ଏହି ସ୍ଥିତି ନେଇ ପାଗ ଅନୁକୂଳ ରହିଛି। ସେହିପରି ପଶ୍ଚିମାଝଡ଼ ସହ ଆର୍ଦ୍ରତାର ପରିମାଣ ଅଧିକ ଥିବାରୁ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କୁହୁଡ଼ି ସ୍ଥିତି ଲାଗି ରହିଛି। କୁହୁଡ଼ି ଯୋଗୁଁ ଅଧିକାଂଶ ସ୍ଥାନରେ ଦୃଶ୍ୟମାନ କ୍ଷମତା ହ୍ରାସ ହୋଇ ୫୦-୧୦୦ ମିଟରରୁ ବି କମ୍ ରହୁଛି। ଫଳରେ ସକାଳ ସମୟରେ ରାସ୍ତାଘାଟ ଦେଖାଯାଉ ନଥିବାରୁ ଯାନବାହନ ଚଳାଚାଳରେ ବ୍ୟାହତ ସୃଷ୍ଟି ହୋଇଛି। ଆହୁରି ୩ ଦିନ ଯାଏ ଏଭଳି ଘନ କୁହୁଡ଼ି ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଉପଗ୍ରହରୁ ମିଳିଥିବା ସୂଚନାନୁଯାୟୀ, ରବିବାର ସକାଳୁ ଉତ୍ତର ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ସହ ଦକ୍ଷିଣରେ ଖୋର୍ଦ୍ଧା, ପୁରୀ ଏବଂ ନୟାଗଡ଼ ଜିଲ୍ଲାର କିଛି ଅଞ୍ଚଳରେ କୁହୁଡ଼ି/ବାୟୁମଣ୍ଡଳର ନିମ୍ନଭାଗରେ ତଳୁଆ ମେଘ ସମୂହର ଆସ୍ତରଣ ଦେଖିବାକୁ ମିଳିଛି। ସୋମବାର ରାତିରୁ ମଙ୍ଗଳବାର ସକାଳ ମଧ୍ୟରେ ଯାଜପୁର ଓ ନୟାଗଡ଼ରେ ଅତି ଘନ କୁହୁଡ଼ି ଆଶଙ୍କା ରହିଥିବା ବେଳେ ଖୋର୍ଦ୍ଧା, କଟକ, ଗଞ୍ଜାମ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରେ ମଧ ଘନକୁହୁଡ଼ି ଆଶଙ୍କା କରାଯାଇଛି।

# 'ଆମ ବସ୍' ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ



■ ଦୁର୍ଘଟଣା ରୋକିବାକୁ ଲେନ୍ ଡ୍ରାଇଭିଂ ବାଧ୍ୟତାମୂଳକ
■ ଡ୍ରାଇଭର ନିଯୁକ୍ତି ପ୍ରକ୍ରିୟାକୁ କଡ଼ାକଡ଼ି କରାଯିବ

ଭୁବନେଶ୍ୱର,୪।୧(ସମିସ): 'ଆମ ବସ୍' ଦୁର୍ଘଟଣାରେ ରାଜଧାନୀରେ ଦୁଇ ଜଣଙ୍କ ଜୀବନ ଯିବା ପରିପ୍ରେକ୍ଷୀରେ ଆମ ବସ୍ ସେବାର ସୁରକ୍ଷା, ପରିଚାଳନା ଏବଂ ପରିଚାଳନା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଗୃହ ଏବଂ ନଗର ଉନ୍ନୟନ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ପାଞ୍ଚ ସଦସ୍ୟ ବିଶିଷ୍ଟ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। ଯାହା ନିୟମିତ ତଦାରଖ, ପରିଚାଳନା ଶୃଙ୍ଖଳାରେ ଉନ୍ନତି ଏବଂ ଆମ ବସ୍ ସେବାର ସୁରକ୍ଷା ବୃଦ୍ଧି ପ୍ରତି ଦୃଷ୍ଟି ଦେବ। ଏହି କମିଟିରେ ପରିବହନ କମିଶନର, ଡିସିପି, ଟ୍ରାଫିକ୍ ଡିସିପି ଏବଂ କ୍ରୁଟର ଜଣେ ବରିଷ୍ଠ ଅଧିକାରୀ ରହିଛନ୍ତି।

ଏହି କମିଟି ପ୍ରତି ୧୫ ଦିନରେ ଥରେ ବୈଠକ କରିବ। ଜରୁରୀ ସମସ୍ୟାଗୁଡ଼ିକର ସମୀକ୍ଷା କରିବ। ଶ୍ରୀମତୀ ପାଢୀ କହିଛନ୍ତି ପରିଚାଳନା ଦକ୍ଷତା ଏବଂ ଶେଷ ମାଇଲ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଆମ ବସ୍ ତାଲିକାରେ ଅତିରିକ୍ତ ମିନି ବସ୍ ଯୋଡାଯିବ। ଡ୍ରାଇଭର ନିଯୁକ୍ତି ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯିବ। ନୂତନ ଭାବରେ ନିଯୁକ୍ତି ପାଇଥିବା ଡ୍ରାଇଭରମାନଙ୍କୁ ଉତ୍ତମ ତାଲିମ ଦିଆଯିବ। ସାମିଲ ହେବା ପୂର୍ବରୁ, ଡ୍ରାଇଭିଂ ଦକ୍ଷତା, ସଡ଼କ ସୁରକ୍ଷା ସଚେତନତା, ଲେନ୍ ଡ୍ରାଇଭିଂ ଏବଂ ଆଚରଣଗତ ମାନଦଣ୍ଡ ମୂଲ୍ୟାଙ୍କନ ପାଇଁ ଏକ ବାଧ୍ୟତାମୂଳକ ପାଞ୍ଚ ଦିନିଆ ମୂଲ୍ୟାଙ୍କନ ଏବଂ ପରୀକ୍ଷଣ ପ୍ରଦାନ କରାଯିବ। ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ମାନଦଣ୍ଡର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଆଗାମୀ ଏକ ମାସ ଲାଗି ସାମଗ୍ରିକ ପରିଚାଳନା ଉପରେ କଡ଼ା ନଜର ରଖାଯିବ। ରୂପାଲି ଦୁଃଖଦ ଘଟଣାକୁ "ଅତ୍ୟନ୍ତ ଦୁର୍ଭାଗ୍ୟଜନକ' ବୋଲି ଶ୍ରୀମତୀ ପାଢୀ କହିଛନ୍ତି। ଏହି ଘଟଣାର ପୁନରାବୃତ୍ତିକୁ ରୋକିବା ପାଇଁ ପ୍ରତ୍ୟେକ ସମ୍ଭାବ୍ୟ ପଦକ୍ଷେପ ନିଆଯିବ। ଗତ ବର୍ଷ ଫେବୃଆରୀରୁ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଆମ ବସ୍ ସମ୍ପର୍କିତ ଦୁର୍ଘଟଣାରେ ୭ ଜଣ ପ୍ରାଣ ହରାଇଛନ୍ତି। ୯୭ଆହତ ହୋଇଛନ୍ତି। ଟ୍ରାଫିକ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ, ଆମ ବସ୍ ସେବା ପାଇଁ ଲେନ୍ ଡ୍ରାଇଭିଂକୁ ବାଧ୍ୟତାମୂଳକ କରାଯାଇଛି। ପୁଲିସ ଏବଂ ଟ୍ରାଫିକ୍ ପୁଲିସ ସ୍ମାର୍ଟସିଟି ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଆମ ବସ୍‌ଗୁଡ଼ିକର ଗତିବିଧି ଉପରେ ନଜର ରଖିବେ। ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଟ୍ରାଫିକ୍ ଡିସିପି ତପନ ମହାନ୍ତି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଚେତା ପଶିଲା

# ଯାଞ୍ଚ କଡ଼ାକଡ଼ି କଲା ଏସ୍‌ଟିଏ

ଭୁବନେଶ୍ୱର,୪।୧(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ 'ଆମ ବସ୍' ବାରମ୍ବାର ଦୁର୍ଘଟଣା ଘଟାଉଛି ଓ ଏହାଦ୍ୱାରା ଅନେକ ଲୋକଙ୍କ ଜୀବନ ଯାଉଛି। ହେଲେ ଏହାକୁ ନେଇ ବସ୍ ପରିଚାଳନାକାରୀ ସଂସ୍ଥା 'କ୍ରୁଟ'ଓ ପରିବହନ ବିଭାଗ ସର୍ବଦା କୋହଳ ମନୋଭାବ ପୋଷଣ କରି ଆସିଛନ୍ତି। ମାତ୍ର ନିକଟରେ ମୋ ବସ୍ ଦ୍ୱାରା ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ପରେ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ପରେ ପରିବହନ ବିଭାଗ ତତ୍ପର ହୋଇଛି। ଏହି ଆଧାରରେ ଆଜି "ଆମ



ବସ୍'ରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। "ଆମ ବସ୍' ଚଳାଚଳ କରୁଥିବା ରାଜ୍ୟର ସମସ୍ତ ସ୍ଥାନରେ ଯାଞ୍ଚ ହୋଇଥିବା ବେଳେ ଭୁବନେଶ୍ୱରରେ ନିଜେ ପରିବହନ ଆୟୁକ୍ତ ଅମିତାଭ ଠାକୁର ସ୍ୱତନ୍ତ୍ର ଦଳ ସହ ମାଷ୍ଟରକ୍ୟାଣ୍ଟିନ ଡିପୋରେ ଯାଞ୍ଚ କରିଛନ୍ତି।

ଏହାସହିତ ଗାଡ଼କଣ, ଚନ୍ଦ୍ରଶେଖରପୁରରେ ମଧ କଡ଼ାକଡ଼ି ଯାଞ୍ଚ ହୋଇଥିଲେ। କେବଳ ଡିପୋ ନୁହେଁ, ବସ୍ ଷ୍ଟପେଜରେ ମଧ ଯାଞ୍ଚ କରାଯାଉଛି। ସେହିଭଳି କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲାରେ ମଧ ଆମ୍ ବସ୍‌ର ଯାଞ୍ଚ ଜାରି ରହିଛି। ବସ୍ ଫିଟନେସ୍, ଚାଳକ ମଦ୍ୟପାନ କରିଛନ୍ତି କି, ମାନସିକ ଓ ଶାରୀରିକ ସ୍ଥିତି, ସଡ଼କ ସୁରକ୍ଷାର ସମସ୍ତ ନିୟମ ପାଳନ କରାଯାଉଛି କି ନାହିଁ ଇତ୍ୟାଦି ବିଷୟକୁ ଯାଞ୍ଚ ବେଳେ ଗୁରୁତ୍ୱ ଦିଆଯାଇଥିବା ନେଇ ପରିବହନ ବିଭାଗ କହିଛି। ବ୍ରେଥ୍ ଆନାଲାଇଜର୍ ସହାୟତାରେ ଡ୍ରାଇଭରମାନେ ମଦ ପିଇଛନ୍ତି କି ନାହିଁ ଯାଞ୍ଚ କରାଯାଇଥିବା ବେଳେ ଚାଳକ ମାନସିକ ଓ ଶାରିରୀକ ଭାବରେ ଗାଡ଼ି? ଚଳାଇବାକୁ ଫିଟ୍ କି ନୁହେଁ, ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

କାହିଁକି ଏଭଳି ଦୁର୍ଘଟଣା ଘଟୁଛି, କିଭଳି ଏହାର ନିରାକରଣ କରାଯାଇପାରିବ ସେନେଇ ମଧ ପରିବହନ ଆୟୁକ୍ତ ଚାଳକଙ୍କଠାରୁ ମତାମତ ନେଇଛନ୍ତି। ପରିବହନ ଆୟୁକ୍ତ କହିଛନ୍ତି, ଏଭଳି ଯାଞ୍ଚ ନିୟମିତ କରାଯିବ। ସରକାରଙ୍କ ନିର୍ଦ୍ଦେଶରେ ଆମ ବସ୍ ଚଳାଚଳ କରୁଥିବା

■ ରାଜ୍ୟବ୍ୟାପୀ ଯାଞ୍ଚ କରୁଛନ୍ତି ଆରଟିଓ ଟିମ୍
■ ଡିପୋ ଓ ଷ୍ଟପେଜରେ ନିୟମିତ ଯାଞ୍ଚ ଯୋଜନା

ସମସ୍ତ ଅଞ୍ଚଳର ଆରଟିଓମାନଙ୍କୁ ଏହା ଅବଗତ କରାଯାଇଛି। ଯାଞ୍ଚର ପ୍ରଥମ ଦିନରେ ସଂଧ୍ୟା ୭ଟା ସୁଦ୍ଧା, ଭୁବନେଶ୍ୱରରେ ୫୦ରୁ ଊର୍ଦ୍ଧ୍ୱ ବସ୍ ଯାଞ୍ଚ କରାଯାଇଥିବା ବେଳେ କଟକରେ ନେତାଜୀ ବସ୍ ଟର୍ମିନାଲରେ ୩୨ଟି ଆମ ବସ୍, ବିଜୁ ପଟ୍ଟନାୟକ ଛକରେ ୧୩, ନରାଜରେ ୪୭ଟି ବସ, ରାଉରକେଲାରେ ପାନପୋଷ ଛକରେ ୨୦, ମ୍ୟୁନିସିପାଲିଟି ଛକରେ ୨୨, ବଲୁଘାଟ ଛକରେ ୬ଟି, ପୁରୀରେ ୧୨ ଓ ଗଂଜାମରେ ୧୦ରୁ ଅଧିକ ବସରେ ଯାଞ୍ଚ କରାଯାଇଛି। ସମ୍ବଲପୁରରେ ୧୫ରୁ ଅଧିକ ବସରେ ଯାଞ୍ଚ କରାଯାଇଛି।

# ପ୍ରଦୂଷଣ ରୋକିବ ଗୋବର: ମନ୍ତ୍ରୀ

ଭୁବନେଶ୍ୱର,୪।୧(ସମିସ): ପ୍ରଦୂଷଣ ରୋକିବ ଗାଈ ଗୋବର। ଗୋବର କାଠର ବହୁଳ ବ୍ୟବହାର କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏହାଦ୍ୱାରା ପ୍ରଦୂଷଣରେ ରୋକ୍ ଲଗାଇବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଶବ ଦାହ ପାଇଁ ଗୋବର କାଠ ବ୍ୟବହାର କରାଯାଉଛି। ନୂଆପଡ଼ା, ଚୌଦ୍ୱାର, ଅନୁଗୋଳ ଓ ସତୀଚଉରା ଶ୍ମଶାନରେ ଗୋବରରେ ଶବଦାହ କରାଯାଉଛି। ପୁରୀ ସ୍ୱର୍ଗଦ୍ୱାରରେ ଗୋବର କାଠ ବ୍ୟବହାର ନେଇ ଆଲୋଚନା ହୋଇଛି। ଅପରପକ୍ଷେ, ଏହାଦ୍ୱାରା ଆଉ ଗଛ ମଧ କାଟିବାକୁ ପଡ଼ିବ ନାହିଁ। ସାଧାରଣତଃ ଶବଦାହ ପାଇଁ ଲୋକେ ଗଛ ଉପରେ ନିର୍ଭରଶୀଳ। କିନ୍ତୁ ଗୋବର କାଠର ବ୍ୟବହାର ଦ୍ୱାରା ଗଛ କାଟିବା ବନ୍ଦ ହେବା ସହ ଜଙ୍ଗଲ ସଂରକ୍ଷଣ ମଧ ହୋଇପାରିବ। ଗୋବର ଆମର ଧାର୍ମିକ ଭାବନା ସହିତ ଜଡ଼ିତ। କମ ବ୍ୟୟରେ ଏହାକୁ ଉପଯୋଗ କରିହେବ। ଆଗକୁ ଏହାର ଆହୁରି ପ୍ରଚାରପ୍ରସାର ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ଏହାବ୍ୟତୀତ, ରାଜ୍ୟରେ ବର୍ତ୍ତମାନ ଏମ୍‌ଏସ୍‌ଏମ୍‌ଇରେ ଦୁଇଜଣ ଉଦ୍ୟୋଗୀ ଗୋବରରୁ ରଙ୍ଗ ତିଆରି କରୁଛନ୍ତି। ଏହାର ଆଦୃତ ବଢ଼ିଚାଲିଥିବା ନେଇ ମନ୍ତ୍ରୀ କହିଛନ୍ତି।

# ଶିମିଳିପାଳରେ ପର୍ଯ୍ୟଟକ ଦେଖିଲେ ମେଲାନିଷ୍ଟିକ୍ କଳା ବାଘ

ବାରିପଦା, ୪।୧(ସମିସ):ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବମଣ୍ଡଳ ଭାବେ ପ୍ରସିଦ୍ଧି ଲାଭ କରିଥିବା ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମେଲାନାଷ୍ଟିକ କଳା ବାଘଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। କଳା ବାଘ ବିଚରଣ କରୁଥିବାର ଭିଡିଓ ପୁଣି ସାମ୍ନାକୁ ଆସିଛି।

**ବାଘ ରାସ୍ତା ପାର ହେବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ**

ଅଭୟାରଣ୍ୟକୁ ଆସିଥିବା ପର୍ଯ୍ୟଟକ ସଫାରୀ ଗାଡ଼ିରେ ଯାଉଥିବା ସମୟରେ ରାସ୍ତା ପାରି ହେବା କଳାବାଘର ଦୃଶ୍ୟ ଉତ୍ତୋଳନ କରିଥିଲେ। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିରଳ ମେଲାନିଷ୍ଟ ପ୍ରଜାତିର କଳାବାଘ କେବଳ ଶିମିଳିପାଳରେ ଥିବା ବେଳେ ପର୍ଯ୍ୟଟକଙ୍କ ସମ୍ମୁଖର ଚିତ୍ର ଅତ୍ୟନ୍ତ ମନୋରମ ରହିଛି। ଏହାକୁ ନେଇ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

କିଛି ଦିନ ତଳେ ବାଘଛୁଆ ବିଚରଣ କରୁଥିବାର ଭିଡିଓ ପୂର୍ବତନ ପିସିସିଏଫ୍ ସେୟାର୍ କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ପରେ କାଠମାଫିଆ ଓ ଶିକାରୀଙ୍କ



ଲୋଲୁପଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି।

## ସୁକିନ୍ଦା ମିଡିଆ କପ୍ ଉଦ୍‌ଯାପିତ

# ପ୍ରେସ୍ କ୍ଲବ ଓ ଡୁବୁରୀ କଲେଜ ଚାମ୍ପିଅନ

ସୁକିନ୍ଦା,୪।୧(ସମିସ)

ଷଷ୍ଠ ସୁକିନ୍ଦା ମିଡିଆ କପ୍‌ର ଫାଇନାଲ ମ୍ୟାଚରେ ଟିଭି ରିପୋର୍ଟର୍ସ୍ ଆସୋସିଏସନ୍ ଯାଜପୁରକୁ ହରାଇ ସୁକିନ୍ଦା ପ୍ରେସ୍ କ୍ଲବ୍ ଚାମ୍ପିଅନ ହୋଇଛି। ସେହିପରି ଅନୁଷ୍ଠିତ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ସୁକିନ୍ଦା ମହାବିଦ୍ୟାଳୟକୁ ହରାଇ କପିଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡୁବୁରୀ ଚଳିତ ବର୍ଷର ଚାମ୍ପିଅନ ବିବେଚିତ ହୋଇଛି। ସୁକିନ୍ଦା ମିଡିଆ କପ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଟସ୍ ଜିତି ସୁକିନ୍ଦା ପ୍ରେସ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୫୨ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅବିନାଶ ଦେହୁରୀ ସର୍ବାଧିକ ୩୦ ବଲରେ ୯୨ ରନ ଓ ସୌମ୍ୟରଞ୍ଜନ ୧୬ ସଂଗ୍ରହ କରିଥିଲେ। ଏହାର ଜବାବରେ ଯାଜପୁର ମିଡିଆ ଏକାଦଶ ନିର୍ଦ୍ଧାରିତ ୧୨ ଓଭରରେ ୭ ୱିକେଟ ହରାଇ ୯୦ ରନ୍ ସଂଗ୍ରହ କରି ପରାଜୟ ସ୍ୱୀକାର କରିଥିଲା। ଦଳ ପକ୍ଷରୁ ଜ୍ଞାନରଞ୍ଜନ ଓଝା ସର୍ବାଧିକ ୪୨ ରନ ସଂଗ୍ରହ କରିଥିଲେ।



ସେହିପରି ମହିଳା ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଟସ୍ ଜିତି ସୁକିନ୍ଦା କଲେଜ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୬୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କପିଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିର୍ଦ୍ଧାରିତ ୧୨ ଓଭରରେ ୪ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟ ଲାଭ କରି ଚାମ୍ପିଅନ ହୋଇଛି। ଦ୍ୱିଦିବସୀୟ ସୁକିନ୍ଦା ମିଡିଆ କପ୍ ଟୁର୍ଣ୍ଣାମେଣ୍ଟରେ କ୍ଲବର ସଭାପତି ବିଶ୍ୱଜିତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମିଡିଆ କପର ବିଜେତା ସୁକିନ୍ଦା ପ୍ରେସ୍ କ୍ଲବକୁ ଚାମ୍ପିଅନ ଓ ଯାଜପୁର ମିଡିଆ ଏକାଦଶକୁ ରନର୍ସ ଅପ୍ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବାଲେଶ୍ୱର ଆଲଏଜର ସଭାପତି ସୁଧାଂଶୁ ପାଟନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହିଳା ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଡୁବୁରୀ କଲେଜ ଓ ରନର୍ସ ଅପ୍ ସୁକିନ୍ଦା କଲେଜ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ସିରିଜ ଭାବେ ଅନୁସୂୟା ସେଠୀ, ମ୍ୟାନ ଅଫ ଦ ମ୍ୟାଚ ଲକ୍ଷ୍ମୀପ୍ରିୟା ବାନାରା ପୁରସ୍କୃତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଅଜୟ ସେଠୀ ଓ ବିଭୁଦତ୍ତ ଦାଶ ପରିଚାଳନା କରିଥିଲେ। ପ୍ରେସ୍ କ୍ଲବ ପକ୍ଷରୁ ସଂପାଦକ ନୀଳମାଧବ ନାୟକ, ରବୀନ୍ଦ୍ର ସାମଲ, ବିମଳେନ୍ଦୁ ବେହୁରା, ସତ୍ୟଜିତ ଦାଶ, ନିହାରକାନ୍ତ ପାତ୍ର, ମନୋଜ ନାୟକ, ସେକ୍ ଜହୁରୁ, ସୌମ୍ୟରଞ୍ଜନ ବାରିକ, ସରୋଜ ନାୟକ, କପିଳେନ୍ଦ୍ର ମହାନ୍ତ, ଅସିତ ମହାନ୍ତ, ଲମ୍ବୋଦର ଦଳଚେହେରା, ସଂଜୀବ ମହାନ୍ତ, ବିଶ୍ୱନାଥ ସାହୁ, ମଧୁସୂଦନ ବାରିକ, ଶେଖ୍ ଇରଫାନ, ସାଗର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

● ଜମିବାଡ଼ି ବିବାଦରୁ ହଜିଗଲା ମାନବିକତା

# ମୃତଦେହକୁ ସଂସ୍କାର ପାଇଁ ମନା କଲେ ପଡ଼ୋଶୀ

ବିଞ୍ଝାରପୁର,୪।୧(ସମିସ): ବିଞ୍ଝାରପୁର ଅଞ୍ଚଳରେ ଜମିବାଡି ବିବାଦ ଯୋଗୁଁ ହଜିଗଲା ମାନବିକତା। ମୃତ୍ୟୁର ପ୍ରାୟ ଚବିଶ ଘଣ୍ଟାରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଶ୍ମଶାନକୁ ସଂସ୍କାର ପାଇଁ ଛାଡ଼ିଲେନି ପଡୋଶୀ। ଯାହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ ମୃତକଙ୍କ ପରିବାର ଲୋକେ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଶାସଦା ପଞ୍ଚାୟତରେ। ସୂଚନା ଅନୁଯାୟୀ ଶାସଦା ଗ୍ରାମର ସେକ୍ ଅବଦୁଲ ରସିଦଙ୍କ ମା'ଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମୃତଦେହକୁ କବର ଦେବା ପାଇଁ କବରସ୍ଥାନକୁ ନେବା ପାଇଁ ପରିବାର ଲୋକେ ପ୍ରସ୍ତୁତି ହେଉଥିଲେ। କିନ୍ତୁ ସେହି ଗ୍ରାମର କିଛି ଲୋକ ଏହାକୁ ବାରଣ କରିଥିଲେ। କାରଣ ପୂର୍ବରୁ ଉଭୟଙ୍କ ମଧ୍ୟରେ ଜମିଜମାକୁ ନେଇ କିଛି ବିବାଦ ଲାଗିରହିଥିଲା। ତେଣୁ ସମସ୍ୟାର ସମାଧାନ ପାଇଁ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରିବା ପରେ ସକାଳୁ ସକାଳୁ ବିଞ୍ଝାରପୁର ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଞ୍ଝାରପୁର ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା କିଛି ସୁଫଳ ମିଳିନଥିଲା। ଶେଷରେ ମୃତ୍ୟୁର ପ୍ରାୟ ତିରିଶ ଘଣ୍ଟା ପରେ ପରିବାର ଲୋକେ ନିଜ ଜାଗାରେ ମୃତଶରୀରକୁ କବର ଦେଇଥିଲେ। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କବର ସ୍ଥାନଟି ଜଣଙ୍କ ବ୍ୟକ୍ତିଗତ ଜାଗା ହୋଇଥିବାରୁ ସେ ଏହି ବ୍ୟକ୍ତିଙ୍କୁ ସେ ସ୍ଥାନରେ କବର ଦେବାକୁ ବାରଣ କରିଥିଲେ।

## ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ସୁକିନ୍ଦା,୪।୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକ ଉପଲକ୍ଷେ ହେବାକୁ ଥିବା ହିନ୍ଦୁ ସମ୍ମିଳନୀ ପାଇଁ ସୁକିନ୍ଦା ଅଶୋକଝରପଡ଼ିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ ଓ ୨୪ ତାରିଖ ଦୁଇଦିନ ଧରି ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେବାର ଯୋଜନା ରହିଛି। ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସୁକିନ୍ଦା ଖଣ୍ଡର ହିନ୍ଦୁ ସମ୍ମିଳନୀ ସଂଯୋଜକ ପଦ୍ମନାଭ ମଲ୍ଲିକ, ଖଣ୍ଡ କାର୍ଯ୍ୟବାହ ବାଉରୀବନ୍ଧୁ ବାରିକ, ସ୍ୱୟଂସେବକ ସବ୍ୟସାଚୀ ବଳସାମନ୍ତ, ବନବାସୀ କଲ୍ୟାଣ ଆଶ୍ରମ ଜିଲ୍ଲା ସଭାପତି ପ୍ରସାନ୍ତ କୁମାର ସ୍ୱାଇଁ, ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସତ୍‌ସଙ୍ଗ ପ୍ରମୁଖ ମାନସ ବାରିକ, ସ୍ୱୟଂସେବକ ପ୍ରତାପ କେଶରୀ ପଟ୍ଟନାୟକ, ରଶ୍ମୀରଞ୍ଜନ ବେହୁରା, ଆଲୋକ ମହାନ୍ତି, ଦିଲ୍ଲୀପ ଦ୍ୱିବେଦୀ, ପ୍ରବୀର ବାନାର୍ଜୀ, ନନ୍ଦରାମ ମହାନ୍ତ, ଶିବାନନ୍ଦ ସାହୁ, ଶରତ ମହାନ୍ତ, ବିଜୟ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତଙ୍କ ସମେତ ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଲୋଚନା କରିଥିଲେ।

# ସିଆଇଟିୟୁର ପତାକା ଉତ୍ତୋଳନ କାର୍ଯ୍ୟକ୍ରମ




ବ୍ୟାସନଗର,୪।୧(ସମିସ): ସିଆଇଟିୟୁ ସର୍ବଭାରତୀୟ ସମ୍ମିଳନୀ ଡିସେମ୍ବର ୩୧ରୁ ଜାନୁଆରୀ ୪ ତାରିଖ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ଡାକରା ଅନୁସାରେ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଡୋଳିପୁରସ୍ଥିତ ସିଆଇଟିୟୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ ପତାକା ଉତ୍ତୋଳନ କରିଥିଲେ। ଶ୍ରୀ ନାୟକଙ୍କ ସଭାପତିତ୍ୱରେ ସେଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ପନି କିସ୍କୁ, ମାଳତୀ ହାଁସଦା, ତ୍ରିଲୋଚନ ରାଉତ, ସନ୍ତୋଷ ବରାଳ, ମନ୍ମଥ ରାୟ, ରଶ୍ମୀ ରେଖା ନାୟକ, କୁନି ପୁର୍ତ୍ତୀ, ଡଲି ନାୟକ, ନମା ମୁଣ୍ଡା, ଗୋବିନ୍ଦ ନାୟକ, ଗୋରୀ ନାୟକ, ରାଜୁ ମୁଣ୍ଡା, ଜୟରାମ ମୁର୍ମୁ, ଲିଟା ଲାଗୁରୀ, ଗୁରୁବାରି ଲାଗୁରୀ, ଦିଲ୍ଲୀପ ଦାସ, ପ୍ରତିମା ପାଢ଼ୀ ପ୍ରମୁଖ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆସନ୍ତା ଫେବୃଆରୀ ୧୨ ତାରିଖ ସାଧାରଣ ଧର୍ମଘଟ ଆହ୍ୱାନକୁ ସଫଳ କରିବା ପାଇଁ ନିବେଦନ କରିଥିଲେ।

## ଚାଉଳିଆ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# କମଳ ଫାଇଟର୍ସ ଚାମ୍ପିଅନ

କୟାଁଗୋଲା,୪।୧(ସମିସ): ଦଶରଥପୁର ବ୍ଲକ ଜାଫରପୁର ପଞ୍ଚାୟତ ସ୍ଥିତ ଚାଉଳିଆ ପଡିଆଠାରେ ଅନୁଷ୍ଠିତ ହେଉଥିବା ଚାଉଳିଆ ପ୍ରିମିୟର ଲିଗ୍ ସିଜିନ -୨ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ୧ ତାରିଖରୁ ଉଦ୍‌ଘାଟିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୭ ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଆଜି ଫାଇନାଲ ମ୍ୟାଚ୍ କମଳ ଫାଇଟର୍ସ ଓ ଇଗଲ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କମଳ ଫାଇଟର୍ସ ଟସ୍ ଜିଣି ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୮ ଓଭରରେ ୨ଟି ୱିକେଟ ହରାଇ ୫୯ ରନ କରିଥିବା ବେଳେ ବିପକ୍ଷ ଇଗଲ ୱାରିୟର୍ସ ନିର୍ଦ୍ଧାରିତ ୮ ଓଭରରେ ୨ ୱିକେଟ ହରାଇ ୫୧ ରନ କରିବାକୁ ସକ୍ଷମ ହୋଇଥିଲା। ଦେବାଶିଷ ଦାସ୍ ମ୍ୟାନ ଅଫ ଦି ମ୍ୟାଚ, ସୁବାଶିଷ ଦାସଙ୍କୁ ମ୍ୟାନ ଅଫ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାବେ ଦିବ୍ୟପ୍ରକାଶ ନାୟକ ଓ ପାପୁନ ପଣ୍ଡା ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ଶିକ୍ଷାବିତ ଶୁଭେନ୍ଦୁ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ନେତ୍ରୀ ବବିତା ମଲ୍ଲିକ ଯୋଗଦେଇ ବିଜୟୀ ଓ ରନର୍ସ ଅପ ଟିମ୍‌କୁ ଟ୍ରଫି ଓ ଚେକ ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜୟଚଣ୍ଡୀ ମଣ୍ଡଳ ବିଜେପି ସଭାନେତ୍ରୀ ଚିନ୍ମୟୀ ପାଣ୍ଡବ, ସାମ୍ବାଦିକ ସୁଶାନ୍ତ କୁମାର ବେହୁରିଆ, ସମାଜସେବୀ ଗୋପୀନାଥ ଜେନା, ଆଇନଜୀବୀ ପ୍ରକାଶ ରାଉତ ପ୍ରମୁଖ ଯୋଗଦେଇ କ୍ରୀଡ଼ା ହିଁ ସୁସ୍ଥ ସମାଜ ଗଠନର ଚାବିକାଠି ବୋଲି କହିଥିଲେ। ପୁରୁଷୋତ୍ତମ ଜେନା, ଦୀପ୍ତି ରଞ୍ଜନ ବାରିକ, ଅଜିତ ଜେନା, ରୁଦ୍ରନାରାୟଣ ଦାସ, ଦେବାଶିଷ ଦାସଙ୍କ ସମେତଙ୍କ ସମେତ ଚାଉଳିଆ ଗ୍ରାମର ସମସ୍ତ ଯୁବକମାନେ ସହଯୋଗ କରିଥିଲେ।



# ସିଂହପୁରରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସିଂହପୁର,୪।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ କାକୁଡ଼ିପଡ଼ିଆ ଠାରେ ସିଂହପୁର ପ୍ରିମିୟମ ତରଫରୁ ଶନିବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉଦ୍‌ଘାଟନ ଉତ୍ସବ ସମାରୋହରେ ପାଳନ କରାଯାଇଛି। ଓଡିଶାର ବିଶିଷ୍ଟ କଳାକର ମଣ୍ଟୁ ଛୁରିଆ ଓ ସାଥୀମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ମାନପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ଅତିଥି ଭାବେ ସମାଜସେବୀ ଯଶୋବନ୍ତ ଦାସ, ଅବନେନ୍ଦ୍ର ବେଉରିଆ, ସାଗର ସଙ୍ଗମ ଧଳ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରିମିୟମ ଲିଗ୍ ପକ୍ଷରୁ ଦ୍ୱାରିକା ନାଥ ସାମଲ, ସନ୍ତୋଷ ବେଉରିଆ, ସ୍ମୃତି ରଞ୍ଜନ ଥାଟୋଇ, ରାକେଶ ରୋସନ୍ ଜେନା, ପ୍ରଦ୍ୟୁମ୍ନ ପାଢ଼ୀ, ପ୍ରଣୟ କୁମାର ନାୟକ, ବିକ୍ରମ ବେଉରିଆ, ସମନ୍ ମହାଳିକ, ରାଜେଶ ବେଉରିଆ, ଉତ୍କଳ ରାଉତ, ଦୀପକ ବେଉରିଆ, ସୌମ୍ୟରଞ୍ଜନ ସାହୁ, ପବିତ୍ର ସାହୁ, ସୁଜିତ୍ ବାରିକ, ସାଗର ମହାଳିକ ସମେତ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ।







# ଶପଥ ସ୍ୱେଚ୍ଛାସେବୀ ଅନୁଷ୍ଠାନର ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର,୪।୧(ସମିସ): ବଡ଼ଚଣା ସ୍ଥିତ ଶପଥ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନବମ ବାର୍ଷିକ ଉତ୍ସବ ପାଳନ ସହିତ ବିଦ୍ୟା ଫାଉଣ୍ଡେସନ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ଶିଶୁ ଯତ୍ନ ଗୃହର କୁନି କୁନି ପିଲା ମାନଙ୍କର ସାମୂହିକ ଜନ୍ମୋତ୍ସବ ଆଜି ଓଳାଶୁଣୀ ଗୁମ୍ଫା ପାହାଡ଼ ଶୀର୍ଷ ସ୍ଥିତ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନର ଉପଦେଷ୍ଟା ସାମ୍ବାଦିକ ଭକ୍ତଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକର ଅତିରିକ୍ତ ଆରକ୍ଷୀ ଆୟୁକ୍ତ ଅମିତାଭ ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଏସ୍ କଲେଜ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ଯୋଗଦେଇ ଏହି ଅନୁଷ୍ଠାନ ନିସ୍ୱାର୍ଥ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବିକେ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା କାମିନୀ ନାୟକ, ଆଇନଜୀବୀ ଆଲୋକ କୁମାର ଜେନା ଓ ସାମ୍ବାଦିକ ପ୍ରଦୀପ କୁମାର ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା, କାମିନୀ ନାୟକ, ଦିଲ୍ଲୀପ କୁମାର ସାମଲ, ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ, ଇଂ.ଜ୍ୟୋତି ପ୍ରକାଶ ସାହୁ, ଅଧ୍ୟାପକ ଶୁଭ୍ରାଂଶୁ ଶେଖର ସାହୁଙ୍କ ସମେତ ବହୁ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ କୁନି କୁନି ପିଲା ମାନଙ୍କୁ ନୂଆ ପୋଷାକ ଓ କମ୍ବଳ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଭାପତି ସାମ୍ବାଦିକ ସତ୍ୟାନନ୍ଦ ମଲ୍ଲିକ ଅତିଥି ପରିଚୟ ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଉପସଭାପତି ଆଇନଜୀବୀ ପ୍ରିୟଗୋବିନ୍ଦ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଧନ୍ୟବାଦ ଦେଇଥିଲେ ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ବେହେରା। ନିତ୍ୟାନନ୍ଦ ମଲ୍ଲିକ, ଅରବିନ୍ଦ ପରିଡା,ନରୋତ୍ତମ ଦାସ, ହିମାଂଶୁ ମିଶ୍ର, ସୁକାନ୍ତ ସାହୁ, ମାଧବାନନ୍ଦ ପୃଷ୍ଟି, ରାଜେଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ବିଷୁବରେ ଲୋକାର୍ପିତ ହେବ ପାଦୁକା ପତ୍ରିକା

କବାଟବନ୍ଧ,୪।୧(ସମିସ): ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବାଘୁଆ ବ୍ରାହ୍ମଣୀଦେବୀ ସାହିତ୍ୟ ସଂସଦ ଦ୍ୱାରା ଆସନ୍ତା ମହାବିଷୁବ ପଣାସଂକ୍ରାନ୍ତିରେ ଏହାର ସପ୍ତମ ସଂସ୍କରଣ ପାଦୁକା ପତ୍ରିକାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପତ୍ରିକାର ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଏଥି ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତର ବାଲିସାହିସ୍ଥିତ ବାଘୁଆ ବ୍ରାହ୍ମଣୀ ଦେବୀ ସାହିତ୍ୟ ସଂସଦ ଦ୍ୱାରା ପ୍ରକାଶିତ ଏହି ପତ୍ରିକାର ଲୋକାର୍ପିତ ଅବସରରେ ବିଭିନ୍ନ ବରେଣ୍ୟ ଅତିଥି ଏବଂ ଅନୁଷ୍ଠାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଜେନାପୁର ସ୍ଥିତ କଠୋଉଣୀସ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ କୃଷ୍ଣଚନ୍ଦ୍ର ଖଟୁଆ, ଗୋକୁଳ ଚନ୍ଦ୍ର ମହାନ୍ତି, ଦୀଲିପ ବଳ ମହେଶ୍ୱର ମଲିକ ପ୍ରମୁଖ ଯୋଗଦେଇଥିଲେ। ସିଆର୍‌ସିସି ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଛନ୍ତି।

# ପୁରାତନ ବିଦ୍ୟାର୍ଥୀଙ୍କ ସମ୍ମିଳନୀ

ବାଲିଚନ୍ଦ୍ରପୁର,୪।୧(ସମିସ): ବଡ଼ଚଣା ଶିକ୍ଷାମଣ୍ଡଳ ବାଲିଚନ୍ଦ୍ରପୁର ଉଚ୍ଚ ଇଂରାଜୀ ବିଦ୍ୟାଳୟର ୧୯୮୬ ବ୍ୟାଚ ପୁରାତନ ବିଦ୍ୟାର୍ଥୀଙ୍କ ସମ୍ମିଳନୀ କାର୍ଯ୍ୟକ୍ରମ ରବିବାର ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀ ପାହାଡ଼ର ଶୀର୍ଷଦେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚର ଛାତ୍ରଛାତ୍ରୀ ସପରିବାରେ ଏକତ୍ରୀତ ହୋଇ ଅତିତର ସ୍ମୃତିକୁ ମନେ ପକାଇବା ସହ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ର ବିଜୟ କୁମାର ଦାସ, ନିବେଦିତା ମହାନ୍ତି, ପ୍ରତାପ ଚନ୍ଦ୍ର ନାୟକ, ପ୍ରଶାନ୍ତ ମହାରଣା, ଗିରିଶ ଚନ୍ଦ୍ର ବେହେରା, ବାସନ୍ତି ଦାସ, ଦୀଲ୍ଲିପ କୁମାର ଦାସ, ପ୍ରଶାନ୍ତ ବେହେରା, ଉମେଶ ସାମଲ, ଜୟନ୍ତି ସାହୁ, ଡମ୍ବରୁଧର ସାହୁ, ଅକ୍ଷୟ ମଲ୍ଲିକ, ପରାମାନନ୍ଦ ଦାସ, ଭାରତ ସାହୁ, ବନୋଜ ପାଢୀ, ପରୀକ୍ଷିତ ସାହୁ, ରବୀନ୍ଦ୍ର ସେଠୀ, ବିପିନ ରାଉତରାୟ, ରମାମଣି ବେହେରା, ପ୍ରଦୀପ୍ତ ବିଶ୍ୱାଳ, ଉଷାରାଣୀ ସିଂହ, ଜୟନ୍ତୀ ସାହୁ, ସାଧନା ଜେନା, ସୁପ୍ରଭା ମହାରଣା, ଅର୍ଜୁନ ବେହେରା, ଓ ସୁରେଶ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।


# ବିଡିଓଙ୍କୁ ଭେଟିଲା ସାମ୍ବାଦିକ ସଙ୍ଘ

ମଙ୍ଗଳପୁର,୪।୧(ସମିସ): ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଙ୍ଘ ପକ୍ଷରୁ ବିଡିଓ ଆକାଶ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନବବର୍ଷର ଅଭିନନ୍ଦନ ଜଣାଯାଇଛି। ସଂଘର ସଭାପତି ଜୟପ୍ରକାଶ ନାୟକ, କୋଷାଧ୍ୟକ୍ଷ ରାକେଶ କୁମାର ସାହୁ, ସଭ୍ୟ ସଞ୍ଜୟ ରାୟ, ଉପସଭାପତି ସୀତାଂଶୁ ଶେଖର ଯେନା, ସହସମ୍ପାଦକ ଆନନ୍ଦ ଚନ୍ଦ୍ର ବାରିକ, ସରୋଜ ପଣ୍ଡା, ସମ୍ପାଦକ ସତ୍ୟରଞ୍ଜନ ସାହୁ, ବିଜୟ ରାଉତ, ସନ୍ଦୀପ ରାୟ, ସରୋଜ ପୃଷ୍ଟି ପ୍ରମୁଖ ବିଡିଓଙ୍କ ସହ ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।









# ଅଗ୍ନିକାଣ୍ଡରେ ଗୁହାଳ ଭସ୍ମୀଭୂତ

ବରୀ,୪।୧(ସମିସ):ବରୀବ୍ଲକବୋଦୁଅପଞ୍ଚାୟତରରେବଲନିକଟରେଥିବାଅକ୍ଷୟମଲ୍ଲିକଙ୍କ ଗୁହାଳଘରେକୌଣସିକାରଣରୁନିଆଁଲାଗିଯିବାରୁପୋଡିପାଉଁଶହେଇଯାଇଛି।ଲୋକେ ଗୁହାଳ ଥିବା ଗୋରୁ, ଗାଇ, ଛେଳିଙ୍କୁ ଉଦ୍ଧାର କରିବା ସହିତ ନିଆଁକୁ ଆୟତ କରିଥଲେ। ସେ ଜଣେ ଶ୍ରମିକ ଶେଣୀର ଲୋକ ହେଇଥିବାରୁ ସରକାରୀ ସହାୟତା ପାଇଁ ଦାବି ହେଉଛି।

# ବନ୍ଧମୁଣ୍ଡା ବାଲିଘାଟରେ ଚଢ଼ଉ; ଗାଡି ଜବତ



ଯାଜପୁର ୪।୧(ସମିସ) : ଯାଜପୁର ଜିଲ୍ଲା ବୁଢ଼ା ନଦୀର ବନ୍ଧମୁଣ୍ଡା ଘାଟରେ ବେଆଇନ ବାଲି ଚୋରାଚାଲାଣ ହେଉଥିବା ବେଳେ ଚଢ଼ଉ କରିଛି ଲଘୁ ଖଣିଜ ବିଭାଗ। ଗତକାଲି ବିଳମ୍ବିତ ରାତ୍ରିରେ ଖଣି ବିଭାଗ ଏବଂ ପୁଲିସର ମିଳିତ ଉଦ୍ୟମରେ ଚଢ଼ଉ କରାଯାଇ ସେଠାରୁ ବାଲି ଉତ୍ତୋଳନ ଓ ପରିବହନ ପାଇଁ ବ୍ୟବହୃତ ଗାଡିକୁ ଜବତ କରାଯାଇଥିଲା। ଏହି ଚଢ଼ଉରେ ଜୁନିୟର ମାଇନିଂ ଅଫିସର ସିତେଶ ନାୟକ, ଛାୟାକାନ୍ତ ମହାନ୍ତ, ଯାଜପୁର ଟାଉନ ଥାନା ପୁଲିସ ସାମିଲ ହୋଇଥିଲେ।

# ଏସ୍‌ପି ଓ ଜିଲ୍ଲାପାଳଙ୍କ ସହ ଆଲୋଚନା

ବ୍ୟାସନଗର,୪।୧(ସମିସ): ଯାଜପୁର ଜିଲ୍ଲାର ସମାଜସେବୀ ତଥା ରାଜ୍ୟ ଯୁବ ବିଜୁ ଜନତା ଦଳର ଉପସଭାପତି ସୌମ୍ୟରଞ୍ଜନ ଧଳ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ ଏବଂ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନବ ବର୍ଷର ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସୌମ୍ୟରଞ୍ଜନ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଅବହେଳିତ ଏବଂ ନିଷ୍ପେସିତ ଲୋକମାନଙ୍କ ସମସ୍ୟା ସଂପର୍କରେ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି।

## ପୂର୍ବତନ ବିଧାୟିକାଙ୍କ ପଞ୍ଚାୟତରେ ସରପଞ୍ଚ ପଦବି ଖାଲି

# ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ବରୀ,୪।୧(ସମିସ): ବରୀ ବ୍ଲକ ଅଙ୍ଗାଲୋ ପଞ୍ଚାୟତରେ ଦୀର୍ଘ ତିନି ମାସ ଧରି ସରପଞ୍ଚ ପଦବୀ ଖାଲି ପଡ଼ିଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରକାଶ ଥାଉକି ଏହି ପଞ୍ଚାୟତଟି ୧୪ ଗୋଟି ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ୧୬-୦୬-୨୦୨୫ ରିଖରେ ୮ ଜଣ ୱାର୍ଡ ସଭ୍ୟା/ସଭ୍ୟଙ୍କୁ ଲଗାତାର ଭାବେ ୩ ଗୋଟି ବୈଠକରେ ଅନୁପସ୍ଥିତ ରହିବା କାରଣରୁ ସରପଞ୍ଚ ଶକୁନ୍ତଳା ମଲ୍ଲିକଙ୍କ ଅଭିଯୋଗକୁ ଭିତ୍ତି କରି ଯାଜପୁର ଜିଲ୍ଲାପାଳ ପଞ୍ଚାୟତରାଜ ଆଇନର ଧାରା ୨୬(୨) ସଭ୍ୟ ପଦ ରଦ୍ଦ କରିଥିଲେ। ପଦ ରଦ୍ଦ ହୋଇଥିବା ୮ ଜଣଙ୍କ ମଧ୍ୟରେ ସେହି ପଞ୍ଚାୟତର ନାୟବ ସରପଞ୍ଚ ମଧ୍ୟ ପଦ ହରାଇଥିଲେ। ପରବର୍ତ୍ତୀ ସମୟରେ ସେହି ପଞ୍ଚାୟତରେ ରାଜନୈତିକ ତିକ୍ତତା ଲାଗି ରହିବା ସହିତ ଅବଶିଷ୍ଟ ୬ ଜଣଙ୍କ ମଧ୍ୟରୁ ୪ ଜଣ ୱାର୍ଡ ସଭ୍ୟା/ସଭ୍ୟ ଉପଜିଲ୍ଲାପାଳ ଯାଜପୁରଙ୍କ ନିକଟରେ ସରପଞ୍ଚ ଶ୍ରୀମତୀ ମଲ୍ଲିକଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳ ଅଭିଯୋଗକାରୀ ୱାର୍ଡ ସଭ୍ୟା/ସଭ୍ୟଙ୍କ ଲିଖିତ ଅଭିଯୋଗରେ ଦସ୍ତଖତ ଯାଞ୍ଚ କରିବା ପରେ ସରପଞ୍ଚଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ଅନାସ୍ଥା ଭୋଟ କରାଯିବାକୁ ୦୮-୧୦-୨୦୨୫ ରିଖରେ ଧାର୍ଯ୍ୟ ହୋଇଥିବା ବେଳେ ତାର ଠିକ ପୂର୍ବଦିନ ଅର୍ଥାତ୍ ୦୭-୧୦-୨୦୨୫ ରିଖର ସରପଞ୍ଚ ଶକୁନ୍ତଳା ମଲ୍ଲିକ ସରପଞ୍ଚ ପଦରୁ ଇସ୍ତଫା ଦେଇଥିଲେ। ଇସ୍ତଫା ପରଠାରୁ ଅଦ୍ୟାବଧି କେହି ସରପଞ୍ଚ ଦାୟିତ୍ୱରେ ନଥିବାରୁ ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ଯୋଜନାର ଅର୍ଥ ଉନ୍ନୟନ ମୂଳକ କାର୍ଯ୍ୟରେ ସଦୁପଯୋଗ ହୋଇ ନ ପାରିବା ସହିତ ପଞ୍ଚାୟତରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସରକାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଞ୍ଚାୟତ ସ୍ତରୀୟ ସରକାରୀ ଅନୁଦାନକୁ ବିନିଯୋଗ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁଁ ଏହି ପଞ୍ଚାୟତର ସରପଞ୍ଚ ପଦବୀ ଖାଲି ରହିବା ଫଳରେ ପଞ୍ଚାୟତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ବିଷୟରେ ବରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅସିତ କୁମାର ମହାନ୍ତି କହିଛନ୍ତି ସରପଞ୍ଚଙ୍କ ଇସ୍ତଫା ପରେ ନାଏବ ସରପଞ୍ଚଙ୍କ ପଦ ରଦ୍ଦ ହୋଇଥିବାରୁ ପଞ୍ଚାୟତରାଜ ନିୟମ ଅନୁଯାୟୀ ଅନ୍ୟ ଜଣଙ୍କୁ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର କରିବା କ୍ଷେତ୍ରରେ ଉପଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବିଞ୍ଝାରପୁର,୪।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସୟଦପୁର ପଞ୍ଚାୟତର ବରିଷ୍ଠ ଶିକ୍ଷାବିତ ତଥା ଅବସରପ୍ରାପ୍ତ ଶିକ୍ଷକ ମଗଫୁଲ ଅଲ୍ଲୀ ଖାନ (୭୧)ଙ୍କ ଆଜି ସକାଳେ ଦେହାନ୍ତ ହୋଇଯାଇଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ଦେହାନ୍ତ ଖବର ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସାନ ପୁଅ ସାମ୍ବାଦିକ ଗୁଲସନ ନୱାଜ ଅଲ୍ଲୀ ଖାନ ଉପସ୍ଥିତ ଥିଲେ। ଏଥିସହିତ ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ସଭାପତି ଦେବପ୍ରସାଦ ସାହୁ, ଓୟୁଜେ ରାଜ୍ୟ ଉପସଭାପତି ରାଜୀବ ମହାନ୍ତି, ଜିଲ୍ଲା ସାମ୍ବାଦିକ ୟୁନିଅନର ସଭାପତି ଅରୁଣ ରାଉତ ରାୟ, ସମ୍ପାଦକ ଚନ୍ଦ୍ରଶେଖର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଆଦିତ୍ୟ ମେକାପ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଅଭୟ ପତି, ବିଞ୍ଝାରପୁର ସାମ୍ବାଦିକ ୟୁନିଅନ, ଏସକେ ସନୱାର, ବିଶ୍ୱଜିତ ନାୟକ, ସୀତାକାନ୍ତ ସାମଲ, ସତ୍ୟରଞ୍ଜନ ମଲିକ, ଶଙ୍କର୍ଷଣ ସାମଲ, ନିମାଇଁ ଘଡ଼ାଇ, ଅନଙ୍ଗ ଉଦୟ ବେହୁରିଆ, ସୁରେନ୍ଦ୍ର ସାମଲ, ପ୍ରଦୀପ କୁମାର ମଲ୍ଲିକ, ଦେବେନ୍ଦ୍ର ସାମଲ, ଜାକିର ହୁସେନ, ଦେବାଶିଷ ସାହୁ, ହିମାଂଶୁ ଶେଖର ପାଢ଼ୀ, ସୌମ୍ୟରଞ୍ଜନ ଦାସ, ସରପଞ୍ଚ ଏମ୍‌ଡି ସବୀର, ସମାଜସେବୀ କୈଳାସ ସେଠୀ, କଂଗ୍ରେସ ନେତା ଶୁଭମ ଦାସ, ଅଶୋକ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

## ଧର୍ମଶାଳା ମହୋତ୍ସବ

# ବଲିଉଡ୍ କଳାକାରଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ଧର୍ମଶାଳା,୪।୧(ସମିସ)

ଧର୍ମଶାଳା ମହୋତ୍ସବର ଉଦଯାପନୀ ଉତ୍ସବ ଯେତେ ପାଖେଇ ଆସୁଛି ସେହି ପରିମାଣରେ ଦର୍ଶକମାନଙ୍କ ଭିଡ ବଢ଼ିବାରେ ଲାଗିଛି। ପବିତ୍ର ଧନୁସଂକ୍ରାନ୍ତି ଠାରୁ ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ ହୋଇଥିବା ବେଳେ ଏହି ଅବସରରେ ଗତ ୨୫ ତାରିଖରେ ଉଦ୍‌ଘାଟିତ ହୋଇଥିବା






ଧର୍ମଶାଳା ମହୋତ୍ସବ ଆସନ୍ତା ୬ ତାରିଖରେ ଉଦଯାପିତ ହେବ। ମହୋତ୍ସବ ସରି ଆସୁଥିବା ବେଳେ ଆଜି ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଆସି ମେଳାରେ ବୁଲିବାର ମଜା ନେବା ସହ ମହୋତ୍ସବ ପଡିଆରେ ମୁକ୍ତାକାଶ ମଞ୍ଚରେ ବଲିଉଡ କଣ୍ଠଶିଳ୍ପୀ ବି ପ୍ରାକ ଓ ସାଥିମାନଙ୍କ ସଂଗୀତ ଓ ନୃତ୍ୟକୁ ଦର୍ଶକମାନେ ଭରପୁର ଉପଭୋଗ କରିଥିଲେ। ପ୍ରାରମ୍ଭରେ ଆଜି ମହୋତ୍ସବ କମିଟିର ସଭାପତି ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କୋରେଇ ବିଧାୟକ ଆକାଶ ଦାସନାୟକ, ଭଟଳି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ ଓ ଜିଲ୍ଲା ବିଜେପି ପୂର୍ବତନ ସଭାପତି ଗୌତମ ରାୟ ପ୍ରମୁଖ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଧର୍ମଶାଳା ହେଉଛି ଏକ ଐତିହ୍ୟ ସଂସ୍କୃତିର ମାଟି। ଏଠାକାର ବୌଦ୍ଧ ସଂସ୍କୃତିକ ବିଶ୍ୱ ପର୍ଯ୍ୟଟନରେ ସ୍ଥାନ ପାଇଛି। ଏହି ସାଂସ୍କୃତିକ ସଭାରେ ମହୋତ୍ସବ କମିଟିର ସଂଯୋଜକ ଦେବରଜ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ସଦସ୍ୟ ସବ୍ୟସାଚୀ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ବଲିଉଡ ଗାୟକ ବି ପ୍ରାକ ଓ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା ଯାହାକୁ ଦର୍ଶକମାନଙ୍କ ସହ ଅତିଥିମାନେ ଭରପୁର ଉପଭୋଗ କରିଥିଲେ। ଅସନ୍ତାକାଲି ଦ୍ୱାଦଶ ସନ୍ଧ୍ୟାରେ ଇଣ୍ଡିଆନ ଆଇଡଲ ବିଜେତା ସଲମାନ ଅଲ୍ଲି ଏବଂ ସାଥୀମାନେ ସଙ୍ଗୀତ ନୃତ୍ୟ ପରିବେଷଣ କରାଯିବ ବୋଲି କମିଟିର ସଭାପତି ରବିନାରାୟଣ ସାହୁ ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି।

# କୋରେଇବାସୀଙ୍କ ମନରୁ ବିଦ୍ୱେଷ ଭାବ ଦୂର କରିବା ମୋ କାମ: ବବି



ବ୍ୟାସନଗର,୪।୧(ସମିସ): ନିର୍ବାଚନ ଆସିବ ଯିବ। ଲୋକେ ଯାହାକୁ ଚାହିଁବେ ତାକୁ ହିଁ ଜିତାଇବେ। ଏଥିରେ କିଛି ଅସୁବିଧା ନାହିଁ। କୋରେଇବାସୀ ଆଜି ପ୍ରତାରିତ ହୋଇଛନ୍ତି। କାରଣ ବିଗତ ୧୫ରୁ ୧୭ ବର୍ଷ ମଧ୍ୟରେ କୋରେଇର ନେତୃତ୍ୱ ନେଇଥିବା ନେତାମାନେ ନିଜ ନିଜ ରାସ୍ତାରେ ଛାଡି ପଳାଇଛନ୍ତି। ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ବିଦ୍ୱେଷ ଭାବ ରହିଛି। କିନ୍ତୁ ଆଗାମୀ ଦିନରେ ସେହି ବିଦ୍ୱେଷ ଭାବକୁ ଦୂର କରିବା ପାଇଁ ମୁଁ ପ୍ରତିଶ୍ରୁତି ଦେଉଛି ବୋଲି ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି। ବ୍ୟାସନଗର ପୌରପାଳିକାର ଯୋଡ଼ାବର ୧ ନଂ ୱାର୍ଡରେ ଅନୁଷ୍ଠିତ ଏକ ଦଳୀୟ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ବବି କର୍ମୀ ଓ ଜନତାଙ୍କୁ ଉପରୋକ୍ତ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ସମୟରେ କୋରେଇର ବିକାଶର ବାଧକ ପାଇଁ କେତେକ ଗୋଷ୍ଠୀ ପ୍ରଣବଙ୍କ ବିରୋଧରେ ସୃଷ୍ଟି କରିଥିବା ବିଦ୍ୱେଷକୁ ପ୍ରତିହତ କରିବା ପାଇଁ ବବି ଆଜି ଏଭଳି କହିଥି?ବା ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ପ୍ରତ୍ୟେକ ୱାର୍ଡରେ କରାଯିବ ଏବଂ ସଂଗଠନକୁ ଅଧିକ ମଜବୁଦ କରାଯିବ ବୋଲି ବବି ସୂଚନା ଦେଇଥିଲେ। ଏହି ଦଳୀୟ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବ୍ୟାସନଗର ପୌରପାଳିକାର ଅଧକ୍ଷ ସୁବାସ ବଳଙ୍କ ସମେତ ପୌରପାଳିକାର ଦଳୀୟ

● ପ୍ରୟାସ କ୍ଲାସେସ୍ ସିବିଏସ୍‌ଇ-ଏକାଦଶ ଶ୍ରେଣୀ ପ୍ରବେଶିକା ପରୀକ୍ଷା

# ଭାଗନେଲେ ୨୫୨୦ ଛାତ୍ରଛାତ୍ରୀ,୧୧ରେ ଫଳାଫଳ

ବ୍ୟାସନଗର,୪।୧(ସମିସ): ଯାଜପୁର କୋରେଇ ବ୍ଲକ ତଣ୍ଡରାଠାରେ ରହିଥିବା ଶିକ୍ଷାନୁଷ୍ଠାନ ପ୍ରୟାସ କ୍ଲାସେସ୍‌ର ୨୦୨୬-୨୭ ଶିକ୍ଷା ବର୍ଷ ନିମନ୍ତେ ସିବିଏସ୍‌ଇ ଏକାଦଶ ଶ୍ରେଣୀରେ ନାମଲେଖା ପ୍ରବେଶିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପ୍ରୟାସ ପ୍ରବେଶିକା ପରୀକ୍ଷା ନିମନ୍ତେ ରାଜ୍ୟର ଭିନ୍ନ ଭିନ୍ନ ୪ ଗୋଟି ଶିକ୍ଷାନୁଷ୍ଠାନ (ଯାଜପୁର, ବାଲେଶ୍ୱର, ଭୁବନେଶ୍ୱର, ଅନୁଗୋଳ) ରେ ଏହି ପ୍ରବେଶିକା ପରୀକ୍ଷା ନିମନ୍ତେ ରବିବାର ବିଭିନ୍ନ ନିର୍ଦ୍ଧାରିତ କଲେଜ କ୍ୟାମ୍ପସ ଏବଂ ବାହାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଥିଲା। ଅନଲାଇନ ମାଧ୍ୟମରେ ଆଡମିଶନ ଟେଷ୍ଟରେ ଭାଗନେବା ପାଇଁ ଗତ ବର୍ଷ ୨୩୦୮ ଜଣ ଛାତ୍ରଛାତ୍ରୀ ଆବେଦନ କରି ପରୀକ୍ଷା ଦେଇଥିବା ବେଳେ ଚଳିତବର୍ଷ ୨୫୨୦ ଜଣ ପରୀକ୍ଷା ଦେଇଛନ୍ତି। ଚଳିତ ପ୍ରବେଶିକା ପରୀକ୍ଷାରେ ଯାଜପୁରରେ ସର୍ବାଧିକ ୧୪୫୦ ଜଣ, ବାଲେଶ୍ୱରରେ ୪୭୦ ଜଣ, ଭୁବନେଶ୍ୱରରେ ୩୧୫ ଜଣ ଏବଂ ଅନୁଗୋଳରେ ୨୮୫ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଛନ୍ତି। ଗୋଟିଏ ସିଟିଙ୍ଗ (ଅପରାହ୍ନ ୨ରୁ ଅପରାହ୍ନ ୪ ଘଟିକା) ରେ ରବିବାର ଅନୁଷ୍ଠିତ ହେଉଥିବା ଏହି ପ୍ରବେଶିକା ପରୀକ୍ଷାରେ ୧୦ମ ଶ୍ରେଣୀ ଗଣିତ ଏବଂ ବିଜ୍ଞାନ ଉପରେ ପ୍ରଶ୍ନ ରହିଥିବା ବେଳେ ଆସନ୍ତା ଜାନୁଆରୀ ୧୧ ତାରିଖ ମଧ୍ୟରେ ଫଳାଫଳ ଘୋଷଣା କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଚଳିତ ଶିକ୍ଷା ବର୍ଷରେ ପ୍ରୟାସ କ୍ଲାସେସ୍‌ରେ ପାଠ ପଢିବା ନିମନ୍ତେ ଯାଜପୁର ୫୦୦ ଏବଂ ବାଲେଶ୍ୱର ୨୦୦; ମୋଟ ୭୦୦ ଗୋଟି ସିଟ ଉପଲବ୍ଧ ରହିଥିବା ବେଳେ ରବିବାର ଏଥିନିମନ୍ତେ ୨୫୨୦ ଜଣ ଛାତ୍ରଛାତ୍ରୀ ଆଡ୍‌ମିଶନ ଟେଷ୍ଟ ଦେଇଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଛାତ୍ରଛାତ୍ରୀ ୨୮ଟି ଜିଲ୍ଲାର କୋରାପୁଟ, ଝାରସୁଗୁଡା,ରାୟଗଡା, ମାଲକାନାଗିରି, ଅନୁଗୁଳ, ଭୁବନେଶ୍ୱର, ବ୍ରହ୍ମପୁର ଆଦି ସହର ସମେତ ରାଜ୍ୟ ବାହାରର ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡଖଣ୍ଡରୁ ଆସି ଯାଜପୁର ସମେତ ରାଜ୍ୟର ଅନ୍ୟ ୩ ଗୋଟି ସେଣ୍ଟରରେପରୀକ୍ଷା ଦେଇଛନ୍ତି।



# ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



ଦାନଗଦି,୪।୧(ସମିସ): ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ଉତ୍କର୍ଷ ସାମ୍ବାଦିକ କର୍ମଶାଳା ଦାନଗଦି ସ୍ଥିତ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସମବାୟ ଓ ହସ୍ତତନ୍ତ୍ର ବୟନ ଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର ଯୋଗ ଦେଇଥିଲେ। ରାଜ୍ୟ ସରକାର ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ଯଦି ଆମେ ଦେଇଥିବା ଦାବିଗୁଡିକୁ ପୂରଣ ନ କରନ୍ତି ତା'ହେଲେ ବିଧାନସଭା ଆଗରେ ଧାରଣା ଦିଆଯିବ ବୋଲି କହିବା ସହ ନିରପେକ୍ଷ ଖବର ପରିବେଷଣ କରିବା ପାଇଁ ଉପସ୍ଥିତ ସମସ୍ତ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ। ସମାଜରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱ ମାନଙ୍କୁ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ସଫଳ ମହିଳା ଉଦ୍ୟୋଗୀ ଅବନ୍ତୀ ସାମଲ, ଯୁବ ସମାଜସେବୀ ଇଂ.ଅରବିନ୍ଦ ମହାରଣା, ସଫଳ ଉଦ୍ୟୋଗୀପତି ହରିହର କରଣ, ୟୁଥ ଆଇକନ ସ୍ମୃତିରଞ୍ଜନ ଜେନା, ଆରକ୍ଷୀ ଅଧିକ୍ଷକ ଆଶିଷ କୁମାର ସାହୁ, ସଫଳ ଉଦ୍ୟୋଗୀ ଦେବେନ୍ଦ୍ର ଜେନା, ଚାଟାର୍ଡ ଆକାଉଣ୍ଟାଣ୍ଟ ପ୍ରଶାନ୍ତ କୁମାର ରାୟ, ସମବାୟବିତ ଓ ସମାଜସେବୀ ପ୍ରତାପ କୁମାର ଧୀର, ନିଦାନ ଓ ସ୍ୱାସ୍ଥ୍ୟ ଚିକିତ୍ସାରେ ରବୀନ୍ଦ୍ର ଡାକୁଆ, ସହକାରୀ ପ୍ରଧାପକ ସାମନ୍ତ ବିଶ୍ୱଭୂଷଣ ଧୀର, ସୁଧୀ ରଞ୍ଜନ ମିଶ୍ର ବରିଷ୍ଠ ପ୍ରଶାସକ ଜିନ୍ଦଲ ଷ୍ଟିଲ, ଡାକ୍ତର ସନ୍ତୋଷ କୁମାର ଧଳ ଯୁବ ସମାଜସେବୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ପ୍ରିୟରଞ୍ଜନ କର ଓ ସାମନ୍ତ ବିଶ୍ୱଭୂଷଣ ଧୀରଙ୍କ ଦ୍ୱାରା ଏକ ସାମ୍ବାଦିକତା ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ ଉତ୍ସବଟିକୁ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାମ୍ବାଦିକ ରଙ୍ଗବଲ୍ଲଭ ସାହୁ, ଉପଦେଷ୍ଟା ଦୁଷ୍ମନ୍ତ ଘଡେଇ, ଉପଦେଷ୍ଟା ବିପ୍ଳବ ବିଜୟ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଉପ ସଭାପତି ପ୍ରଦୀପ ଜେନା, ସମ୍ପାଦକ ସୁଭାଶିଷ ରାଉତ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିକାଶ ମଞ୍ଚର ଶୀତବସ୍ତ୍ର ବଣ୍ଟନ



ଯାଜପୁର,୪।୧(ସମିସ): ଯାଜପୁର ସହର କିଆନାଳୀକୂଳ ଛକରେ ଯାଜପୁର ବିକାଶ ମଞ୍ଚ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେପି ଜିଲ୍ଲା ସଭାନେତ୍ରୀ ଦେବଜାନୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗରିବ ଅସହାୟଙ୍କ ନିମନ୍ତେ ଏହି ଶିବିରଟି ଖୋଲାଯାଇଛି। ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯାହା ପାଖାରେ ସମର୍ଥ ଅଛି ଦିଅନ୍ତୁ ଓ ଯାହା ପାଖରେ ସମର୍ଥ ନାହିଁ ନିଅନ୍ତୁ। ଏହି ଶିବିରରେ କମ୍ବଳ, ଶୀତ ବସ୍ତ୍ର ରଖାଯାଇ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ତରୁଣ ନନ୍ଦ, ନିତ୍ୟାନନ୍ଦ ମିଶ୍ର, ପଦ୍ମାକର ଗୁରୁ, ଦାମୋଦର ବେହେରା, ଡ. ମୂରଲୀଧର ଜେନା, ଜିଲା ପ୍ରେସ୍ କ୍ଲବର ସଭାପତି ଅଜୟ କୁମାର ରାଉଳ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରତିବର୍ଷ ବିକାଶ ମଞ୍ଚ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ କରାଯାଇ ଆସୁଅଛି। ଏହି କାର୍ଯ୍ୟକ୍ରମ ଆଗାମୀ ୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

# ମାଧବାନନ୍ଦ ପାଠାଗାରର ବୈଠକ

ଯାଜପୁର,୪।୧(ସମିସ): ଯାଜପୁର ବ୍ଲକ୍ ଅର୍ନ୍ତଗତ ଭୁବନେଶ୍ୱରପୁର ପଞ୍ଚାୟତର କୁନିନ୍ଦା ଗ୍ରାମରେ ମାଧବାନନ୍ଦ ପାଠାଗାରର ଏକ ବୈଠକ କୁମାରସାହି ସରସ୍ୱତୀ ଅନୁଷ୍ଠାନ ଏବଂ ଗ୍ରାମବାସୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ନୃସିଂହନାଥ ମନ୍ଦିର ପ୍ରାଙ୍ଗଣରେ ଅଭୟ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପାଠାଗାରର ସଭାପତି ସନ୍ତୋଷ ଦାସ ଏବଂ ସମାଜସେବୀ ଗଣେଶ ସାହୁ ଯୋଗଦେଇ ପାଠାଗାର ପ୍ରତିଷ୍ଠାର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଆସନ୍ତା ଜାନୁଆରୀ ୨୩ ତାରିଖ ଆଦର୍ଶ ଶିକ୍ଷକ ତଥା ସମାଜ ସଂସ୍କାରକ ମାଧବାନନ୍ଦ ଷଡ଼ଙ୍ଗୀଙ୍କ ସ୍ମୃତି ଦିବସ ରେ ଏହି ପାଠାଗାରର ଉଦଘାଟନ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ପାଠାଗାରରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ସରସ୍ୱତୀ ଅନୁଷ୍ଠାନ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ରଞ୍ଜନ କୁମାର ଦାସ, ବିଦ୍ୟାଧର ସାହୁ, ପ୍ରକାଶ ବେହେରା, ନକୁଳ ବେହେରା, ଲକ୍ଷ୍ମୀଧର ବେହେରା, ଚନ୍ଦ୍ରମଣି ମୁଦୁଲି, ନାରାୟଣ ମୁଦୁଲି, ଧନେଶ୍ୱର ବେହେରା, ସୋମ୍ୟରଞ୍ଜନ ଓଝା, ଅଭିଜିତ ଦାସ, ଶୁଭଙ୍କର ଦାସ, ବିଶ୍ୱଜିତ ଦାସ, ପ୍ରତ୍ୟୁଷ ଓଝା, ଆଶିଷ ସାହୁ, ସତ୍ୟପ୍ରକାଶ ସାହୁ, ବାସୁଦେବ ସେଠୀ, ସୋମ୍ୟରଞ୍ଜନ ବାରିକ, ସତ୍ୟଜିତ୍ ଦାସ, ଶୁଭମ୍ କୁମାର ସାହୁ, କାଠି ବେହେରା, କାହ୍ନୁ ଚରଣ ବେହେରା, ଶୁଭମ୍ ସାହୁ, ଶ୍ରୀଧର ବାରିକ, ସୁରେନ୍ଦ୍ର ଓଝା ଓ ସୁରେଶ ସାହୁ ପ୍ରମୁଖ ଯୋଗଦେଇଥିଲେ।



## ୨ଦିନ ପରେ ଖୋଲିବ ମଣ୍ଡି

# ଅଖା ଦ୍ୱନ୍ଦରେ ଚାଷୀ

ଦଶରଥପୁର,୪।୧(ସମିସ)

ଆଉ ଦିନେ ଦି' ଦିନ ପରେ ଯାଜପୁର ଜିଲ୍ଲାରେ ଧାନ ମଣ୍ଡି ଖୋଲିବ। ଟୋକନ ମେସେଜ ପାଇ ମଣ୍ଡିରେ ଧାନ ବିକିବାକୁ ଚାଷୀ ସଜବାଜ ହେଉଥିବା ବେଳେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଝୋଟ ଅଖାରେ ଧାନ କିଣା ନିଷ୍ପତି ଚାଷୀଙ୍କୁ ଦ୍ୱନ୍ଦରେ ପକାଇଛି। ଏପରିକି ଯୋଗାଣ ବିଭାଗର ଏହି ନିର୍ଦ୍ଦେଶନାମା ଯୋଗୁ ମଣ୍ଡିରେ ବିବାଦୀୟ ସ୍ଥିତି ଉପୁଜିବାର ଆଶଙ୍କା ବୃଦ୍ଧି ପାଇଛି। ଚଳିତ ଖରିଫ ଋତୁର ୧ମ ପର୍ଯ୍ୟାୟରେ ଜିଲ୍ଲାରୁ ୧୪ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ଦଶରଥପୁର ବ୍ଲକରୁ ୨୬ଟି ସୋସାଇଟି ଓ ଏସଏଚ୍‌ଜି ମାଧ୍ୟମରେ ପଞ୍ଜିକୃତ କରିଥିବା ୧୦,୦୨୨ ଜଣ ଚାଷୀଙ୍କ ଠାରୁ ଦେଢ଼ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଜିଲ୍ଲା ଯୋଗାଣ ବିଭାଗ ଲକ୍ଷ୍ୟଧାର୍ଯ୍ୟ କରିଛି। ମାତ୍ର ଝୋଟ ଅଖାରେ ମଣ୍ଡିରେ ଧାନ ଦେବା ନିଷ୍ପତିରେ ଚାଷୀ ଅସନ୍ତୋଷ ବୃଦ୍ଧି ପାଇଛି। ଝୋଟ ହେଉ କି ଜରି ଅଖା ସରକାରୀ ସ୍ତରରେ ଅଖାର ପୂର୍ବ ମୂଲ୍ୟରେ ବୃଦ୍ଧି କରାଯାଇନଥିବା ବେଳେ ଗତ ଖରିଫ ଋତୁରେ ଜିଲ୍ଲାର ଜଣେ ହେଲେ ଚାଷୀଙ୍କୁ ଆଦୌ ଅଖା ମୂଲ୍ୟ ମିଳିନଥିବା ଅଭିଯୋଗ ହୋଇଥିଲା। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଯାଜପୁର ଜିଲ୍ଲାରେ ୨୦ଲକ୍ଷ୍ କ୍ୱିଣ୍ଟାଲରୁ ଅଧିକ ଧାନ କିଣାଯାଇଥିଲା। ଏ ବାବଦରେ ମିଲର ମାନେ ସରକାରଙ୍କ ଠାରୁ ଝୋଟ ଅଖା ପ୍ରତି ୭ଟଙ୍କା ଏବଂ ଜରି ଅଖା ପ୍ରତି ୫ଟଙ୍କା ହିସାବରେ ୩୦ଲକ୍ଷ ଟଙ୍କା ନେଇଥିବା ବେଳେ ଜିଲ୍ଲାର ସମସ୍ତ ପଞ୍ଜିକୃତ ଚାଷୀ ନିଜ ଅର୍ଥରେ ଅଖା କିଣି ମଣ୍ଡିରେ ଧାନ ବିକ୍ରୟ କରିଥିଲା। ଜିଲ୍ଲା ଯୋଗାଣ ବିଭାଗ ସୂଚନା ଅନୁସାରେ ଗତ ବର୍ଷ ଯାଜପୁର ଜିଲ୍ଲାରୁ ମୋଟ ୨୦ଲକ୍ଷ ୫୪ହଜାର ୩୦୬ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଥିଲା। ୧୦ମିଲର ଏବଂ ୩୫ଟି ଏସ୍‌ଏଚଜି ଉକ୍ତ ଧାନ କ୍ରୟ କରିଥିଲେ। ଜିଲ୍ଲାର ଆଶୀର୍ବାଦ ମିଲ ସର୍ବାଧିକ ୭ଲକ୍ଷ ୩ହଜାର ୮୭୫ ମେଟ୍ରିକ ଟନ ଧାନ କ୍ରୟ କରିଥିବା ବେଳେ କୃପାଳୁ ରାଇସ ମିଲ ୩ଲକ୍ଷ ୫୮ହଜାର ୪୨୦ମେଟ୍ରିକ ଟନ,ଇଷ୍ଟର୍ନ ରାଇସ ମିଲ ୨ଲକ୍ଷ ୪୫ହଜାର ୬୪୭ମେଟ୍ରିକ ଟନ, ସନ୍ତୁକା ମିଲ ୨ଲକ୍ଷ ୨୩୨ମେଟ୍ରିକ ଟନ ଓ ମହାବଳୀ ମିଲ ୧ଲକ୍ଷ ୭୮ହଜାର ମେଟ୍ରିକ ଟନ ଧାନ କ୍ରୟ କରିଥିଲେ। ସେହିପରି ଗୋଲଖ ମିଲ ୨୨ହଜାର ୮୪ଟନ, ସାଇବାବା ମିଲ ୬୦ହଜାର ୩୯୩ଟନ, ଏମ ଫୁଡ ମିଲ ୬୭ହଜାର ୨୩୮ଟନ, ସାଇ ମିଲ ୫୦ହଜାର ୭୪୨ଟନ ଏବଂ ଚଣ୍ଡୀ ମିଲ ୫୪ହଜାର ୨୩୬ଟନ ଧାନ କିଣିଥିଲା। ଏହାବାଦ ୩୫ଟି ଏସ୍‌ଏଚଜି ୧ଲକ୍ଷ ୧୨ହଜାର ୫୪୬ମେଟ୍ରିକ ଟନ ଧାନ କ୍ରୟ କରିଥିଲେ। କିଣା ଯାଇଥିବା ଧାନ ପାଇଁ ୫୦କେଜି ଅଖା ବାବଦରେ ମୋଟ ୪ଲକ୍ଷ ୧୦ହଜାର ୮୬୧ଟି ଅଖାରେ ଧାନ କ୍ରୟ କରାଯାଇ ଜରି ଅଖା ପ୍ରତି ୫ଟଙ୍କା ଓ ଝୋଟ ଅଖା ପ୍ରତି ୭ଟଙ୍କା ମୂଲ୍ୟରେ ଅଖା ବାବଦକୁ ସରକାର ମିଲର ମାନଙ୍କୁ ୨୮ଲକ୍ଷ ୭୬ହଜାର ୨୭ଟଙ୍କା ପ୍ରଦାନ କରିଥିଲେ ମଧ୍ୟ ଦଶରଥପୁର ସମେତ ଜିଲ୍ଲାର ସମସ୍ତ ବ୍ଲକରେ ପଞ୍ଜିକୃତ ଚାଷୀ ନିଜ ଅର୍ଥରେ ଅଖା କିଣି ମଣ୍ଡିରେ ଧାନ ବିକିଥିଲେ। ପ୍ରତ୍ୟେକ ମଣ୍ଡିରୁ ମିଲର ଚାଷୀଙ୍କୁ ଅଖା ଅର୍ଥ ଦେବା ସହିତ ଓ ନିଜ ଗାଡି ଭଡ଼ାରେ ପଞ୍ଜିକୃତ ଚାଷୀଙ୍କ ଧାନ କ୍ରୟ କରିବାର ସରକାରୀ ନିୟମ ରହିଥିବା ବେଳେ ଚଳିତ ଖରିଫ ଋତୁରେ ଜିଲ୍ଲା ପ୍ରଶାସନ ଏକପାଖିଆ ନିଷ୍ପତି ଯୋଗୁ ଚାଷୀଙ୍କ ଅସନ୍ତୋଷ ବୃଦ୍ଧି ପାଇଛି। ଏପରିକି ଏହି ନିର୍ଦ୍ଦେଶନାମାକୁ ନେଇ ବିଭିନ୍ନ ମଣ୍ଡିରେ ବିବାଦ ଉଗ୍ର ରୂପ ନେବାର ସମ୍ଭାବନା ସୃଷ୍ଟି ହେବା ନିଶ୍ଚିତ ବୋଲି ଅକରପଡା ପ୍ୟାକ୍ସରେ ଧାନ ବିକିବାକୁ ନାମ ପଞ୍ଜିକୃତ କରିଥିବା ଚାଷୀ ଉପେନ୍ଦ୍ର ବେହୁରିଆ କହିଛନ୍ତି। ସେହିପରି ମା' ଲକ୍ଷ୍ମୀ ଏସଏଚଜିରେ ପଞ୍ଜିକୃତ ଚାଷୀ ଶ୍ରୀକାନ୍ତ ବେହୁରିଆ ଝୋଟ ଅଖା ନିଷ୍ପତିକୁ ବାଧ୍ୟତାମୂଳକ କରିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଚାଷୀଙ୍କୁ ସଚେତନ କରିବା ସହିତ ବଜାରରେ ଆବଶ୍ୟକ ପରିମାଣରେ ଝୋଟ ଅଖା ଉପଲବ୍ଧ କରିବାକୁ ପଦକ୍ଷେପ ନେବା ଉଚିତ ମନେ କରିନଥିବା ବେଳେ ହଠାତ ନିଷ୍ପତିକୁ ଚାଷୀଙ୍କ ଉପରେ ଲଦି ଦେବା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କୁ ପଚାଇବାରୁ ମଣ୍ଡିରେ ଝୋଟ ଅଖା ବ୍ୟବହାର ନୂଆ ନୁହେଁ ପୂର୍ବରୁ ଏହି ବ୍ୟବସ୍ଥା ରହିଛି। ଚଳିତ ବର୍ଷ ଚାଷୀ ମଣ୍ଡିରେ ଧାନ ବିକ୍ରୟ ସମୟରେ ଜରି ଅଖା ସହିତ ଝୋଟ ଅଖାକୁ ପ୍ରାଥମିକତା ଦେବାକୁ କୁହାଯାଇଛି ବୋଲି କହିଥିଲେ।

ବଜାରରେ ମିଳୁନି ଝୋଟ ଅଖା

# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ
ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

ସକାଳ
THE SAKALA

## ଏଆଇର ଆତଙ୍କ

ପୁଣି ଥରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଦୁରୁପଯୋଗ ଉଦ୍‌ବେଗ ଓ ଆତଙ୍କ ସୃଷ୍ଟି କରିଛି। ବିଶ୍ୱର ସର୍ବବୃହତ୍ ବିତ୍ତଶାଳୀ ଏଲନ୍ ମସ୍କଙ୍କ ପରିଚାଳିତ ସାମାଜିକ ଗଣମାଧ୍ୟମ ଏକ୍ସ(ଟ୍ୱିଟର)ର ଏଆଇ ପରିଚାଳିତ 'ଗ୍ରୋକ୍' ମହିଳାମାନଙ୍କ ଫଟୋକୁ ବିବସ୍ତ୍ର କରିବା ପାଇଁ ପୁରୁଷମାନଙ୍କୁ ଉସ୍‌କାଉଥିବା ଜଣାପଡ଼ିବା ପରେ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। 'ଏକ୍ସ'ର ଏଭଳି ଅଶ୍ଳୀଳ ଓ ଅଭଦ୍ରୋଚିତ କାର୍ଯ୍ୟକଳାପକୁ ଭାରତ ସରକାର ମଧ୍ୟ ଗମ୍ଭୀରତାର ସହ ନେଇଛନ୍ତି ଏବଂ ଭାରତୀୟ ସୂଚନା ପ୍ରଯୁକ୍ତି ଆଇନ ଓ ନୀତିନିୟମର ଅନୁପାଳନର ଉଲ୍ଲଙ୍ଘନ ହୋଇଛି କି ନାହିଁ ସେ ସମ୍ପର୍କରେ 'ଏକ୍ସ'କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହି ବିରୋଧାଭାସ କେତେଦିନ ଜାରି ରହିବ, ଭାରତ ସରକାର 'ଏକ୍ସ' ବିରୋଧରେ କେତେ କଠୋର ହୋଇପାରିବେ ଏବଂ 'ଏକ୍ସ' ଏହି ନୋଟିସ୍‌କୁ କେତେ ଗୁରୁତ୍ୱ ଦେବ ତାହାକୁ ନେଇ ଅତୀତର ଅଭିଜ୍ଞତାରୁ ସନ୍ଦେହ ସୃଷ୍ଟି ହେଉଛି। କାରଣ ଅତୀତରେ ଏଭଳି ଅନେକ ଘଟଣାରେ 'ଟ୍ୱିଟର' ବା 'ଏକ୍ସ' ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଆଇନ ଓ ନୀତି ନିୟମକୁ ଭାରତୀୟ ଅଦାଲତରେ ହିଁ ଆହ୍ୱାନ ଦେଇଛି।

ଏବେ ଏଆଇର ପ୍ରାଦୁର୍ଭାବ ଓ ଆତଙ୍କରାଜ ଏତେ ତ୍ୱରିତ ବେଗରେ କାୟାବିସ୍ତାର କରି ଚାଲିଛି ଯେ ଆତ୍ମପରିଚୟ, ଆତ୍ମପ୍ରଶଂସାର ଉନ୍ମାଦରେ ଆମେ ସାମାଜିକ ଗଣମାଧ୍ୟମରେ ଅହରହ ପୋଷ୍ଟ କରିଚାଲିଥିବା ଫଟୋ ଓ ଭିଡିଓଗୁଡ଼ିକ ମଧ୍ୟରୁ କେତେବେଳେ କାହା ଫଟୋ ବିକୃତ ଓ ଅଶ୍ଳୀଳ ରୂପରେ ଗଣମାଧ୍ୟମର ମଞ୍ଚମାନଙ୍କରେ ଆତ୍ମପ୍ରକାଶ କରିବ ତାହା ଅଭାବନୀୟ। ଏଆଇ ବିକଶିତ ନକଲି ଫଟୋ ଓ ଭିଡିଓଗୁଡ଼ିକ ଏତେ ନିଖୁଣ ଓ ତ୍ରୁଟିଶୂନ୍ୟ ଯେ ହଠାତ୍ ସାଧାରଣ ଆଖି ଧୋକା ଖାଇଯିବା ନିଶ୍ଚିତ। ମନରେ ଥରେ ସେହି 'ଡିପ୍‌ଫେକ୍' ଭିଡିଓ ବା ଫଟୋଚିତ୍ର ପ୍ରତି ବିଶ୍ୱାସ ଜନ୍ମ ନେଲେ ଧାରଣାକୁ ବଦଳାଇବା ଏତେ ସହଜ ନୁହେଁ। ଏହାଫଳରେ ପାରିବାରିକ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି ଏବଂ କେତେକ କ୍ଷେତ୍ରରେ ଲଗାମହୀନ ଓ ଅସଂଯମୀ ଯୁବକଯୁବତୀ ଅସଲରେ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥାଇ ମଧ୍ୟ ଏଆଇ ଉପରେ ଦୋଷ ଲଦି ଦେଇ ନିଷ୍କଳଙ୍କ ହେବାର ଅପଚେଷ୍ଟା କରୁଛନ୍ତି। ତେଣୁ ପରିସ୍ଥିତି ଆଗକୁ କିଭଳି ଭୟଙ୍କର ହେବାକୁ ଯାଉଛି ଏବେ ତାହାର କେବଳ ନମୁନା ହିଁ ଆମେ ଦେଖୁଛେ।

ଏଠାରେ ଦୁଇଟି ପ୍ରସଙ୍ଗ ଆଲୋଚନାର ଅପେକ୍ଷା ରଖୁଛି। ପ୍ରଥମତଃ, ଏଆଇ କ'ଣ ନିୟନ୍ତ୍ରଣମୁକ୍ତ ଓ ଅପରାଜେୟ? ଦ୍ୱିତୀୟତଃ, ସାମାଜିକ ଗଣମାଧ୍ୟମ ସଂସ୍ଥା କ'ଣ ଆଇନ କାନୁନର ଊର୍ଦ୍ଧ୍ୱରେ? ପ୍ରଥମ ପ୍ରଶ୍ନର ଉତ୍ତରରେ କୁହାଯାଇପାରେ ଯେ ଇଣ୍ଟରନେଟ୍ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶର ଆଇନକାନୁନ ଅଧୀନରେ ନୁହେଁ। ତେଣୁ ଏହାକୁ ସାହାରା କରି ଏବଂ ଏଆଇକୁ ଉପଯୋଗ କରି ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ସେମାନଙ୍କ ବଜାରଅଂଶ ବୃଦ୍ଧି କରି ଚାଲିଛନ୍ତି। ଏଥିରେ ଯେକୌଣସି ଦେଶର ରାଷ୍ଟ୍ରମୁଖ୍ୟ, ଶାସନମୁଖ୍ୟ, ପ୍ରଶାସନିକ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ଚରିତ୍ରସଂହାର ଉପକ୍ରମରୁ ବାଦ୍ ପଡ଼ୁନାହାନ୍ତି। ଏପରିକି ବିଶ୍ୱର ସବୁଠୁ ଅଗ୍ରଣୀ ଓ ବିକଶିତ ଦେଶ ଆମେରିକା ଏଆଇର ଅବାଧ ସମ୍ପ୍ରସାରିତ କାୟାର ପ୍ରଭାବ ଏବଂ ସମ୍ଭାବ୍ୟ ବିନାଶକାରୀ କ୍ଷମତା ବିଷୟରେ ଚିନ୍ତିତ। ତେଣୁ ଏହାର ପ୍ରତିକାର ଖୋଜିବା ଲାଗି ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ଜରୁରୀ ବୈଠକ ହ୍ୱାଇଟ୍‌ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଗୁଗୁଲ, ମାଇକ୍ରୋସଫ୍ଟ ଆଦି ଆଗଧାଡ଼ିର ଆଇଟି କମ୍ପାନୀମୁଖ୍ୟମାନେ ସାମିଲ୍ ଥିଲେ। ବୈଠକରେ ଏଆଇର ନିୟନ୍ତ୍ରଣ ଜରୁରୀ ବୋଲି ମତୈକ ପ୍ରକାଶ ପାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶକ୍ତିଶାଳୀ ଏଆଇ ଅପରାଜେୟ ରହିଛି। ଏଆଇର ନିରଙ୍କୁଶ କ୍ଷମତା ଉପରେ ସରକାରୀ କଟକଣା ରହିବ କି ନାହିଁ, ତାହା ତର୍କସାପେକ୍ଷ। ସାମର୍ଥ୍ୟ, ସୁବିଧା, ସୁଯୋଗ ଦୃଷ୍ଟିରୁ କୌଣସି ସରକାର ହଠାତ୍ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆଗଭର ହେଉନାହାନ୍ତି। ଏହାର ସୁଯୋଗ ନେଇ ଏଆଇକୁ ଆତଙ୍କ ସୃଷ୍ଟିର ମାଧ୍ୟମ କରିଦିଆଯାଉଛି।

ଦ୍ୱିତୀୟରେ, ସାମାଜିକ ଗଣମାଧ୍ୟମର ମନମୁଖି ଖବର ପ୍ରସାରଣର ନିୟନ୍ତ୍ରଣ ପାଇଁ ଭାରତ ସରକାର 'ସୂଚନା ପ୍ରଯୁକ୍ତି ଆଇନ-୨୦୦୦' ଆଣିଛନ୍ତି। ଭାରତରେ ବ୍ୟବସାୟ କରିବାକୁ ହେଲେ ସାମାଜିକ ଗଣମାଧ୍ୟମ ସଂସ୍ଥାଙ୍କୁ ଆଇନ ଅନୁଯାୟୀ ପଞ୍ଜୀକୃତ ହେବା ବାଧ୍ୟତାମୂଳକ। ଆଇନର ଧାରା ୭୯(୩)(ଖ) ଅନୁଯାୟୀ ଯେକୌଣସି ଆପତ୍ତିମୂଳକ ଖବର/ଫଟୋ/ଭିଡିଓକୁ ହଟାଇବା ପାଇଁ ସରକାର ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇପାରିବେ; ଏପରିକି ସଂସ୍ଥାର କାରବାରକୁ ରଦ୍ଦ କରିପାରିବେ। ସେହିଭଳି ୨୦୨୧ର ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କିନ୍ତୁ କେବଳ 'ଏକ୍ସ'କୁ ଛାଡ଼ିଦେଲେ ଅନ୍ୟ ସବୁ ସାମାଜିକ ଗଣମାଧ୍ୟମ ସଂସ୍ଥା ନୂଆ ଆଇଟି ଆଇନ୍‌କୁ ଅନୁପାଳନ କରିଛନ୍ତି।

କୌଣସି ଦେଶରେ ବ୍ୟବସାୟ କରିବାକୁ ହେଲେ ସେହି ଦେଶର ନୀତି-ନିୟମ, ଆଇନ-କାନୁନ୍‌ର ଅନୁପାଳନ ଜରୁରୀ। କିନ୍ତୁ 'ଏକ୍ସ'(ଟ୍ୱିଟର) ବ୍ୟବସାୟିକ ନୈତିକତାରେ ଅଜ୍ଞତା ତୁଳନାରେ ଅହଂକାର ଅଧିକ ଥିବା ମନେ ହେଉଛି। ଏହି ଆଭିମୁଖ୍ୟ ଯୋଗୁଁ ଅତୀତରେ ଏହି ସଂସ୍ଥା ତା'ର ମୂଳ ଦେଶ ଆମେରିକା ସରକାରଙ୍କ ଦ୍ୱାରା କଟକଣାର ସମ୍ମୁଖୀନ ହୋଇଥିବା ବେଳେ ଭାରତ ସରକାର ମଧ୍ୟ ତାଗିଦ କରିଥିଲେ। ବାରମ୍ବାର ତାଗିଦା ସତ୍ତ୍ୱେ 'ଏକ୍ସ' ଚେତୁ ନାହିଁ; ବରଂ ଅର୍ଥ ଓ ପ୍ରତିପତ୍ତି ବଳରେ ବିଭିନ୍ନ ସମୟରେ ସାମାଜିକ ବିରୋଧୀ ତତ୍ତ୍ୱମାନଙ୍କର ପ୍ରରୋଚନାରେ ବିଭ୍ରାନ୍ତିକର ଖବର, ଫଟୋ ଓ ଭିଡିଓ ଉଦ୍ଦେଶ୍ୟମୂଳକ ଭାବେ ପ୍ରଚାର ପ୍ରସାର କରିଆସୁଛି, ଯାହାର ପ୍ରଭାବ ଦେଶର ଏକତା, ସ୍ଥିରତା, ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ବିପଦ ସୃଷ୍ଟି କରୁଛି।

କାର୍ଯ୍ୟ ପରିସର ଯେତେ ବ୍ୟାପକ ଏବଂ ପ୍ରସାରଣ ଦକ୍ଷତା ଯେତେ ଉନ୍ନତ ହେଉ ନା କାହିଁକି ସାମାଜିକ ଗଣମାଧ୍ୟମ ଉପରେ କଟକଣା ରହିବା ଜରୁରୀ। ଆଇନର ଉଲ୍ଲଙ୍ଘନ ଏକ ଅପରାଧ ଏବଂ ଏଥିପାଇଁ ଦଣ୍ଡବିଧାନ ଭୋଗିବାକୁ ହେବ। ସର୍ବୋପରି ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଜରୁରୀ। 'ଏକ୍ସ' ଏହା ଯଥାଶୀଘ୍ର ମାନି ନେବା ତା'ପ୍ରତି ଉଚିତ ହେବ। ମାନବ ସଭ୍ୟତାକୁ ଏଆଇର ଆତଙ୍କରୁ ମୁକ୍ତ କରିବା ପାଇଁ ଏହା ଜରୁରୀ ମଧ୍ୟ।

# ବିଶ୍ୱ ସୂଚକାଙ୍କରେ ଭାରତର ସ୍ଥିତି

**ବୃହସ୍ପତି ସାମଲ**

'ଉତ୍କର୍ଷ ଭାରତ', 'ଦୁର୍ନୀତିମୁକ୍ତ ଭାରତ', 'ଆତ୍ମନିର୍ଭର ଭାରତ', 'ଡିଜିଟାଲ ଭାରତ', 'ନୂତନ ଭାରତ', 'ବିକଶିତ ଭାରତ', 'ଏକ ଭାରତ, ଶ୍ରେଷ୍ଠ ଭାରତ' - ବିଶେଷଭାବେ ନେତା ଓ ଅଧିକାରୀମାନଙ୍କ ଭାଷଣରେ, ବିଜ୍ଞାପନରେ, ରେଡିଓ ଓ ଟିଭି ପ୍ରସାରଣରେ ଅଥବା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏମିତି ଚମକୁଥିବା ଶବ୍ଦମାଳା ଦେଖିଲେ ଲାଗେ ଯେ ସତରେ ଭାରତ ଦ୍ରୁତତମ ଅଗ୍ରଗତି ସହ ବିଶ୍ୱର ଏକ ଅନନ୍ୟ ବିକଶିତ ରାଷ୍ଟ୍ର ଭାବେ ଶୀର୍ଷସ୍ଥାନ ଅଧିକାର କରିବାକୁ ପ୍ରତିଶ୍ରୁତିବଦ୍ଧ। ଆମେ ଏକଥା ଆଦୌ କହୁନାହୁଁ ଯେ ଭାରତ ଅଗ୍ରଗତି କରିନାହିଁ କି କରୁନାହିଁ। କିନ୍ତୁ ବିଭିନ୍ନ ବିଶ୍ୱସ୍ତରୀୟ ସର୍ବେକ୍ଷଣ ଓ ସୂଚକାଙ୍କଗୁଡ଼ିକର ବିଶ୍ଳେଷଣ ଏହି ମନଲୋଭା ଶ୍ରୁତିମଧୁର ନାରାବାଜିର ଆବରଣ ତଳେ ଲୁଚି ରହିଥିବା ତଥା ଦେଶବାସୀଙ୍କ ଦୈନନ୍ଦିନ ଜୀବନରେ ପ୍ରତିବିମ୍ବିତ ହେଉଥିବା ନିଷ୍ଠୁର ସତ୍ୟକୁ ସହଜରେ ଅନାବରଣ କରୁଛି। ପୁଣି ପ୍ରଶ୍ନ କରୁଛି ଏସବୁ ଲୋଭନୀୟ ନାରାବାଜିର ଆଢୁଆଳରେ ଆମ ବିକାଶର ସତ୍ୟତା କେତେ? ତଥାକଥିତ ଉନ୍ନତି ଓ ପ୍ରଗତିର ବିଶ୍ୱ ମାନଚିତ୍ରରେ ଭାରତର ସ୍ଥାନ କେଉଁଠି? କଠୋର ହେଲେ ବି ସତ୍ୟ ଓ ତଥ୍ୟର ଦର୍ପଣରେ କିଛି ପ୍ରମୁଖ କ୍ଷେତ୍ରର ପ୍ରତିଛବିର ଅବଲୋକନ, ବିଶ୍ଳେଷଣ ଓ ମୂଲ୍ୟାୟନ ଜରୁରୀ।

ଅପୂର୍ଣ୍ଣ ପୋଷଣ ତଥା କୁପୋଷଣ ଯୋଗୁଁ ଶିଶୁମାନଙ୍କର ଦୁର୍ବଳତା, ଉଚ୍ଚତା ଓ ଓଜନ ହ୍ରାସ ଏବଂ ଶିଶୁ ମୃତ୍ୟୁ ଆଧାରରେ ପ୍ରସ୍ତୁତ 'ବିଶ୍ୱ କ୍ଷୁଧା ସୂଚକାଙ୍କ' ୨୦୨୫ ଅନୁଯାୟୀ ୨୫.୮ ଅଙ୍କ ସହ ବିଶ୍ୱର ୧୨୩ଟି ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ୧୦୨ରେ (ଗୁରୁତର ସ୍ଥିତି) ରହିଛି। ପଡ଼ୋଶୀ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ ଓ ପାକିସ୍ତାନ ଭାରତଠାରୁ ଭଲ ସ୍ଥିତିରେ ଅଛନ୍ତି। ଭାରତରେ ୧୧.୭% ଗ୍ରାମୀଣ ଭାରତୀୟ ଓ ୧୦.୨% ସହରୀ ଭାରତୀୟ ନିର୍ଦ୍ଦିଷ୍ଟ କ୍ୟାଲୋରୀରୁ କମ୍ ଖାଦ୍ୟ ଗ୍ରହଣ କରୁଛନ୍ତି। 'ଟ୍ରାନ୍ସପେରେନ୍ସି ଇଣ୍ଟରନ୍ୟାସନାଲ' 'ଦୁର୍ନୀତି ଧାରଣା ସୂଚକାଙ୍କ' ୨୦୨୪ ଅନୁସାରେ ଭାରତ ୧୮୦ଟି ଦେଶ ମଧ୍ୟରୁ ମୋଟ୍ ୩୮ ଅଙ୍କ (ଅତିଶୟ ଦୁର୍ନୀତିଯୁକ୍ତକୁ ଶୂନ୍ୟ ଅଙ୍କ ଓ ଦୁର୍ନୀତିମୁକ୍ତକୁ ୧୦୦ ଅଙ୍କ ଆଧାରରେ) ପାଇ ୯୬ ତମ ସ୍ଥାନରେ ରହିଛି, ଯାହା ବିଶ୍ୱସ୍ତରୀୟ ହାରାହାରି ଅଙ୍କ ୪୩ ଓ ଏସିଆ-ପ୍ରଶାନ୍ତ ମହାସାଗରୀୟ ଆଞ୍ଚଳିକ ଅଙ୍କ ୪୪ ଠାରୁ କମ୍। ଭୁଟାନ, ଚୀନ ଓ ମାଳଦ୍ୱୀପ ଭଳି ଭାରତର ପଡ଼ୋଶୀ ରାଷ୍ଟ୍ର ଭାରତଠାରୁ ଉପରେ ଅଛନ୍ତି। ସେହିଭଳି 'ବିଶ୍ୱ ସନ୍ତୋଷ ସୂଚକାଙ୍କ'- ୨୦୨୫ ତାଲିକାରେ ଭାରତର ସ୍ଥାନ ୧୪୭ଟି ଦେଶ ମଧ୍ୟରେ ୧୧୮। ପଡ଼ୋଶୀ ଚୀନ୍, ନେପାଳ ଓ ପାକିସ୍ତାନ ତାଲିକାର ୬୮, ୯୨ ଓ ୧୦୯ ତମ ସ୍ଥାନରେ ଥାଇ ସୁଖ ଓ ସନ୍ତୋଷରେ ଭାରତଠାରୁ ଊର୍ଦ୍ଧ୍ୱରେ। ଭାରତର ଉଦୀୟମାନ ଅର୍ଥ ବ୍ୟବସ୍ଥାରେ ଅତିଶୟ ଦରିଦ୍ରତାର ଉପସ୍ଥିତି ପାରସ୍ପରିକ ବିରୋଧାଭାସକୁ ସ୍ପଷ୍ଟ କରୁଛି। କ୍ରମବର୍ଦ୍ଧିଷ୍ଣୁ ଅସମାନତା, ଭିଡ଼ ଭିତରେ ବି ସହରବାସୀଙ୍କ ନିଃସଙ୍ଗତା ଓ ସାମାଜିକ ବିମୁଖତା ମାନବ ଅନୁଭୂତିକୁ ଫମ୍ପା କରି ସୁଖ ଓ ସାମାଜିକ ସୁସ୍ଥତା ପ୍ରଦାନରେ ବିଫଳ ହେଉଥିବାରୁ ଭାରତ ମୋଟ୍ ଘରୋଇ ଉତ୍ପାଦରେ ବୃଦ୍ଧି, ପ୍ରଯୁକ୍ତିଗତ ଉନ୍ନତି ଓ ବିଶ୍ୱସ୍ତରୀୟ ଅଭିବୃଦ୍ଧିର ନାରାବାଜି ଯୁକ୍ତିଯୁକ୍ତ ମନେହୁଏନା। ତେଣୁ କେବଳ ଆର୍ଥିକ ଦୃଷ୍ଟିକୋଣରୁ ନୁହେଁ, ଭାରତକୁ ମାନବିକ ସନ୍ତୋଷ, ସମବେଦନା ଓ ସାମୂହିକ ସୁଖରେ ଅଗ୍ରସର ହେବା ପାଇଁ ସରକାରୀ ସ୍ତରରେ ସାମାଜିକ ସୁରକ୍ଷା ଯୋଜନା ପ୍ରତି ସମର୍ଥନ ବୃଦ୍ଧି, ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ, ଶିକ୍ଷା, ନୀତିଗତ ମୂଲ୍ୟବୋଧ ଓ ପାରିବାରିକ ସମ୍ପର୍କର ସୁଦୃଢ଼ୀକରଣ, ଆୟ ବିଷମତା ହ୍ରାସ ଭଳି ଅନେକଗୁଡ଼ିଏ ଦିଗ ପ୍ରତି ଦୃଷ୍ଟିଦେବା ଜରୁରୀ।

ସରକାରୀ ନିୟନ୍ତ୍ରଣ ସହ ସ୍ୱାଧୀନ ଗଣମାଧ୍ୟମ ଉପରେ ଅତିରିକ୍ତ ଚାପ, ଘରୋଇ ଗଣମାଧ୍ୟମଗୁଡ଼ିକର ଅତ୍ୟଧିକ ମାଲିକାନା ତଥା ସାମ୍ବାଦିକମାନଙ୍କ ଉପରେ କ୍ରମବର୍ଦ୍ଧିଷ୍ଣୁ ଆକ୍ରମଣ ଓ ହତ୍ୟା ଏବଂ ଡିଜିଟାଲ ସେନସରସିପ୍ ଆଧାରରେ 'ରିପୋର୍ଟର୍ସ ଉଇଦାଉଟ ବୋର୍ଡର୍ସ' ଦ୍ୱାରା ପ୍ରକାଶିତ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ' ୨୦୨୫ରେ ୧୮୦ଟି ଦେଶ ମଧ୍ୟରେ ଭାରତ ୧୫୧ତମ ସ୍ଥାନରେ ରହି ଅତି ଗୁରୁତର ଶ୍ରେଣୀଭୁକ୍ତ। ସେହି ତୁଳନାରେ ଦେଖିବାକୁ ଗଲେ ନେପାଳ, ମାଳଦ୍ୱୀପ, ଶ୍ରୀଲଙ୍କା ଓ ବାଂଲାଦେଶ ଯଥାକ୍ରମେ ୯୦, ୧୦୪, ୧୩୯ ଓ ୧୪୯ତମ ସ୍ଥାନରେ ଥାଇ ଭାରତଠାରୁ ପ୍ରେସ ସ୍ୱାଧୀନତାରେ ଆଗରେ ଅଛନ୍ତି। ନିକଟରେ ପ୍ରକାଶିତ 'ମର୍ସରସିଏଫ୍‌ଏ ଇନଷ୍ଟିଚ୍ୟୁଟ୍ ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଭାରତର ଅତ୍ୟନ୍ତ ଦୁର୍ବଳ ଓ ଅସୁସ୍ଥ ପେନସନ ପ୍ରଣାଳୀ ଉପରେ ଦୃଢ଼ ଆଲୋକପାତ କରିବା ସହ ତୁର୍କୀ, ଫିଲିପାଇନ୍ସ, ଥାଇଲାଣ୍ଡ ଓ ଆର୍ଜେଣ୍ଟିନା ସହ ଭାରତକୁ ସବୁଠୁ ନିକୃଷ୍ଟ ପ୍ରଦର୍ଶନକାରୀ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନିତ କରିଛି। ଏହି ରିପୋର୍ଟ ଅନୁଯାୟୀ ବୟସ୍କ ନାଗରିକଙ୍କ ଆର୍ଥିକ ନିରାପତ୍ତା ବିଷୟରେ ଦେଶ ଏକ ଉଦ୍‌ବେଗଜନକ ଅସମନ୍ୱୟ ପରିସ୍ଥିତିରେ ରହିଛି। ଭାରତ ୪୩.୮ ଅଙ୍କ (ଯାହା ବିଶ୍ୱର ହାରାହାରି ଅଙ୍କ ୬୪.୫ରୁ ଯଥେଷ୍ଟ କମ୍) ସହ ବିଶ୍ୱର ସବୁଠୁ ନିମ୍ନ ଶ୍ରେଣୀରେ, ଅର୍ଥାତ 'ଡି' ଶ୍ରେଣୀରେ ସ୍ଥାନିତ ହୋଇଛି। ସିଙ୍ଗାପୁର୍, ହଂକଂ ଓ ମାଲେସିଆ ଭଳି ଏସିଆର ଅନ୍ୟ ଦେଶଗୁଡ଼ିକ ଯେଉଁଠି ୮୦.୮, ୭୦.୬ ଓ ୬୦.୬ ଅଙ୍କ ପାଇଛନ୍ତି, ସେହି ତୁଳନାରେ ଭାରତ ବହୁତ ପଛରେ ରହିଛି। 'ପର୍ଯ୍ୟାପ୍ତତା' (୪୦%), ' ସ୍ଥାୟିତ୍ୱ' (୩୫%) ଏବଂ 'ସାଧୁତା' (୨୫%) ଭଳି ତିନୋଟି ପରିମାପକ ଉପରେ ଆଧାରିତ ମୂଲ୍ୟାଙ୍କନ ଭାରତୀୟ ପେନସନ ବ୍ୟବସ୍ଥାର ସମସ୍ତ ପାରିପାର୍ଶ୍ୱିକ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଗଭୀର ସଂରଚନାତ୍ମକ ଦୋଷଦୁର୍ବଳତା ଓ ଶାସନଗତ ଅପାରଗତାକୁ ପ୍ରକାଶ କରିଛି। ତେଣୁ ଭାରତରେ ବୟସ୍କ ନାଗରିକଙ୍କ ସାମାଜିକ ସୁରକ୍ଷା ଏବେ ଅତ୍ୟନ୍ତ ଚିନ୍ତାଜନକ।

ସେହିଭଳି ଅନ୍ୟାନ୍ୟ ବହୁ ପ୍ରମୁଖ କ୍ଷେତ୍ରରେ ଭାରତର ସ୍ଥିତି ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ତୁଳନାରେ ସେତେ ଭଲ ନୁହେଁ। 'ୟୁନିଭର୍ସିଟି ଅଫ୍ ଚିକାଗୋ'ର 'ଏନର୍ଜି ପଲିସି ଇନଷ୍ଟିଚ୍ୟୁଟ' ଦ୍ୱାରା ପ୍ରକାଶିତ ୨୦୨୫ ବାୟୁ ଗୁଣବତ୍ତା ଜୀବନ ସୂଚକାଙ୍କ ଅନୁସାରେ ସଂପୂର୍ଣ୍ଣ ଭାରତରେ ୨୦୨୩ରେ ବାୟୁ ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଦିଷ୍ଟ ସୁରକ୍ଷା ସୀମାର ଆଠ ଗୁଣାଠାରୁ ଅଧିକ ଥିଲା। ୨୦୧୭ରେ ଭାରତରେ ପ୍ରଦୂଷଣ ଜନିତ ମୃତ୍ୟୁ ୧୨, ୪୦, ୫୩୦ (ମୋଟ୍ ମୃତ୍ୟୁ ସଂଖ୍ୟାର ୧୨.୫%) ଥିଲା, ଯାହା କ୍ରମାଗତ ବୃଦ୍ଧି ପାଇ ୨୦୧୯ରେ ୧୬, ୭୦, ୦୦୦ (ମୋଟ୍ ମୃତ୍ୟୁର ୧୭.୮%) ଓ ୨୦୨୨ରେ ୧୭, ୧୮, ୦୦୦ରେ ପହଞ୍ଚିଛି। 'ରୋଡ୍ ସେଫ୍‌ଟି ଇଣ୍ଡେକ୍ସ'ରେ ଭାରତ ୯୧ତମ ସ୍ଥାନରେ ଥିବା ବେଳେ ଭୁଟାନ ୩୮ ତମ ଓ ନେପାଳ ୪୦ତମ ସ୍ଥାନରେ ଅଛନ୍ତି। ପ୍ରତିବର୍ଷ ୧.୫ ଲକ୍ଷରୁ ଅଧିକ ଭାରତୀୟ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। 'ଇଣ୍ଟରନେଟ ସ୍ୱାଧୀନତା ସୂଚକାଙ୍କ'ରେ ଭାରତ ୧୦୬ତମ ସ୍ଥାନରେ ରହିଛି, ଯାହା ଡିଜିଟାଲ ସ୍ୱାଧୀନତାର ଅଭାବ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରେ। 'ଗ୍ଲୋବାଲ ଇନୋଭେସନ ଇଣ୍ଡେକ୍ସ'ରେ ଭାରତ ୩୯ତମ ସ୍ଥାନରେ ଥିବା ବେଳେ ଦକ୍ଷିଣ ଆଫ୍ରିକା ଭଳି ରାଷ୍ଟ୍ର ୩୩ତମ ସ୍ଥାନରେ ଅଛି। 'ଲିଙ୍ଗ ସମାନତା ସୂଚକାଙ୍କ'ରେ ଭାରତ ୧୩୧ତମ ସ୍ଥାନରେ ଥିବା ବେଳେ ନେପାଳ ୧୧୬ତମ ସ୍ଥାନରେ ଥିବା ଭାରତରେ ନାରୀର ସୁଯୋଗ ଓ ସୁରକ୍ଷାର ଅଭାବକୁ ପ୍ରମାଣିତ କରେ। 'ଇଜ ଅଫ୍ ଡୁଇଂ ବିଜନେସ'ରେ ଭାରତ ୬୩ତମ ଓ ରାୱାଣ୍ଡା ୩୮ ତମ ସ୍ଥାନରେ ରହିବା ଭାରତରେ ବ୍ୟବସାୟ ପରିବେଶର ଅସୁବିଧାକୁ ପ୍ରକାଶ କରେ। ସେହିଭଳି 'ଗ୍ଲୋବାଲ ପିସ୍ ଇଣ୍ଡେକ୍ସ'ରେ ଭାରତ ୧୨୬ତମ ସ୍ଥାନରେ ରହିବା ଦୁର୍ଭାଗ୍ୟଜନକ।

ଏହିଭଳି ଅନ୍ୟାନ୍ୟ ଅନେକ କ୍ଷେତ୍ର ଉପରେ ଆଲୋଚନା ଦୀର୍ଘ ହେଇପାରେ। ତେଣୁ ଏହି ସଂଖ୍ୟା ଓ ସୂଚକାଙ୍କର ସମସ୍ୟାର ଊର୍ଦ୍ଧ୍ୱକୁ ଯିବା ପାଇଁ ତଥା ଏହିଭଳି ଅବନତିକୁ ଉନ୍ନତିରେ ପରିଣତ କରିବା ପାଇଁ ସଂସ୍କୃତି ଓ ଆଦର୍ଶରେ ଅଦ୍ୱିତୀୟ ଭାରତବର୍ଷକୁ କେବଳ ଶ୍ରୁତିମଧୁର ନାରାବାଜି ଓ ଭାଷଣ କିମ୍ବା ଖର୍ଚ୍ଚବହୁଳ ଦୃଷ୍ଟି ଆକର୍ଷଣକାରୀ ବିଜ୍ଞାପନରେ ସୀମିତ ନହୋଇ ଗଭୀର ନୀତିଗତ ଏବଂ ପ୍ରାୟୋଗିକ ପଦକ୍ଷେପ ସହ ଯୋଜନାଗତ ତ୍ରୁଟି ଓ ପ୍ରଶାସନିକ ଦୁର୍ବଳତାକୁ ସୁଧାରିବାର ସମୟ ଉପନୀତ। ଲୋକସେବା ଓ ନୀତିରେ ସଂପୂର୍ଣ୍ଣ ଦୃଢ଼ତା ନଥିଲେ, ଉନ୍ନତି ମାତ୍ର ଏକ ଶବ୍ଦ ହୋଇ ରହିଯିବ।

ଏକଦା ଅନେକ ସଭ୍ୟତାକୁ ପ୍ରେରଣା ଦେଇଥିବା ଭାରତ ପାଖରେ ଏବେ ନିଜ ଅସ୍ତିତ୍ୱକୁ ପୁନଃପ୍ରତିଷ୍ଠିତ କରିବାର ଅବସର ଆସିଛି। ଆମକୁ ଏବେ ଅଭିମାନ ଓ ଅଭିଯୋଗ ନୁହେଁ, ବରଂ ଆତ୍ମପରିଶୋଧନ ଆବଶ୍ୟକ। ଏହି ଦେଶ ଯେତେବେଳେ ତଥ୍ୟ ଓ ସତ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ କରିବ, ସେତେବେଳେ 'ନୂତନ ଭାରତ' କେବଳ ଏକ ସ୍ଲୋଗାନ ନହୋଇ ତା'ର ଯଥାର୍ଥତା ପ୍ରତିପାଦନ କରିବ।

ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

# ଆର୍ଥିକ ସୁଦୃଢ଼ୀକରଣରେ କୋରାପୁଟ କଫି

**ନିରଞ୍ଜନ ନାୟକ**



ଅନେକ ସମୟରେ କାମ ଚାପରୁ ମୁକ୍ତ ହେବା ପାଇଁ ଆମକୁ ଦରକାର ପଡ଼େ ଗରମ ମୃଦୁ୍ୟ ପାନୀୟ। ଢୋକେ ପିଇଦେଲେ ଦେହରୁ ଦୂର ହୋଇଯାଏ ଥକ୍କାପଣ। ବୃଦ୍ଧି ପାଏ ଶାରୀରିକ କାର୍ଯ୍ୟଦକ୍ଷତା। ସେଇ ପାନୀୟ ମଧ୍ୟରୁ ସ୍ୱାସ୍ଥ୍ୟଗତ ଲାଭ ଦୃଷ୍ଟିରୁ ସର୍ବୋତ୍ତମ ମନେହୁଏ କଫି। କଫିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ମାନସିକ ଅବସାଦ ଦୂର କରିଥାଏ। ମୁଖ, ଗଳା ସଂକ୍ରମଣରୁ ଆରାମ ଦିଏ। ବିଭିନ୍ନ କୋଷକୁ ସୁରକ୍ଷିତ ରଖେ। ପାଚନ ତନ୍ତ୍ରକୁ କ୍ରିୟାଶୀଳ କରାଏ। କଫିରେ ରିବୋଫ୍ଲୁବିନ, ମାଙ୍ଗାନିଜ, ପୋଟାସିୟମ, ମ୍ୟାଗେନସିଅମ, ନିୟାସିନ ଶରୀର ପାଇଁ ଉପାଦେୟ ହୋଇଥାଏ। ଆକଳନରୁ ଜଣାପଡ଼ିଛି ଯେ ଜଣେ ବ୍ୟକ୍ତି ଦୈନିକ ୪୦୦ ମିଲି ଗ୍ରାମ ଅଥବା ୧ ରୁ ୨ କପ୍ କଫି ପିଇଲେ ଶରୀର ପାଇଁ ଉତ୍ତମ ଅଟେ। ଆମ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ଯେ କୋରାପୁଟ ଅଞ୍ଚଳରେ ଚାଷ ହେଉଥିବା କଫି 'କୋରାପୁଟ୍ କଫି' ବ୍ରାଣ୍ଡରେ ବିଶ୍ୱାଦୃତ ହେବାରେ ଲାଗିଛି। ଅତୁଳନୀୟ ସ୍ୱାଦଯୁକ୍ତ ଏହି କଫି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଚାଷୀମାନଙ୍କ ଆୟରେ ଉଲ୍ଲେଖନୀୟ ବୃଦ୍ଧି କରିପାରିଛି।

କୋରାପୁଟ କଫି ଚାଷ ୧୯୩୦ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳର କୋରାପୁଟ ରାଜା ରାଜବାହାଦୂର ରାମଚନ୍ଦ୍ର ଦେବ ପ୍ରଥମେ କୋରାପୁଟ ମାଟିରେ କଫି ଗଛ ଲଗାଇଥିଲେ। ସେତେବେଳେ କଫି ଚାଷ ଏତେଟା ଗୁରୁତ୍ୱ ପାଇ ନ ଥିଲା। କିନ୍ତୁ ୧୯୫୦ ମସିହାରେ ସରକାରୀସ୍ତରରେ ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ଅଞ୍ଚଳରେ କଫି ଚାଷ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ପୂର୍ବଘାଟ ପର୍ବତମାଳାର ତିନିହଜାର ଫୁଟ ଉଚ୍ଚତାରେ ଅବସ୍ଥିତ କୋରାପୁଟର ଜଳବାୟୁ, ବୃଷ୍ଟିପୁଷ୍ଟ ଅଞ୍ଚଳ ଓ ଉତ୍କୃଷ୍ଟ ମାଟି କଫି ଚାଷ ପାଇଁ ସର୍ବୋତ୍ତମ।

ତେଣୁ କୋରାପୁଟ ଆଞ୍ଚଳରେ ୧୯୫୮ ମସିହାରେ କଫି ଚାଷ ପାଇଁ ପ୍ରଥମେ ସରକାରୀ ସହାୟତା ଦିଆଯାଇଥିଲା। ୨୦୧୭ ମସିହାରେ କଫି ବୋର୍ଡ ଓ କଫି ବିକାଶ ଟ୍ରଷ୍ଟ ତାଲିମ କାର୍ଯ୍ୟକ୍ରମ, ଜମି ଚୟନ, ଆଦିବାସୀଙ୍କ ସଶକ୍ତୀକରଣ ଦିଗ ପ୍ରତି ଗୁରୁତ୍ୱ ଦେଲା। ପ୍ରଥମ କରି ସ୍ୱୟଂ ସହାୟକ ଗୋଷ୍ଠୀ କଫି ଚାଷରେ ସହଯୋଗ କରି ମହିଳା ସଶକ୍ତୀକରଣ ଓ ସ୍ୱାବଲମ୍ବନର ଧାରାକୁ ଉନ୍ମୋଚିତ କରିଥିଲେ। କୋରାପୁଟରେ କଫି ଚାଷ ହେଉଥିବା ଜମିର ପରିମାଣ ୩୫୦୦ ହେକ୍ଟର। ୪୩୦୦ ଆଦିବାସୀ ଚାଷୀଙ୍କ ୭୭୮ ହେକ୍ଟର କଫି ଚାଷ ଜମି ଏଥିରେ ଅନ୍ତର୍ଭୁକ୍ତ। କୋରାପୁଟ କଫି ଚାଷ ଓ ବଜାରୀକରଣର ସଫଳତା ପରେ ଓଡ଼ିଶା ସରକାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମାଧ୍ୟମରେ ୨୦୩୦ ମସିହା ପର୍ଯ୍ୟନ୍ତ 'କଫି ମିଶନ'କୁ ଏକ ସରକାରୀ ଅଭିଯାନ ରୂପେ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର କରିଛନ୍ତି। ରାଜ୍ୟରେ ୪୦, ୦୦୦ ହେକ୍ଟର ଜମିରେ ଏହି କଫି ଚାଷ କରାଯିବା ସହ ଉତ୍ପାଦନକୁ ୨୦, ୦୦୦ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରହିଛି।

ଅନୁକୂଳ ପରିବେଶ, ଉପଯୁକ୍ତ ମାଟି କଫି ଚାଷ ପାଇଁ ସର୍ବୋତ୍ତମ ହୋଇଥିବା ଯୋଗୁଁ ଓଡ଼ିଶା ସରକାରଙ୍କ କଫି ଚାଷକୁ କେବଳ କୋରାପୁଟ ଜିଲ୍ଲାରେ ସୀମିତ ନ ରଖି ଆଉ ପାଞ୍ଚଟି ଜିଲ୍ଲାକୁ ବିସ୍ତାର କରିଛନ୍ତି। ମୟୂରଭଞ୍ଜ, କନ୍ଧମାଳ, କେନ୍ଦୁଝର, ଗଜପତି ଓ ରାୟଗଡ଼ା ଜିଲ୍ଲାରେ କଫି ଚାରାରୋପଣ କରାଯାଇ କଫି ଚାଷକୁ ୧୦ ବର୍ଷ ମଧ୍ୟରେ ବିସ୍ତାର କରିବାର ଲକ୍ଷ୍ୟ ରଖାଯାଇଛି। ଏହା ଓଡ଼ିଶାରେ କଫି ଚାଷ ଓ ଉତ୍ପାଦର ଗୁଣବତ୍ତାର ବ୍ୟାପକ ଖ୍ୟାତି, ବଜାରୀକରଣର ନୂଆ ଦିଗ ପ୍ରତି ଇଙ୍ଗିତ କରୁଛି। ୧୯୮୫ ମସିହା ପରେ ରାୟଗଡ଼ା ଜିଲ୍ଲା ଡୁମେଲ, ଅଗ୍ରଗାମୀ ପରିସର ଓ କାଶୀପୁରରେ କେତେକ ଚାଷୀ ନିଜ ଉଦ୍ୟମରେ କଫି ଚାଷ କରି କଫି ମଞ୍ଜିକୁ ଅନ୍ୟ ରାଜ୍ୟକୁ ପଠାଉଥିଲେ। ବର୍ତ୍ତମାନ କୋରାପୁଟ କଫି 'ଆରବିକା କିସମ' କଫି ଭାବରେ ଏହାର ସ୍ୱାଦ ଓ ଗୁଣବତ୍ତା ପାଇଁ ସୁନାମ ଅର୍ଜନ କରିଚାଲିଛି। କୋରାପୁଟ, କାଶୀପୁର, କନ୍ଧମାଳ, କେଉଁଝର, ମୟୂରଭଞ୍ଜର କିଛି ଅଞ୍ଚଳରେ 'ରୋବଷ୍ଟା' ଏବଂ 'କୃତି' କିସମ କଫି ମଧ୍ୟ ଚାଷ କରାଯାଇଛି। ଭାରତୀୟ କଫି ବୋର୍ଡର ପରିସଂଖ୍ୟାନ ଅନୁଯାୟୀ ଆମ ରାଜ୍ୟରେ ବର୍ତ୍ତମାନ ୪, ୫୦୦ ହେକ୍ଟର ଜମିରୁ କଫି ଉତ୍ପାଦନ ହେଉଛି। ୨୦୨୧-୨୨ ମସିହାରେ ରାଜ୍ୟରୁ ୬୧୦ ମେଟ୍ରିକ୍ ଟନ୍ ଜୈବିକ 'ଆରବିକା କିସମ' କଫି ଉତ୍ପାଦନ ଓଡ଼ିଶା କଫିର ଉଜ୍ଜ୍ୱଳ ଭବିଷ୍ୟତକୁ ଦର୍ଶାଉଛି। ନିରନ୍ତର 'ଜୀବିକା ପାଇଁ କଫି ପ୍ଲାଣ୍ଟେସନ' ନୂତନ ଯୋଜନା ମାଧ୍ୟମରେ ଅଧିକ ଅଞ୍ଚଳରେ 'ରୋବଷ୍ଟା କଫି କିସମ' ଚାଷ କରାଯିବା ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଜୀବନ ଜୀବିକାର ବ୍ୟାପକ ପରିବର୍ତ୍ତନ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି।

କୋରାପୁଟ ଜିଲ୍ଲାର ପ୍ରାକୃତିକ ପରିବେଶରେ ଜୈବିକ ଉପାୟରେ ଚାଷ କରାଯାଉଥିବା 'ଆରବିକା କଫି' କୋରାପୁଟ ମାଟିକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଚାଷୀମାନଙ୍କ ଆଗ୍ରହ, ସରକାରୀ ସହାୟତା ଏବଂ ବଜାର ସୁବିଧା ଥିଲେ ଏକ ନିଶ୍ଚିତ ଓ ନିରନ୍ତର ଜୈବିକ ଗୁଣବତ୍ତା କଫି ଚାଷ ଅଞ୍ଚଳ ରୂପେ କୋରାପୁଟର ଭବିଷ୍ୟତକୁ ଉଜ୍ଜ୍ୱଳ କରିପାରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କୋରାପୁଟ କଫି ରପ୍ତାନୀ ହୋଇ ଆମ ଦେଶର ଅର୍ଥନୀତିର ସୁଦୃଢ଼ୀକରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ।

ଟିକିରି(ରାୟଗଡ଼ା), ମୋ: ୭୯୯୧୦୨୧୫୮୫

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

## ସଜନା
(Drumstick- Moringa oleifera)

### ପ୍ରକୃତି-ପରିବେଶ

ସଜନା ଉତ୍ତର-ଭାରତର ମୂଳଜାତ ଉଦ୍ଭିଦ ଏବଂ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆରେ ବହୁଳ ଭାବରେ ଦେଖାଯାଏ। ପରେ ଏହା ଆରବୀୟ ଉପଦ୍ୱୀପ, ଉଷ୍ମମଣ୍ଡଳୀୟ ଆଫ୍ରିକା, ଉଷ୍ମମଣ୍ଡଳୀୟ ଦକ୍ଷିଣ ଆମେରିକା, ମଧ୍ୟ-ଆମେରିକା, କାରବିଆନ ସମେତ ଅନେକ ଦେଶରେ ପ୍ରାକୃତିକୀକରଣ ହୋଇଚାଲିଲା। ଏହା ସାଧାରଣତଃ ସମୁଦ୍ର ପତ୍ତନଠାରୁ ୧, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ବଢ଼ିଥାଏ। ମୁଖ୍ୟତଃ ଖାଦ୍ୟଯୋଗ୍ୟ ଫଳ, ପତ୍ର, ଫୁଲ, ମୂଳ, ତେଲ ଓ ପାରମ୍ପରିକ ଔଷଧରେ ବହୁଳ ଭାବରେ ବ୍ୟବହାର ପାଇଁ ସଜନାର ଚାହିଦା ରହିଛି।

ସଜନା ଦ୍ରୁତ ଭାବରେ ବଢୁଥିବା ଏକ ଛୋଟ ପର୍ଣ୍ଣମୋଚୀ ଗଛ, ଯାହା ୧୦-୧୨ ମିଟର ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚିପାରେ। ଏହାର କାଣ୍ଡ ନରମ, ବହୁତ ଶାଖାଯୁକ୍ତ, ଝଡ଼ ପବନ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ। ସଜନାର ବିଭିନ୍ନ ଅଂଶ ଖାଦ୍ୟଯୋଗ୍ୟ। ଏହାର ଅପରିପକ୍ୱ କଞ୍ଚା ଫଳ(ଡ୍ରମଷ୍ଟିକ୍ସ) ପତ୍ର, ବିହନ, ବିହନରୁ ଚିପୁଡ଼ା ତେଲ, ଫୁଲ ଓ ମୂଳ ବିଶେଷ ଉପଯୋଗୀ। ପତ୍ରଗୁଡ଼ିକ ଉଦ୍ଭିଦର ସବୁଠାରୁ ପୁଷ୍ଟିକର ଅଂଶ, ଯାହା ବିଟାମିନ୍ ବି, ଭିଟାମିନ୍ ସି, ବିଟା-କାରୋଟିନ୍ ଭାବରେ ପ୍ରୋଭିଟାମିନ୍ ଏ, ଭିଟାମିନ୍ କେ, ମାଙ୍ଗାନିଜ୍ ଓ ପ୍ରୋଟିନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ପତ୍ରରେ ଥିବା କିଛି କ୍ୟାଲସିୟମ୍, କ୍ୟାଲସିୟମ୍ ଅକ୍ସାଲେଟର ସ୍ଫଟିକ ଭାବରେ ଆବଦ୍ଧ ଥାଏ। ସାଧାରଣତଃ ସଜନା କଞ୍ଚା ଫଳ ବା ଛୁଇ ରୋଷେଇ ପନିପରିବା ଭାବରେ ବ୍ୟବହୃତ ହୁଏ। ଏଥିରେ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଥାଏ ଏବଂ ଏହା ଖାଦ୍ୟ ତନ୍ତୁ, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଓ ମାଙ୍ଗାନିଜ୍‌ର ଏକ ଭଲ ଉତ୍ସ ମଧ୍ୟ। ଫଳଟି ଡାଲି ଓ ମସୁର ସୁପ୍, ଯେପରିକି ଡ୍ରମଷ୍ଟିକ୍ ଡାଲି, ସମ୍ବରରେ ଏକ ସାଧାରଣ ଉପାଦାନ। ସାଧାରଣତଃ ହାଲୁକା ଭଜା କିମ୍ବା ତରକାରୀ ପନିପରିବାରେ ସଜନା ଏକ ମିଶ୍ରଣ ପରିବା। ଏହାର ବାହ୍ୟ ଚୋପା ରସାଳ, ତନ୍ତୁଯୁକ୍ତ, ପୁଷ୍ଟିକର, କଠିନ। ତେଣୁ ଏହାକୁ ପ୍ରାୟତଃ ଚୋବାଇ ଖିଆଯାଏ। ଅବଶିଷ୍ଟ ତନ୍ତୁଯୁକ୍ତ ସାମଗ୍ରୀକୁ ପରିତ୍ୟାଗ କରାଯାଏ।

ପରିପକ୍ୱ ବିହନଗୁଡ଼ିକ ୩୮-୪୦ ଶତାଂଶ ଖାଦ୍ୟ ତେଲ ବହନ କରେ, ଯାହାକୁ 'ବେନ୍ ତେଲ' କୁହାଯାଏ। ସେଥିରେ ବେହେନିକ୍ ଅମ୍ଳର ସାନ୍ଦ୍ରତା ଅଧିକ ଥାଏ। ପରିଷ୍କୃତ ତେଲ ସ୍ୱଚ୍ଛ ଓ ଗନ୍ଧହୀନ। କଅଁଳ ଫଳଗୁଡ଼ିକୁ ପାଣିରେ ସିଝାଯାଇ ସେଥିରୁ ତେଲକୁ ବାହାର କରିଦିଆଯାଇପାରିବ। ତେଲ ନିଷ୍କାସନ ପରେ ବଳକା ଥିବା ବିହନ ପିଠାକୁ ଜୈବିକ ସାର ଭାବରେ ବ୍ୟବହାର କରାଯାଇପାରିବ। ପାଣିକୁ ବିଶୁଦ୍ଧ କରିବା ପାଇଁ ଫ୍ଲୋକ୍ୟୁଲେଣ୍ଟ ଭାବରେ ସଜନା ବିହନ ବା ଏହାର ତେଲଚିପୁଡ଼ା କେକ୍ ବ୍ୟବହୃତ ହୁଏ। ସଜନା ବିହନ ତେଲର ଜୈବ ଇନ୍ଧନ ଭାବରେ ବ୍ୟବହାର କରିବାର ସମ୍ଭାବନା ମଧ୍ୟ ଅଛି। ମୂଳଗୁଡ଼ିକରେ ପୋଲିଫେନୋଲ ରହିଥିବା ହେତୁ ଏହାକୁ ଖଣ୍ଡ ଖଣ୍ଡ କରି ତୀକ୍ଷ୍ଣ ସ୍ୱାଦ ମସଲା ଭାବରେ ବ୍ୟବହାର କରାଯାଏ। ଫୁଲଗୁଡ଼ିକ ବଙ୍ଗାଳୀ ଖାଦ୍ୟରେ ବସନ୍ତକାଳୀନ ସ୍ୱାଦିଷ୍ଟତା, ସାଧାରଣତଃ ଚୋରଚୋରି ଓ ଫ୍ରିଟର ଭାବରେ ରନ୍ଧା ହୋଇଥାଏ। କୋମଳ ସଜନା ପତ୍ରକୁ ଛୋଟ ଛୋଟ କରି କାଟି ପନିପରିବା ଓ ସାଲାଡ଼ ଭାବରେ ବ୍ୟବହାର କରାଯାଏ, ଯେପରିକି କେରଳ ଖାଦ୍ୟ 'ଥୋରାନ୍'। ଦୀର୍ଘକାଳୀନ ବ୍ୟବହାର ପାଇଁ ସଜନା ପତ୍ରଗୁଡ଼ିକୁ ଶୁଖାଯାଇ ପାଉଡର ଭାବେ ସଂରକ୍ଷିତ କରାଯାଇପାରେ। ପାଉଡରକୁ ସାଧାରଣତଃ ସୁପ୍, ସସ୍, ଦହି, ପନିର, ପାଉଁରୁଟି, ପେଷ୍ଟ୍ରି ଆଦିରେ ବ୍ୟବହାର କରାଯାଇପାରିବ।

ପାରମ୍ପରିକ ଔଷଧରେ ଏହାର ଛାଲି, ରସ, ମୂଳ, ପତ୍ର, ଫୁଲ ଓ ବିହନ ବ୍ୟବହାର କରାଯାଏ। ଏହା ରକ୍ତ ଲିପିଡ୍ ପ୍ରୋଫାଇଲ୍ ଓ ଇନସୁଲିନ୍ କ୍ଷରଣକୁ ପ୍ରଭାବିତ କରିପାରେ। ଏଥିସହିତ ପୁଷ୍ଟିବର୍ଦ୍ଧନ, ଖାଦ୍ୟ ସୁରକ୍ଷା ବୃଦ୍ଧି, କୁପୋଷଣ ମୁକାବିଲା, ପ୍ରାକୃତିକ କୃମିନାଶକ ଭାବେ ବ୍ୟବହାର କରାଯାଇପାରେ। କ୍ୱିନ୍ସଲ୍ୟାଣ୍ଡର କୃଷି ଓ ମତ୍ସ୍ୟ ବିଭାଗର ଗବେଷଣା ଅନୁଯାୟୀ, ସଜନା ଗଛ ମହୁ ଉତ୍ପାଦନ ପାଇଁ ଉପଯୋଗୀ। କାରଣ ଏଥିରେ ବର୍ଷର ଦୀର୍ଘ ସମୟ ପର୍ଯ୍ୟନ୍ତ ଫୁଲ ଫୁଟେ। ସଜନା ବିଭିନ୍ନ ପ୍ରକାରର ମାଟି ପରିସ୍ଥିତିକୁ ସହ୍ୟ କରେ, କିନ୍ତୁ ଏକ ନିରପେକ୍ଷ ଠାରୁ ସାମାନ୍ୟ ଅମ୍ଳୀୟ ଭଲ ନିଷ୍କାସନ ହୋଇଥିବା, ବାଲିଆ କିମ୍ବା ଦୋରସା ମାଟିକୁ ପସନ୍ଦ କରେ। ଜଳବନ୍ଦୀ ମାଟିରେ ମୂଳ ପଚିଯିବାର ଭୟ ଥାଏ। ସଜନା ଶୁଷ୍କ ଅଞ୍ଚଳ ପାଇଁ ବିଶେଷ ଉପଯୁକ୍ତ। ତେଣୁ ଜଳସେଚନ ବିନା ବର୍ଷାଜଳ ବ୍ୟବହାର କରି ଏହାର ଚାଷ କରାଯାଇପାରିବ। ଭାରତ ସଜନା ଚାଷର ସର୍ବବୃହତ ଉତ୍ପାଦକ। ପ୍ରାୟ ୩୮୦ ବର୍ଗ କିଲୋମିଟର ଅଞ୍ଚଳରୁ ବାର୍ଷିକ ୧.୨ ନିୟୁତ ଟନ୍ ଫଳ ଉତ୍ପାଦନ କରେ। ସଜନା ବିହନ କିମ୍ବା କାଣ୍ଡ ଓ ଡାଳ କଟାରୁ ବଂଶବିସ୍ତାର କରାଯାଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ

# ଉଦ୍‌ଘାଟନର ୨ ବର୍ଷ ପରେ କୋଠା ଅବସ୍ଥା ଜରାଜୀର୍ଣ୍ଣ

ରାଇରଙ୍ଗପୁର, ୪।୧(ସମିସ): ଆଦିବାସୀ ବହୁଳ ରାଇରଙ୍ଗପୁରସ୍ଥ ଉପଖଣ୍ଡ ହସ୍ପିଟାଲରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସହ ସରକାରୀ କୋଠା ଅବସ୍ଥା ମଧ୍ୟ ଶୋଚନୀୟ ହେବାରେ ଲାଗିଛି। ଉଦ୍‌ଘାଟନ ୨ ବର୍ଷ ମଧ୍ୟରେ ହୋଇଥିବାବେଳେ କେଉଁଠି କାନ୍ଥରେ ପାଣି ଜମୁଛି ତ କେଉଁଠି ଶିଉଳି ଲାଗି ଗଛ ଉଠିଲାଣି। ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ତହବିଲର କୋଟି କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ଅଭିଯୋଗ ହେଉଛି। ପାଣି ନିର୍ଗତ ହେବାରେ ଲାଗିଛି। ଶୌଚାଳୟ ଆବର୍ଜନା ପାଣି ଜମିବାରୁ ହସ୍ପିଟାଲ ପରିସରରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଯଦ୍ୱାରା ମଶା, ମାଛି ଆଦି ବଂଶ ବିସ୍ତାର ହୋଇ ରୋଗୀ ଓ ସ୍ଥାନୀୟ ଲୋକଙ୍କୁ ସଂକ୍ରମିତ କରୁଛି। ରକ୍ଷଣାବେକ୍ଷଣ ଅଭାବରୁ କାନ୍ଥ ଚାରି ଆଡେ ଅନାବନା ଘାସରେ ଭର୍ତ୍ତି ହୋଇଛି। ଅନେକ ସ୍ଥାନରେ ପ୍ଲାଷ୍ଟର ଫାଟିଯାଇଛି। ବାହାର ଅବସ୍ଥା ଏଭଳି ଥିବା ବେଳେ ଭିତର ଅବସ୍ଥା କ'ଣ ଥିବ, ତାହା ସହଜରେ ଅନୁମାନ କରାଯାଇପାରିବ। ଉକ୍ତ କୋଠାଟି ନିର୍ମାଣର ୨ ବର୍ଷରେ ଏପରି ଅବସ୍ଥା ହେବା ନିର୍ମାଣ କାର୍ଯ୍ୟର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଇରଙ୍ଗପୁର ଖୋଦ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ହୋଇଥିବା ସତ୍ତ୍ୱେ ହସ୍ପିଟାଲରେ ଉନ୍ନତ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେଉନାହିଁ। ତେବେ ରୋଗୀଙ୍କ ଚିକିତ୍ସା ପାଇଁ ଥିବା ସରକାରୀ କୋଠାର ଏଭଳି ଅବସ୍ଥା ନେଇ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ଏହାର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ କରିବାକୁ ଥିବାବେଳେ ସରକାରୀ ସ୍ତରରେ ଅନୁଦାନ ଅଭାବରୁ ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ। ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ କୋଠାର ତୁରନ୍ତ ରକ୍ଷଣାବେକ୍ଷଣ କରିବା ନେଇ ସ୍ଥାନୀୟ ଜନପ୍ରତିନିଧି ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।



- କାନ୍ଥରେ ଜମୁଛି ପାଣି, ଉଠିଲାଣି ଗଛ
- ପାଣିରେ ପଡ଼ିଲା ସରକାରଙ୍କ କୋଟି କୋଟି ଟଙ୍କା
- ରକ୍ଷଣାବେକ୍ଷଣ ଅଭାବରୁ ଅବସ୍ଥା ଶୋଚନୀୟ

ରାଇରଙ୍ଗପୁରବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଉପଖଣ୍ଡ ହସ୍ପିଟାଲରେ ତତ୍କାଳୀନ ସରକାର ସମୟରେ ନୂତନ କରି ୧୦୦ ଶଯ୍ୟା ବିଶିଷ୍ଟ ବିଲ୍ଡିଂ ନିର୍ମାଣ କରାଯାଇଥିଲା। ଯାହାକି ଗତ ୨ବର୍ଷ ମଧ୍ୟରେ ହେବ ଲୋକାର୍ପଣ ହୋଇ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ କୋଠାରେ ସାଧାରଣ ରୋଗୀ ଚିକିତ୍ସା ସମେତ ପ୍ରସୂତି ଓ ଶିଶୁ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। କାର୍ଯ୍ୟକ୍ଷମ ହେବା ପରେ ରକ୍ଷଣାବେକ୍ଷଣ ନେଇ ସରକାରୀ ସ୍ତରରେ କୋଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ କିମ୍ବା ଠିକା ସଂସ୍ଥା ତିଳେ ହେଲେ ମନ ଦେଉନାହାନ୍ତି। ଫଳରେ ଉକ୍ତ କୋଠା କାନ୍ଥରେ ପାଣି ଜମି ରହୁଛି। ଏମିତିକି ଶୌଚାଳୟ ପାଇପ ଫାଟି ସବୁବେଳେ

# ଘସିପୁରା ରାଜନୀତିରେ ନବବର୍ଷ ବ୍ୟାନର ଉଷ୍ମତା

ଆନନ୍ଦପୁର/ ଭୁବନେଶ୍ୱର, ୪।୧(ସମିସ): ନବବର୍ଷ ପାଳନ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତାକୁ ନେଇ ଘସିପୁରା ନିର୍ବାଚନମଣ୍ଡଳୀର ରାଜନୈତିକ ପାଣିପାଗ ବେଶ୍ ଉଷ୍ମ ହୋଇଛି। ବର୍ଷବର୍ଷଧରି ଘସିପୁରା ଅଞ୍ଚଳରେ ନିଜର ଆଧିପତ୍ୟ ଜାହିର କରିଆସୁଥିବା ବିଧାୟକ ବଦ୍ରି ପାତ୍ର ଏଥରକ ବ୍ୟାନର୍-ୱାର୍‌ରେ ପଛରେ ପଡ଼ିଥିବା ନେଇ ଚର୍ଚ୍ଚା ହେଉଛି।

ନିଜ ନେତାଙ୍କ ବ୍ୟାନର୍ ଲଗାଇବାକୁ ମଧ୍ୟ ପଞ୍ଚାୟତସ୍ତରୀୟ ବିଜେଡି କର୍ମୀମାନଙ୍କ ମଧ୍ୟରେ ଆଗ ଭଳି ଆଉ ଦେଖିବାକୁ ମିଳୁନାହିଁ।

ଶାସକ ବିଜେପି ପକ୍ଷରୁ ପ୍ରତିବର୍ଷ ଭଳି ବିଜେପି ନେତା ପୃଥ୍ୱୀରାଜ କୁଅଁରଙ୍କ ନବବର୍ଷ ବ୍ୟାନର୍ ସବୁ ପଞ୍ଚାୟତର ପ୍ରମୁଖ ଛକରେ ଲାଗିଥିବା ବେଳେ ବିରୋଧୀ କଂଗ୍ରେସ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ବିଶେଷକରି, କଂଗ୍ରେସରୁ ଗତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ସୁବ୍ରତ ଚକ୍ର ନିଜ ବ୍ୟାନର୍‌ରେ ନିରଞ୍ଜନ ପଟ୍ଟନାୟକଙ୍କ ଫଟୋ ରଖି ବିଭିନ୍ନ ଜାଗାରେ ବ୍ୟାନର୍ ଲଗାଇଛନ୍ତି। ଆଶ୍ଚର୍ଯ୍ୟର କଥା, ଘସିପୁରା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପୂର୍ବରୁ ହଠାତ୍ ଆସି ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇ କଡ଼ା ଟକର୍ ଦେଇ ଅଳ୍ପ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିବା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କର ମଧ୍ୟ କୌଣସି ଜାଗାରେ ନବବର୍ଷ ଶୁଭେଚ୍ଛା ବ୍ୟାନର୍ ନଲାଗିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ବିଜେପି ସରକାର ଆସିବା ପରେ ଆଗରୁ କେବେ ବ୍ୟାନର ଲଗାଇନଥିବା କେତେକ ଛାମୁଆ ନେତା ଉତ୍ସାହିତ ହୋଇ ଏହି ବର୍ଷ ଅନେକ ଜାଗାରେ ବ୍ୟାନର ଲଗାଇଥିବା ଦେଖିବାକୁ ମିଳିଛି। ସବୁଠାରୁ କୌତୂହଳର ବିଷୟ, ବିଜେପି ଦଳର ବଡ଼ନେତା ବୋଲାଉଥିବା ଜଣେ ବ୍ୟକ୍ତି କାଳେ ନିଜର ବ୍ୟାନର କର୍ମୀମାନେ ନ ଲଗାଇବେ, ସେଥିପାଇଁ କର୍ମୀମାନଙ୍କର ଫଟୋ ଯୋଗାଡ଼ କରି ନିଜ ବ୍ୟାନର ସହ ଯୋଡ଼ି ଅନେକ ଜାଗାରେ ଲଗାଇଛନ୍ତି। ସେ ଯାହା ହେଉ, ଦେଖିବାକୁ ଗଲେ ଏବର୍ଷ ବ୍ୟାନର୍ ରାଜନୀତିରେ ବିଜେପି ଆଗରେ, ବିଜେଡ଼ି ପଛରେ ଓ ସ୍ୱାଧୀନ ପ୍ରାର୍ଥୀ ଉଭାନ ବୋଲି ସାଧାରଣରେ ଜୋରଦାର୍ ଚର୍ଚ୍ଚା ହେଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନ୍ୟୁୟର୍କ ଜେଲ୍‌ରେ...

ଇତିମଧ୍ୟରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସଙ୍କୁ ଟ୍ରମ୍ପ ସେନା ଆଜି ଆମେରିକା ଆଣିଛନ୍ତି। ବିମାନରେ ତାଙ୍କୁ ନ୍ୟୁୟର୍କ ଅଣାଯାଇଛି। ବିମାନରୁ ଓହ୍ଲାଇଲା ବେଳେ ତାଙ୍କ ହାତରେ କଡ଼ି ପଡ଼ିଥିବା ଦେଖାଯାଇଥିଲା। ଏହାପରେ ତାଙ୍କୁ ଅଦାଲତରେ ହାଜର କରାଯାଇଥିଲା। ଏହି ଅଦାଲତ ଡ୍ରଗ୍ସ ମାମଲାର ବିଚାର କରୁଛି। ନିକୋଲାସଙ୍କ ବିରୋଧରେ ଡ୍ରଗ୍ସ ଉତ୍ପାଦନ ଓ ଚାଲାଣ ସହିତ ଡ୍ରଗ୍ସ ସନ୍ତ୍ରାସବାଦ ଅଭିଯୋଗ ରହିଛି। ଅଦାଲତରେ ହାଜର କରିବା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଗତକାଲି ଭେନେଜୁଏଲା ଉପରେ ଆମେରିକା ସେନା ବଡ଼ ଧରଣର ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସଙ୍କୁ ଗାଦିଚ୍ୟୁତ କରିବା ସହିତ ତାଙ୍କୁ ପତ୍ନୀଙ୍କ ସହିତ ଉଠାଇ ଆଣିଥିଲେ। ନିକୋଲାସଙ୍କ ସ୍ଥାନରେ ଉପରାଷ୍ଟ୍ରପତି ହେଲସି ରୋଡ୍ରିଗ୍ସଙ୍କୁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ରାଷ୍ଟ୍ରପତି ନିଯୁକ୍ତ କରାଯାଇଛି। ସେ ଆଜି ନୂଆ ଦାୟିତ୍ୱ ମଧ୍ୟ ଗ୍ରହଣ କରିଛନ୍ତି। ଗତକାଲି ହୋଇଥିବା ଆମେରିକା ଆକ୍ରମଣରେ ୪୦ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବା ଜଣାପଡ଼ିଛି।

### ପୋଲାଭରମ୍ ପାଇଁ...

ପ୍ରଦେଶ ଏବଂ କେନ୍ଦ୍ର ସରକାରଙ୍କୁ ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି ହେଉ। ସେହିପରି ଓଡ଼ିଶା ଦ୍ୱାରା ଉଠାଯାଇଥିବା ଦାବି ବିଚାର କରା ନ ଯିବା ପର୍ଯ୍ୟନ୍ତ ପ୍ରକଳ୍ପର ମୂଳ ଡିଜାଇନ ପରିବର୍ତ୍ତନ ନ ହେବା ନେଇ ଆୟୋଗ ନିଶ୍ଚିତ କରନ୍ତୁ ବୋଲି ବିଜେଡି ଏକାଧିକ ବାର ଦାବି କରିଛି। ମାତ୍ର ସମାନ ସମୟରେ ରାଜ୍ୟ ସରକାରଙ୍କ ନିରବତା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ନେଡି ଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ରାଜ୍ୟ ବିଜେପି ସରକାର ତୁରନ୍ତ ମାଲକାନଗିରି ଜିଲ୍ଲାର ଜନଜାତିଙ୍କ ଜୀବନଜୀବିକାର ସୁରକ୍ଷା କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

### ଆଜିଠାରୁ ଓମ୍‌ସାର...

ଯଦି ଆମ ଦାବି ପ୍ରତି ସମ୍ବେଦନଶୀଳ ଅଛନ୍ତି, ତାହେଲେ ତୁରନ୍ତ ଏନେଇ ନିଷ୍ପତ୍ତି ନିଅନ୍ତୁ ବୋଲି ଡାକ୍ତର ମିଶ୍ର ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ଡାକ୍ତରଙ୍କୁ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳ, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ପ୍ରମୁଖ ଦାବି ନେଇ ଓମସା ନିଜର ପ୍ରତୀକାତ୍ମକ ଆନ୍ଦୋଳନ ଜାରି ରଖିଛି।

### ଆନ୍ଧ୍ରରେ ବାଲେଶ୍ୱରର...

ଡିଭାଇଡର୍‌କୁ ଧକ୍କା ଦେଇ ଆରପାର୍ଶ୍ୱରୁ ଆସୁଥିବା ମହିଳାଙ୍କ କାର୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। କାର୍‌ରେ ଥିବା ଚାଳକଙ୍କ ସମେତ ମୋଟ ୫ଜଣ ଯାତ୍ରୀ ଆହତ ହୋଇଥିଲେ। ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ୧୦ ବର୍ଷିଆ ଝିଅ ଏବଂ ଜଣେ ଶିଶୁକନ୍ୟାଙ୍କୁ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ମୃତ୍ୟୁ ହୋଇଛି। କାର୍ ଚାଳକଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟ ଜଣେ ନାବାଳିକା କୋମାରେ ରହି ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

### ପିକ୍‌ଅପ୍ ଧକ୍କାରେ...

ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଜର ବୋଝେଇ ପିକ୍‌ଅପ୍ ସେମାନଙ୍କୁ ଧକ୍କା ଦେବାରୁ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଡୁଙ୍ଗୁରିପାଲି ପୁଲିସ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। କିନ୍ତୁ ଡାକ୍ତର ସେଠାରେ ପାର୍ଥଙ୍କୁ ମୃତ ଘୋଷଣା କରିଥିଲେ। ଭଜନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପାର୍ଥ ଦଶମ ଶ୍ରେଣୀରେ ପଢୁଥିବା ବେଳେ ସେ ବାପା-ମା'ଙ୍କ ଏକମାତ୍ର ପୁତ୍ର ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅପରପକ୍ଷେ, ଡୁଙ୍ଗୁରିପାଲି ପୁଲିସ୍ ଦୁର୍ଘଟଣା ଘଟାଇଥିବା ପିକ୍-ଅପ୍ ଭ୍ୟାନ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆସନ୍ତାକାଲି ପାର୍ଥର ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ରୋଜାଲିନ ପଟେଲ କହିଛନ୍ତି।

### କାର୍‌କୁ ପିଟିଲା...

ଜିଲ୍ଲା ଧନୁପାଲି ଥାନା ସୁନାପାଲି ଅଞ୍ଚଳର ଏମଡି ୱାସିଫ, ଏମଡି ଜିଆଉଲ ଓ ଏମଡି ସିଫାନ। ସୂଚନା ଅନୁସାରେ ଧନୁପାଲି ଥାନା ଜାତୀୟ ରାଜପଥ ୫୫ ନକ୍ସାପାଲିରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ଆସ୍ ବୋଝେଇ ହାଇୱା ନଂ ଓଡି୧୫ୟୁ-୯୧୦୪ ଛିଡ଼ା ହୋଇଥିଲା। ସିନ୍ଦୂରପଙ୍କ ପଟରୁ ମାନେଶ୍ୱର ପଟକୁ ଯାଉଥିବା କାର୍ ନଂଓଡ଼ି ୧୪ୟୁ-୮୧୦୩ ଠିଆ ହୋଇଥିବା ଆସ ବୋଝେଇ ହାଇୱାକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କାର୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଆହତ ଦୁଇଜଣଙ୍କୁ ସ୍ଥାନୀୟ ଲୋକେ ଏବଂ ପୁଲିସ ସହାୟତାରେ ଉଦ୍ଧାର କରି ବୁର୍ଲା ଡାକ୍ତର ଖାନାକୁ ପଠା ଯାଇଥିଲା। ବୁର୍ଲାରେ ଜଣକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତେବେ ଦ୍ରୁତ ଗତି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବାର ସ୍ଥାନୀୟ ଲୋକେ କହିଛନ୍ତି। ସେପଟେ ଉକ୍ତ ଅଞ୍ଚଳରେ ବେଆଇନ ଭାବେ ସବୁବେଳେ ଆସ୍ ବୋଝେଇ ହାଇୱା ପାର୍କିଂ କରୁଥିବା ଅଭିଯୋଗ ହୋଇଛି।

### ଅଜଣା ଗାଡ଼ି...

ବାଇକରେ ଘରକୁ ଫେରୁଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଏକ ଘରୋଇ ଚିକିତ୍ସାଳରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇବା ସହ ତଦନ୍ତ କରୁଛି।


**AFFIDAVIT**

I RAMESH AGARWAL S/o Late Nathmal Agarwal Residing at Ward No. 9, Anladuba, P.O:- Rairangpur, P.S:- Rairangpur, Dist:- Mayurbhanj, Odisha-757043, shall henceforth be known as Ramesh kumar Agarwal as declared before the Court of First Class Judicial Magistrate at Rairangpur, (Dist:- Mayurbhanj, State:- Odisha) vide affidavit no 15AA791611, Dated 03/01/2026. Ramesh Agarwal and Ramesh kumar Agarwal both are same and identical person.

**AFFIDAVIT**

By virtue of an affidavit sworn before the Notary Public, Borigumma, no. 1701, dated. 15.12.2025, I Shripati Bhatara, S/o - Madhu Bhatara, resident of Vill - Gadiaguda, PO - Malda, PS - Borigumma, Dist - Koraput, Odisha, declare that my son GOBINDA BHATARA and BIJAY BHATRA is one and same person. Henceforth he shall be known as **BIJAY BHATARA** for all future purposes.

Sd/- Shripati Bhatara

**AFFIDAVIT**

By virtue of an affidavit sworn before the Executive Magistrate, Cuttack, I, Santosh Kumara Samantaray, resident at Nuagarh, Telengapenth, Ps - Cuttack Sadar, Cuttack have changed my father 's name from Kunja Samantaray to Trilochan Samantaray. Hence afterwards my father 's name will be considered as Trilochan Samantaray instead of Kunja Samantaray for all purposes

**AFFIDAVIT**

By virtue of an affidavit sworn before Executive Magistrate Balangir, Affidavit no. 287 on Dated 18.03.2025, I Pramod Kumar Maharana, S/o* Bhagabana Badhei, At: Shantipada, Po: Rajendra College, Ps: Balangir, Dist.: Balangir, Pin:767002, Odisha declare that I have changed my name from PRAMOD KUMAR BADHEI to PRAMOD KUMAR MAHARANA. Henceforth I shall be known as **PRAMOD KUMAR MAHARANA** for all purposes.

**AFFIDAVIT**

By virtue of an affidavit sworn before Notary Public, Sonepur, on Dated 03.01.2026, I Reemarani Meher, formerly known as Rima Meher, permanent resident of Boudiapada, Subalaya, PO- Subalaya, PS- Subalaya, Dist.: Subarnapur, Odisha, PIN-767018 have changed my name from Rima Meher to Reemarani Meher. Henceforth I shall be known as **Reemarani Meher** for all purposes.


X-09

## ଓଡିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
### ଘୋଷଣା

File No. ୨୨୫୪/୨୦୨୫ — ତାରିଖ: ୨୪.୦୯.୨୦୨୫

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାଯ୍ୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧୁନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାର ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରାପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : କଲାର, ଥାନା : ବୈପାରିଗୁଡା ତହସିଲ : ବୈପାରିଗୁଡାଜିଲ୍ଲା : କୋରାପୁଟ ରେ ନିମ୍ନ ସୂଚିତ ' କ 'ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାଯ୍ୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୩/୨୦୨୨,ତା :୧୧.୦୫.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୭୮୮୪ ତା-୨୮.୦୭.୨୦୨୫-ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : କଲାର, ଥାନା : ବୈପାରିଗୁଡା, ତହସିଲ : ବୈପାରିଗୁଡାଜିଲ୍ଲା : କୋରାପୁଟ ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।ଏହା ମଧ୍ୟ ଜିଲ୍ଲା ୱେବସାଇଟ www.koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଗ୍ରହଣ ଅନୁସୂଚି)

ଜିଲ୍ଲା : କୋରାପୁଟ — ତହସିଲ : ବୈପାରିଗୁଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଲାର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହିତ ସଂଲଗ୍ନ କରାଗଲା | | | | | |

ତଫସିଲ –ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି)

ଜିଲ୍ଲା : କୋରାପୁଟ — ତହସିଲ: ବୈପାରିଗୁଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ୩୧.୧୨.୨୦୨୫ — ରାଜ୍ୟପାଳଙ୍କ ଆଦେଶ କ୍ରମେ ଜିଲ୍ଲାପାଳ, କୋରାପୁଟ

ଭୂମି ଅନୁସୂଚୀ
ମୌଜା :କୋଲାର, ଥାନା-ବୈପାରିଗୁଡା ନଂ-୨୦୬, ତହସିଲ-ବୈପାରିଗୁଡା, ଜିଲ୍ଲା-କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ତ୍ୱ | ପ୍ଲଟ ନମ୍ବର | ମୋଟ ରକବା(ଏକର) | ଅଧିଗ୍ରହଣ ରକବା (ଏକର)' | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧୬ | ରୟତି | ୧୪୩୬ | ୦.୮୦୬ | ୦.୦୪୧ | ଡଙ୍ଗର | କୃଷ୍ଣ ନାଏକ,ରାମଚନ୍ଦ୍ର ନାଏକ, ମଧୁ ନାଏକ, ଗୋବର୍ଦ୍ଧନ ନାଏକ,ପି-ଚନ୍ଦ୍ର ଶେଖର ନାଏକ,ଜା-ଭୂମିଆ,ବା-ନିଜଗାଁ, ବୈପାରିଗୁଡା |
| ୨୫ | ରୟତି | ୧୩୭୫ | ୨.୨୨୧ | ୨.୧୯୨ | ଡଙ୍ଗର | କେଶବ ମିନାର ଡାଲିଆ, ପି-ଧନ ମିନାର ଡାଲିଆ,ଜା-ଭୂମିଆ,ବା-ନିଜଗାଁ |
| ୩୨ | ରୟତି | ୧୪୦୦ | ୨.୦୫୧ | ୦.୦୬୮ | ଡଙ୍ଗର | ଗଙ୍ଗା ପୂଜାରୀ, ପି-ଡମ୍ବରୁ ପୂଜାରୀ,ଜା-ଭୂମିଆ,ବା-ନିଜଗାଁ |
| ୩୬ | ରୟତି | ୧୪୧୨ | ୩.୬୮୨ | ୨.୫୨୩ | ଡଙ୍ଗର | ସୁକ୍ରୁ ଗଦବା, ପି-ସୁକୁରା ଗଦବା,ଜା-ଗଦବା,ବା-ନିଜଗାଁ,ବୈପାରିଗୁଡା |
| ୩୭ | ରୟତି | ୧୪୦୮ | ୧.୯୫୨ | ୧.୫୫୮ | ଡଙ୍ଗର | ସୁକ୍ରୁ ଗଦବା, ଦୂତା ଗଦବା,ପି-ସୁକୁରା ଗଦବା, ଜା-ଗଦବା,ବା-ନିଜଗାଁ,ବୈପାରିଗୁଡା |
| ୩୭ | ରୟତି | ୧୪୦୯ | ୦.୧୮୮ | ୦.୦୯୫ | ଡଙ୍ଗର | ସୁକ୍ରୁ ଗଦବା, ଦୂତା ଗଦବା,ପି-ସୁକୁରା ଗଦବା, ଜା-ଗଦବା,ବା-ନିଜଗାଁ,ବୈପାରିଗୁଡା |
| ୪୧ | ରୟତି | ୧୪୧୦ | ୪.୬୪୫ | ୦.୯୨୦ | ଡଙ୍ଗର | ଗୋଲା ମାଠ ପଡିଆ, ପି-ଭଗବାନ ମାଠ ପଡିଆ,ଜା-ଭୂମିଆ,ବା-ନିଜଗାଁ |
| ୫୧ | ରୟତି | ୧୪୦୩ | ୧.୬୬୯ | ୦.୪୫୦ | ଡଙ୍ଗର | ଗୋବର୍ଦ୍ଧନ ସଗରିଆ,ପି-ରଘୁନାଥ ସଗରିଆ,ଜା-ହରିଜନ,ବା-ନିଜଗାଁ |
| ୫୮ | ରୟତି | ୧୦୧୬ | ୨.୩୧୬ | ୦.୬୬୪ | ଡଙ୍ଗର | ସାସି ପାମିଆ,ପି-ଖାଡି ପାମିଆ,ଜା-ଗଦବା,ବା-ନିଜଗାଁ ବୈପାରିଗୁଡା |
| ୬୪ | ରୟତି | ୧୪୬୬ | ୧.୫୬୪ | ୧.୧୪୨ | ଡଙ୍ଗର | ଚନ୍ଦ୍ର ନାଏକ, ପି-ରାମଚନ୍ଦ୍ର ନାଏକ, ଜା-ରଣା,ବା-କୋରାପୁଟ |
| ୬୬ | ରୟତି | ୧୪୦୧ | ୧.୬୧୬ | ୧.୬୨୫ | ଡଙ୍ଗର | ଚନ୍ଦ୍ର ମାଟାମ,ପି-ଲକ୍ଷ୍ମ ମାଟାମ,ଜା-ଡମ୍ବ,ବା-ନିଜଗାଁ, ତାଙ୍ଗିନିଗୁଡା, |
| ୮୬ | ରୟତି | ୧୩୬୯ | ୧.୬୬୫ | ୦.୪୯୧ | ଡଙ୍ଗର | କାଲ ପୂଜାରୀ, ପି-ଡମ୍ବରୁ ପୂଜାରୀ,ଜା-ଭୂମିଆ,ବା-ନିଜଗାଁ |
| ୮୬ | ରୟତି | ୧୩୬୮/ ୨୮୯୮ | ୦.୨୯୨ | ୦.୨୦୮ | ଡଙ୍ଗର | କାଲ ପୂଜାରୀ, ପି-ଡମ୍ବରୁ ପୂଜାରୀ,ଜା-ଭୂମିଆ,ବା-ନିଜଗାଁ |
| ୯୮ | ରୟତି | ୧୪୬୮ | ୨.୬୨୨ | ୦.୧୪୧ | ଡଙ୍ଗର | ଡମ୍ବରୁ ନାୟକ, ଚୈତନ୍ୟ ନାୟକ, ତ୍ରିନାଥ ନାୟକ, ପି-ଗୁରୁ ମୁର୍ଣ୍ଣୀ ନାୟକ, ଜା-ରଣା, ବା-କୋରାପୁଟ |
| ୩୪୨/ ୨୯୩ | ରୟତି | ୧୦୨୨ | ୫.୨୩୩ | ୦.୩୨୫ | ଡଙ୍ଗର | ଭଗବାନ ମାଝୀ ପି-ଲକ୍ଷ୍ମଣ ମାଝୀ, ଦ*ଳା ମାଝୀ ,ସ୍ୱା-ଭଗବାନ ମାଝୀ, ଜା-ଗଦବ, ବା-ଦୁର୍ଗା(ଜଗଦା ଗୁଡ଼) |
| ୧୦୦ | ରୟତି | ୧୩୮୦ | ୩.୬୪୬ | ୦.୦୬୬ | ଧାନ ଅଣଜଳସେଚିତ ଦ ଏକ | ଡମ୍ବରୁ ଖିଲା, ଦୁହୁରା ଖିଲା,ସନ୍ତୁ ଖିଲା,ପି-ସୁବ୍ରମୁର୍ତ୍ତୀ ଖିଲା, ସୁବୁଦାରି ଖିଲା, ସ୍ୱା-ସୁବ୍ରମୁର୍ତ୍ତୀ ଖିଲା,ଜା-ଗଦବା,ବା-ନିଜଗାଁ |
| ୧୦୦ | ରୟତି | ୧୩୮୧ | ୨.୫୨୦ | ୨.୦୦୩ | ଧାନ ଅଣଜଳସେଚିତ ଦ ଏକ | ଡମ୍ବରୁ ଖିଲା, ଦୁହୁରା ଖିଲା,ସନ୍ତୁ ଖିଲା,ପି-ସୁବ୍ରମୁର୍ତ୍ତୀ ଖିଲା, ସୁବୁଦାରି ଖିଲା, ସ୍ୱା-ସୁବ୍ରମୁର୍ତ୍ତୀ ଖିଲା,ଜା-ଗଦବା,ବା-ନିଜଗାଁ |
| ୧୦୩ | ରୟତି | ୧୩୬୨ | ୪.୮୪୩ | ୦.୨୧୩ | ଡଙ୍ଗର | ଡମ୍ବରୁ ଭଲି, ପି-ତ୍ରିଲୋଚନ ଭଲି,ଜା-ଭୂମିଆ,ବା-ଉରିଗୁଡ଼ |
| ୧୦୯ | ରୟତି | ୧୪୬୪ | ୦.୫୬୧ | ୦.୦୮୬ | ଡଙ୍ଗର | ତ୍ରିନାଥ ନାଏକ,ପି-ସୁରେନ୍ଦ୍ର ନାଏକ, ଭଗବତି ନାଏକ,ସ୍ୱା-ସୁରେନ୍ଦ୍ର ନାଏକ,ଜା-ଭୂମିଆ,ବା-ନିଜଗାଁ ବୈପାରିଗୁଡା |
| ୧୦୯ | ରୟତି | ୧୪୬୫ | ୦.୨୨୦ | ୦.୦୩୨ | ଡଙ୍ଗର | |
| ୧୧୬ | ରୟତି | ୧୦୨୨ | ୫.୩୩୬ | ୦.୪୭୫ | ଡଙ୍ଗର | ଦଶରା ମୁର୍ଣ୍ଣିଆ,ଚନ୍ଦ୍ରମା ମୁର୍ଣ୍ଣିଆ,ପି-ଲକ୍ଷ୍ମ ମୁର୍ଣ୍ଣିଆ,ସମାରୁ ମୁର୍ଣ୍ଣିଆ,କମଲ ମୁର୍ଣ୍ଣିଆ,ଭଗବତି ମୁର୍ଣ୍ଣିଆ,ପି-ଜଗନ୍ନାଥ ମୁର୍ଣ୍ଣିଆ,ଜମୁନା ମୁର୍ଣ୍ଣିଆ,ସ୍ୱା-ଜଗନ୍ନାଥ ମୁର୍ଣ୍ଣିଆ,ଦଇତାରି ମୁର୍ଣ୍ଣିଆ,ରାମ ମୁର୍ଣ୍ଣିଆ,ବଳ୍ଲଭ ମୁର୍ଣ୍ଣିଆ,ଭିକ ମୁର୍ଣ୍ଣିଆ,ସବିତା ମୁର୍ଣ୍ଣିଆ,ପି-କେଶବ ମୁର୍ଣ୍ଣିଆ,ଦଶରାମ ମୁର୍ଣ୍ଣିଆ,ପି-ସୁଦା ମୁର୍ଣ୍ଣିଆ,ଲକ୍ଷ୍ମୀ ମୁର୍ଣ୍ଣିଆ,ସ୍ୱା-ସୁଦା ମୁର୍ଣ୍ଣିଆ,ଜା-ଗଦବା, ବା-ନିଜଗାଁ ବୈପାରିଗୁଡା |
| ୧୪୦ | ରୟତି | ୧୩୭୬ | ୨.୦୨୪ | ୦.୩୩୩ | ଡଙ୍ଗର | ଜଡ ସଗରିଆ, ପି-ଦୁହୁରା ସଗରିଆ, ଜା-ହରିଜନ,ବା-ନିଜଗାଁ |
| ୧୭୦ | ରୟତି | ୧୦୨୬ | ୩.୪୪୨ | ୧.୧୫୮ | ଡଙ୍ଗର | ଦଶରାମ ଗଦବା, ଭଗବନ୍ଦୁ ଗଦବା,ପି-ଶୁକୁରା ଗଦବା,ପାର୍ବତୀ ଗଦବା,ସ୍ୱା-ମାଧବ ଗଦବା,ଜା-ଗଦବା,ବା-ନିଜଗାଁ |
| ୧୭୪ | ରୟତି | ୧୩୬୮ | ୨.୦୫୧ | ୧.୮୧୬ | ଡଙ୍ଗର | ବଳ୍ଲଭ ଭଉଲିଆ, ପି-ରାମଚନ୍ଦ୍ର ଭଉଲିଆ, ଜା-ଗଦବା,ବା-ନିଜଗାଁ |
| ୧୯୧ | ରୟତି | ୧୪୭୧ | ୨.୬୭୬ | ୦.୦୫୨ | ଡଙ୍ଗର | ଜଗନ୍ନାଥ ଦିସାରୀ,ପି-ଲୋକନାଥ ଦିସାରୀ ଓରଫ ରଣା,ଜା-ରଣା,ବା-ନିଜଗାଁ(ବୈପାରିଗୁଡା) |
| ୨୦୮ | ରୟତି | ୧୩୭୪ | ୧.୯୨୦ | ୧.୧୮୩ | ଡଙ୍ଗର | ମଙ୍ଗଳା କେନ୍ଦୁ,ପି-ଅର୍ଜୁନ କେନ୍ଦୁ,ଜା-ଭୂମିଆ,ବା-ନିଜଗାଁ |
| ୨୪୦ | ରୟତି | ୧୩୬୬ | ୨.୦୩୯ | ୧.୨୯୯ | ଡଙ୍ଗର | ରଘୁନାଥ ସଗରିଆ,ପି-ଲକ୍ଷ୍ମଣ ସଗରିଆ, ଜା-ହରିଜନ,ବା-ନିଜଗାଁ |
| ୨୫୬ | ରୟତି | ୧୪୩୯ | ୦.୮୮୦ | ୦.୦୧୨ | ଧାନ ଅଣଜଳସେଚିତ ଦ ଦୁଇ | ରାମେଶ୍ୱର ସୁଆଡି,ଗୁରୁ ସୁଆଡି,ଦାଶରାମ ସୁଆଡି,ପି-ଡମ୍ବରୁଧର ସୁଆଡି,କମଳା ସୁଆଡି,ସ୍ୱା-ଡମ୍ବରୁଧର ସୁଆଡି,ଶୁକଦେବ ସୁଆଡି,ସବିଆ ସୁଆଡି,ଅର୍ଜୁନ ସୁଆଡି,କୃଷ୍ଣ ସୁଆଡି,ସମରା ସୁଆଡି,ପି-ଭଗବାନ ସୁଆଡି,କୁସୁମା ସୁଆଡି,ସ୍ୱା-ଭଗବାନ ସୁଆଡି,ଦୁହୁରା ସୁଆଡି,ପି-ଧର୍ମୁଜୟ ସୁଆଡି,ଜା-ରଣା,ବା-ନିଜଗାଁ(ଗୁଡିଗୁଡା) |
| ୨୭୦ | ରୟତି | ୧୪୦୨ | ୧.୫୨୨ | ୧.୫୦୩ | ଡଙ୍ଗର | ଲକ୍ଷ୍ମଣ ମାଟାମ,ପି-ଲକ୍ଷ୍ମ ମାଟାମ,ଜା-ହରିଜନ,ବା-ନିଜଗାଁ |
| ୨୮୦ | ରୟତି | ୧୪୩୭ | ୧.୫୬୪ | ୧.୪୦୩ | ଡଙ୍ଗର | ଲୋକନାଥ ମାଟପଡିଆ, ଭଗବାନ ମାଟପଡିଆ, ହରିବନ୍ଧୁ ମାଟପଡିଆ,ପି-ଅର୍ଜୁନ ମାଟପଡିଆ, ଭିମ ମାଟପଡିଆ, ପି-ଦଶରାମ ମାଟପଡିଆ, ପର୍ଶୁରାମ ମାଟପଡିଆ, ଚନ୍ଦ୍ର ମାଟପଡିଆ, ପି-ଧନୁ ମାଟପଡିଆ, ଜା-ଭୂଇଁ, ବା-ନିଜଗାଁ, ବୈପାରିଗୁଡା |
| ୨୮୬ | ରୟତି | ୧୪୬୬ | ୩.୧୮୮ | ୨.୬୨୯ | ଡଙ୍ଗର | ଉଦ୍ଧବ ନାଏକ ପି-ଲଳିତ ନାଏକ,ଭଗବତି ନାଏକ,ସ୍ୱା-ଲଳିତ ନାଏକ,ଜା-ରଣା,ବା-କୋରାପୁଟ |
| ୩୨୬ | ରୟତି | ୧୩୮୫ | ୩.୪୮୪ | ୦.୫୨୨ | ଡଙ୍ଗର | ସୁକ୍ରା ଗଦବା,ଦଶରାମ ଗଦବା,ପି-ମଙ୍ଗଳା ଗଦବା,ପରମାନନ୍ଦ ଗଦବା,ପି-କମଳୁ ଗଦବା,କୁସୁମା ଗଦବା,ସ୍ୱା-କମଳୁ ଗଦବା,ଜା-ଗଦବା,ବା-ନିଜଗାଁ |
| ୩୨୬ | ରୟତି | ୧୩୮୯ | ୩.୩୮୩ | ୦.୬୬୪ | ଡଙ୍ଗର | |
| ୩୩୬ | ରୟତି | ୧୦୨୩ | ୨.୫୦୮ | ୦.୬୪୦ | ଡଙ୍ଗର | ସୋମନାଥ ଗଦବା,ଦଶରାମ ଗଦବା,ବିନ୍ଦୁ ଗଦବା,ଦୁତ୍ର ଗଦବା,ଗଙ୍ଗା ଗଦବା,ପି-ମଙ୍ଗଳା ଗଦବା, ଚନ୍ଦ୍ରମା ଗଦବା,ସ୍ୱା-ମଙ୍ଗଳା ଗଦବା,ଜା-ଗଦବା,ବା-ନିଜଗାଁ |
| ୩୩୬ | ରୟତି | ୧୩୮୩ | ୦.୪୯୪ | ୦.୩୧୮ | ଡଙ୍ଗର | |
| ୩୩୬ | ରୟତି | ୧୩୮୪ | ୪.୬୪୪ | ୩.୨୮୮ | ଡଙ୍ଗର | |
| ୩୪୨/ ୨୪ | ରୟତି | ୧୪୩୩ | ୧.୫୫୪ | ୧.୦୭୪ | ଡଙ୍ଗର | ପାର୍ବତୀ ନାଏକ, ପି-ଉଦ୍ଧବ ନାଏକ, ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବୈପାରିଗୁଡା |
| ୩୪୨/ ୨୫ | ରୟତି | ୧୨୮୨ | ୨.୨୧୯ | ୧.୦୧୪ | ଧାନ ଅଣଜଳସେଚିତ ଦ ଦୁଇ | ଉଦ୍ଧବ ନାଏକ, ପି-ପଦନ ନାଏକ, ଜା-ଭୂଇଁ(ଭୂମିଆ)ବା-ନିଜଗାଁ ବୈପାରିଗୁଡା |
| ୩୪୨/ ୨୫ | ରୟତି | ୧୨୮୬ | ୪.୨୨୫ | ୧.୧୭୦ | ଡଙ୍ଗର | |
| ୩୪୨/ ୨୫୪ | ରୟତି | ୧୪୩୩/ ୨୯୬୫ | ୩.୦୨୯ | ୦.୨୧୪ | ଡଙ୍ଗର | ଲକ୍ଷ୍ମଣ ଗଦବା ପି-ଗୁଡ ଗଦବା, ଜା-ଗଦବା, ବା-ବୈପାରିଗୁଡା |
| | | ମୋଟ | | ୩୫.୮୭୨ | | |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | |
| ୧୬ | ରୟତି | ୧୪୩୬ | ୦.୮୦୬ | ୦.୫୮୯ | ଡଙ୍ଗର | କୃଷ୍ଣ ନାଏକ,ରାମଚନ୍ଦ୍ର ନାଏକ,ମଧୁ ନାଏକ, ଗୋବର୍ଦ୍ଧନ ନାଏକ,ପି-ଚନ୍ଦ୍ର ଶେଖର ନାଏକ,ଜା-ଭୂମିଆ,ବା-ନିଜଗାଁ, ବୈପାରିଗୁଡା |
| ୨୫ | ରୟତି | ୧୪୩୧ | ୨.୧୪୯ | ୨.୧୪୯ | ଡଙ୍ଗର | ଚନ୍ଦ୍ରମା ନାଏକ, କନକ ନାଏକ, ପି-ଡାଲିଆ ନାଏକ, ଜା-ଭୂମିଆ,ବା-ନିଜଗାଁ ବୈପାରିଗୁଡା |
| ୮୫ | ରୟତି | ୧୪୨୨ | ୩.୧୫୩ | ୩.୧୫୩ | ଡଙ୍ଗର | ଜମୁନା ଗଦବା,ପି-ସମରା ଗଦବା,ଜା-ଗଦବା,ବା-ନିଜଗାଁ ବୈପାରିଗୁଡା |
| ୨୫୬ | ରୟତି | ୧୪୩୯ | ୦.୮୮ | ୦.୮୬୮ | ଧାନ ଅଣଜଳସେଚିତ ଦ ଦୁଇ | ରାମେଶ୍ୱର ସୁଆଡି,ଗୁରୁ ସୁଆଡି,ଦାଶରାମ ସୁଆଡି,ପି-ଡମ୍ବରୁଧର ସୁଆଡି,କମଳା ସୁଆଡି,ସ୍ୱା-ଡମ୍ବରୁଧର ସୁଆଡି,ଶୁକଦେବ ସୁଆଡି,ସବିଆ ସୁଆଡି,ଅର୍ଜୁନ ସୁଆଡି,କୃଷ୍ଣ ସୁଆଡି,ସମରା ସୁଆଡି,ପି-ଭଗବାନ ସୁଆଡି,କୁସୁମା ସୁଆଡି,ସ୍ୱା-ଭଗବାନ ସୁଆଡି,ଦୁହୁରା ସୁଆଡି,ପି-ଧର୍ମୁଜୟ ସୁଆଡି,ଜା-ରଣା,ବା-ନିଜଗାଁ ଗୁଡିଗୁଡା |
| ୨୫୬ | ରୟତି | ୧୪୫୯ | ୩.୬୦୮ | ୩.୬୦୮ | ଧାନ ଅଣଜଳସେଚିତ ଦ ଏକ | ରାମେଶ୍ୱର ସୁଆଡି,ଗୁରୁ ସୁଆଡି,ଦାଶରାମ ସୁଆଡି,ପି-ଡମ୍ବରୁଧର ସୁଆଡି,କମଳା ସୁଆଡି,ସ୍ୱା-ଡମ୍ବରୁଧର ସୁଆଡି,ଶୁକଦେବ ସୁଆଡି,ସବିଆ ସୁଆଡି,ଅର୍ଜୁନ ସୁଆଡି,କୃଷ୍ଣ ସୁଆଡି,ସମରା ସୁଆଡି,ପି-ଭଗବାନ ସୁଆଡି,କୁସୁମା ସୁଆଡି,ସ୍ୱା-ଭଗବାନ ସୁଆଡି,ଦୁହୁରା ସୁଆଡି,ପି-ଧର୍ମୁଜୟ ସୁଆଡି,ଜା-ରଣା,ବା-ନିଜଗାଁ ଗୁଡିଗୁଡା |
| ୨୮୦ | ରୟତି | ୧୪୩୭ | ୧.୫୬୪ | ୦.୧୬୧ | ଡଙ୍ଗର | ଲୋକନାଥ ମାଟପଡିଆ, ଭଗବାନ ମାଟପଡିଆ, ହରିବନ୍ଧୁ ମାଟପଡିଆ,ପି-ଅର୍ଜୁନ ମାଟପଡିଆ, ଭିମ ମାଟପଡିଆ, ପି-ଦଶରାମ ମାଟପଡିଆ, ପର୍ଶୁରାମ ମାଟପଡିଆ, ଚନ୍ଦ୍ର ମାଟପଡିଆ, ପି-ଧନୁ ମାଟପଡିଆ, ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବୈପାରିଗୁଡା |
| ୩୪୨/ ୨୦ | ରୟତି | ୧୪୩୨ | ୧.୪୧୬ | ୧.୪୧୬ | ଡଙ୍ଗର | ସୋମନାଥ ନାଏକ,ପି-ଡମ୍ବରୁ ନାଏକ,ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବୈପାରିଗୁଡା |
| ୩୪୨/ ୨୪ | ରୟତି | ୧୪୨୨ | ୦.୫୮୩ | ୦.୫୮୩ | ଧାନ ଅଣଜଳସେଚିତ ଦ ଏକ | ପାର୍ବତୀ ନାଏକ, ପି-ଉଦ୍ଧବ ନାଏକ, ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବୈପାରିଗୁଡା |
| ୩୪୨/ ୨୪ | ରୟତି | ୧୪୩୩ | ୧.୫୫୪ | ୦.୨୪୬ | ଡଙ୍ଗର | ପାର୍ବତୀ ନାଏକ, ପି-ଉଦ୍ଧବ ନାଏକ, ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବୈପାରିଗୁଡା |
| ୩୪୨/ ୨୪ | ରୟତି | ୧୨୨୬ | ୧.୧୯୬ | ୧.୧୯୬ | ଡଙ୍ଗର | ପାର୍ବତୀ ନାଏକ, ପି-ଉଦ୍ଧବ ନାଏକ, ଜା-ଭୂଇଁ (ଭୂମିଆ), ବା-ନିଜଗାଁ ବୈପାରିଗୁଡା |
| ୩୪୨/ ୨୫ | ରୟତି | ୧୨୨୫ | ୧.୪୨୮ | ୧.୪୨୮ | ଡଙ୍ଗର | ଉଦ୍ଧବ ନାଏକ, ପି-ପଦନ ନାଏକ, ଜା-ଭୂଇଁ(ଭୂମିଆ), ବା-ନିଜଗାଁ ବୈପାରିଗୁଡା |
| ୩୪୨/ ୨୫ | ରୟତି | ୧୨୨୪ | ୩.୫୨୯ | ୩.୫୨୯ | ଡଙ୍ଗର | ଉଦ୍ଧବ ନାଏକ, ପି-ପଦନ ନାଏକ, ଜା-ଭୂଇଁ(ଭୂମିଆ), ବା-ନିଜଗାଁ ବୈପାରିଗୁଡା |
| ୩୪୨/ ୩୧୨ | ରୟତି | ୧୨୬୬/ ୩୨୨୩ | ୧.୬୬୯ | ୧.୫୬୫ | ଡଙ୍ଗର | ଉଦ୍ଧବନାଥ ମୁଣ୍ଡାଗୁଡିଆ ପି-ଦଶରାମ ମୁଣ୍ଡାଗୁଡିଆ, ଜା-ଗଦବା, ବା-ବୈପାରିଗୁଡା, ଡାଣ୍ଡୁଆଗୁଡା, କୁହୁରା |
| | | ମୋଟ | | ୨୦.୪୮୧ | | |

| | |
|---|---|
| ଅଧିଗ୍ରହଣ ନିମନ୍ତେ ମୋଟ ବାଛିଥିବା ଜମି | - |
| ରେଳପଥ ପ୍ରକଳ୍ପ ନିମନ୍ତେ ବାଛିଥିବା ଜମି | ୩୫.୮୭୨ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | ୨୦.୪୮୧ |
| ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | - |
| ମୋଟ | ୫୬.୩୫୩ |

Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda

OIPR-24221/14/0002/2526

ସକାଳ THE SAKALA



## ୧୦ମ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୩ୟ ସନ୍ଧ୍ୟା

# ‘ରାଜ୍ୟରେ ଭଦ୍ରକ କଳା ସଂସ୍କୃତିର ସ୍ୱତନ୍ତ୍ର ସ୍ଥାନ ରହିଛି’

ଭଦ୍ରକ,୪।୧(ସମିସ)

ଭଦ୍ରକ ତ୍ୟାଗ, ତିତିକ୍ଷା, ସଂଗ୍ରାମ ଓ ବଳିଦାନର ଭୂମି ଭାବେ ଯେପରି ଦେଶର ସ୍ୱାଧୀନତା ସଂଗ୍ରାମ ପୃଷ୍ଠାରେ ସୁବର୍ଣ୍ଣ ସ୍ୱାକ୍ଷର ଆଙ୍କିଛି। ସେହିପରି ସଂସ୍କୃତି ଓ କଳା କ୍ଷେତ୍ରରେ ସମଗ୍ର ଉତ୍କଳର ସ୍ୱତନ୍ତ୍ର ସ୍ଥାନ ଭାବେ ଆଦୃତ ହୋଇଛି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ

### ନାଟକ ପେଟେଣ୍ଟ ମେଡିସିନ ଦର୍ଶକଙ୍କ ମନ ଛୁଇଁଲା

କବି ବାଞ୍ଛାନିଧି ମହାନ୍ତି ଭଳି ଅମର କବି ଜାତୀୟବାଦୀ ସଙ୍ଗୀତର ସାରସ୍ୱତ ଝଙ୍କାର ତୋଳି ସ୍ୱାଧୀନତା ସଂଗ୍ରାମକୁ ତେଜିୟାନ କରିଥିବାବେଳେ ବିପ୍ରକବି ବଂଶୀ ବଲ୍ଲଭ ଗୋସ୍ୱାମୀ, ଲୋକକବି ଜଗନ୍ନାଥ ପାଣି, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, କେଶବକବି କୃଷ୍ଣପ୍ରସାଦ ବେହେରା, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର, ନାଟ୍ୟକାର ଉମାକାନ୍ତ ବେହେରା ପ୍ରମୁଖ ବହୁ ସାରସ୍ୱତ




ସାଧକ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଋଦ୍ଧିମନ୍ତ କରିଛନ୍ତି ବୋଲି ‘ସଞ୍ଜୀବ କିଆ’ ପ୍ରାୟୋଜିତ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଆନୁକୂଲ୍ୟରେ ଭଦ୍ରକ ସହର ଗାନ୍ଧୀ ପଡ଼ିଆଠାରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। “ଭଦ୍ରକର ସଂସ୍କୃତି, କଳା ଓ ପରମ୍ପରା’ ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭଦ୍ରକ ସାଂସ୍କୃତିକ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନାଟ୍ୟଶ୍ରୀ ନିର୍ମଳ ରାଉତ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, କଣ୍ଠଶିଳ୍ପୀ ସେକ୍ ନିଜାମ ଯୋଗଦେଇଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ମଞ୍ଚ ଆମନ୍ତ୍ରଣ, ରାମନାରାୟଣ ମହାନ୍ତିଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉପସଭାପତି ମନୋରମା ରାୟ ଅତିଥି ପରିଚୟ ପ୍ରଦାନ, ଉପଦେଷ୍ଟା ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ, ଅଞ୍ଜନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ଉପଦେଷ୍ଟା ଅତିସ୍ ବେହେରା, ସଂଗଠନ ସମ୍ପାଦକ ଜଗବନ୍ଧୁ ବେହେରା, ଅପୂର୍ବ ରଞ୍ଜନ ବେହେରା, ରାଜେଶ ଦାସ, ଅଜୟ ପଣ୍ଡା, ଆବାହକ ଅବିନାଶ ପଣ୍ଡା, କ୍ଷିତୀଶ ସାମନ୍ତ, ଶିବାନନ୍ଦ ଦାସ, ଶୁଭଦୀପ ମଲ୍ଲିକ, ଓମ୍କାର, ରମେଶ ଚନ୍ଦ୍ର ପାଗଳ, ରଶ୍ମି ଜଗନ୍ନାଥ ବେହେରା, ସୀତାକାନ୍ତ ବିଶ୍ୱାଳ, ରଶ୍ମି ରଞ୍ଜନ ସାହୁ, କମଳ ଲୋଚନ ପଣ୍ଡା, ପ୍ରକାଶ ରାଉତ, ତେଜସ୍ୱିନୀ ଦାସ ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିଲେ। ବ୍ରଜ ସିଂଙ୍କ ନିର୍ଦ୍ଦେଶନା ଏବଂ ନିମାନନ୍ଦ ସାହୁ ଓ ଜୁଲିଙ୍କ ଅଭିନିତ ନାଟକ ପେଟେଣ୍ଟ ମେଡିସିନ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା।

## ଠାକୁରାଣୀଙ୍କ ଜମି ଜବରଦଖଲ ମୁକ୍ତ ଦାବି

### ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ବାସୁଦେବପୁର,୪।୧(ସମିସ):** ବାସୁଦେବପୁର ବ୍ଲକ୍‌ର ଖରିଦା ବିନାୟକପୁର ପଞ୍ଚାୟତର ଠାକୁରାଣୀଙ୍କ ଜମିକୁ ଜବରଦଖଲ କରିଥିବାର ଜିଲ୍ଲାପାଳଙ୍କଠାରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ଗଣ୍ଡାର ଶହଶହ ଏକର ସରକାରୀ ଜମିକୁ ମାଡ଼ି ବସିଛନ୍ତି ଗ୍ରାମବାସୀ। କେଉଁଠି ବେଆଇନ ଭାବେ ଘର ନିର୍ମାଣ କଲେଣି ତ ପୁଣି କେଉଁଠି ବାଡ଼ ବସାଇ ଦେଲେଣି। ସାଧାରଣ ଲୋକ ଯାତାୟାତ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିନାୟକପୁର ଗ୍ରାମର କାଳୀ ବସନ୍ତେଇ ଠାକୁରାଣୀଙ୍କ ନାମରେ ରହିଛି ସ୍ଥିତିବାନ ଜମି। ମା’ କାଳୀ ବସନ୍ତେଇ ଠାକୁରାଣୀ ଆଖପାଖ ଗ୍ରାମର ଆରାଧ୍ୟା ଦେବୀ। ଭକ୍ତି ଓ ଶ୍ରଦ୍ଧାରେ ଭକ୍ତମାନେ ପୂଜାର୍ଚ୍ଚନା କରୁଛନ୍ତି। ଠାକୁରାଣୀଙ୍କ ଜମି ଜବରଦଖଲ କରିବାରୁ ଗ୍ରାମବାସୀଙ୍କ ଧର୍ମୀୟ ଭାବନାର କୁଠାରାଘାତ କରୁଛି। ଖରିଦା ବିନାୟକପୁର ଗ୍ରାମର ଶ୍ୟାମ ସୁନ୍ଦର ଦାସ ନାମକ ବ୍ୟକ୍ତି ଠାକୁରାଣୀଙ୍କ ଜମିକୁ ଜବରଦଖଲ କରିଛନ୍ତି। ଏହି ବେଆଇନ ଦଖଲକୁ ଉଚ୍ଛେଦ କରିବାକୁ ଗ୍ରାମବାସୀମାନେ ଭଦ୍ରକ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରିବାକୁ ଜିଲ୍ଲାପାଳ ବାସୁଦେବପୁର ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ବେଆଇନ ଜବରଦଖଲ ଉଚ୍ଛେଦ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ନଚେତ୍ ଜମିକୁ ନେଇ ଆଇନ ଶୃଙ୍ଖଳା ସମସ୍ୟା ଦେଖାଦେଇପାରେ ବୋଲି ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି।

## ମୃତ ପ୍ରବାସୀ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା

**ଧାମନଗର,୪।୧(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତର ଯୁବକ ଦୀପକ ବାରିକ(୩୩) ଦାଦନ ଖଟିବାକୁ ହାଇଦରାବାଦର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବାବେଳେ ଗତ ମାସରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ପରିବାରଟି



ଗଭୀର ସଙ୍କଟରେ ପଡ଼ିଛି। ଦୀପକଙ୍କ ପରିବାରରେ ଗର୍ଭବତୀ ସ୍ତ୍ରୀ, ଦୃଷ୍ଟିହୀନ ବାପା ଓ ଅସୁସ୍ଥ ମାଆ ଥିବାବେଳେ ସମସ୍ତ ଆର୍ଥିକ ଓ ପାରିବାରିକ ଦାୟିତ୍ୱ ତାଙ୍କ ଉପରେ ନିର୍ଭର କରୁଥିଲା। ଅକାଳ ମୃତ୍ୟୁ ପରେ ପରିବାରଟି ଅତ୍ୟନ୍ତ ଅସହାୟ ଅବସ୍ଥାରେ ରହିଛି। ଏହି ଦୁଃଖଦ ପରିସ୍ଥିତିରେ ଶନିବାର “ଉତ୍କଳ ସେବା ସଂଘ’ ତରଫରୁ କର୍ମକର୍ତ୍ତା ମୃତକଙ୍କ ପରିବାର ପାଖରେ ପହଞ୍ଚି ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ସଂଘ ସଭାପତି ମୋହିତ୍ ସାମଲ, ସମ୍ପାଦକ ବିଜୟ ସେଠୀଙ୍କ ସହ ସଦସ୍ୟ ପ୍ରଦୀପ ବାରିକ, ଆଶୋକ ମଲ୍ଲିକ, ଶଶାଙ୍କ ଶେଖର ସାହୁ, ମାନସ ଦାସ, ବାସନ୍ତୀଲତା ସାହୁ, ରଜନୀକାନ୍ତ ସାମଲ, କମଳେନ୍ଦୁ ପରିଡ଼ା ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଉତ୍କଳ ସେବା ସଂଘ ଦୀର୍ଘ ୫ବର୍ଷ ଧରି ଗରିବ ଓ ଅସହାୟ ଲୋକମାନଙ୍କ ପାଇଁ ନିରନ୍ତର ଭାବେ ସେବାମୂଳକ କାର୍ଯ୍ୟ କରିଆସୁଛି। ଆଗାମୀ ଦିନରେ ମଧ୍ୟ ଏପରି ଜନହିତକର କାର୍ଯ୍ୟ ଜାରି ରଖିବାକୁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ଶାରଦା ବିଦ୍ୟାମନ୍ଦିର ପକ୍ଷରୁ ବନ୍ଧୁ ମିଳନ



**ବାରିକପୁର,୪।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍‌ର ଅନ୍ୟତମ ଘରୋଇ ଶିକ୍ଷାନୁଷ୍ଠାନ ଶାରଦା ବିଦ୍ୟାମନ୍ଦିର ତରଫରୁ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ବନ୍ଧୁ ମିଳନ ଉତ୍ସବ ବିଷ୍ଣୁପୁର ଗ୍ରାମ୍ୟ ଜଙ୍ଗଲଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଶରତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତାରାକାନ୍ତ ରାଉତ, ସ୍କୁଲ ସମ୍ପାଦକ ପବନ ନାୟକ, ଗୁରୁଜୀ ନିମାଇଁ ବେହେରା, ନିତ୍ୟାନନ୍ଦ ସେନାପତି, ଦିଲ୍ଲୀପ ଜେନା ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକମାନେ ଶାରଦାର ମାର୍ଗଦର୍ଶକ ହୋଇଥିବାବେଳେ ସେମାନଙ୍କ ପରାମର୍ଶ ଓ ସହଯୋଗ ଆମ ପାଇଁ ନିତାନ୍ତ ଆବଶ୍ୟକ ବୋଲି ମତ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଧାନଆଚାର୍ଯ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ବରିଷ୍ଠ ଗୁରୁଜୀ କେଶବ ଚନ୍ଦ୍ର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରେଳ ଷ୍ଟେସନରୁ ପାଇଥିବା ଟଙ୍କା ଏସ୍‌ପିଙ୍କୁ ପ୍ରଦାନ କଲେ ଅକ୍ଷୟ

**ଭଦ୍ରକ,୪।୧(ସମିସ):** ରେଳ ଷ୍ଟେସନରୁ ପାଇଥିବା ୨୦ ହଜାର ୨୦୦ ଟଙ୍କା ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କୁ ଫେରାଇ ମାନବିକତାର ପରିଚୟ ଦେଇଛନ୍ତି ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଧୀନ ବାଲିଖଣ୍ଡ ଅଞ୍ଚଳର ଅକ୍ଷୟ ସେଠୀ। ସୂଚନାଯୋଗ୍ୟ, ଗତ



୨ ତାରିଖରେ ଅକ୍ଷୟଙ୍କ ପୁଅ ନୂଆଦିଲ୍ଲୀ ଯିବେ ବୋଲି ଭଦ୍ରକ ରେଳ ଷ୍ଟେସନକୁ ଛାଡ଼ିବା ପାଇଁ ଆସିଥିଲେ। ଷ୍ଟେସନ ବାହାରକୁ ଆସିବାବେଳେ ସେ ୨୦ ହଜାର ୨୦୦ ଟଙ୍କା ପାଇଥିଲେ। ରେଳ ଷ୍ଟେସନ ଅଟୋ ଷ୍ଟାଣ୍ଡରେ ଟଙ୍କା ପାଇବା ଘଟଣା କହିବା ସହ ସାମାଜିକ ଗଣମାଧ୍ୟମରେ ମଧ୍ୟ ପୋଷ୍ଟ କରିଥିଲେ। ପରେ ଅକ୍ଷୟଙ୍କୁ ବହୁ ଲୋକ ଅଜଣା ନମ୍ବରରୁ ଫୋନ୍ କରି ଟଙ୍କା ଆମର ରେଳ ଷ୍ଟେସନକୁ ଆସି ଟଙ୍କା ଦେଇଯାଅ ବୋଲି କହିଥିଲେ। ରବିବାର ବାଧ୍ୟ ହୋଇ ଅକ୍ଷୟ ଭଦ୍ରକ ଏସ୍‌ପିଙ୍କୁ ଭେଟି ପାଇଥିବା ୨୦,୨୦୦ ଟଙ୍କା ହସ୍ତାନ୍ତର କରିଛନ୍ତି। ଏସ୍‌ପି ଶ୍ରୀ ରାଉତ ମଧ୍ୟ ଅକ୍ଷୟଙ୍କ ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ଟଙ୍କା ଯାହାର ଉଚିତ୍ ତଥ୍ୟ ଦେଇ ଭଦ୍ରକ ଟାଉନ ଥାନାରୁ ନେଇଯିବା ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି।

## ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବ୍ରଦର୍ସ ଚାମ୍ପିଅନ

**ଦୋଳସାହି,୪।୧(ସମିସ):** ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତର ରାମନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ହେଉଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲରେ ଅର୍ଣ୍ଣପାଳର ଫ୍ୟୁରିଅସ୍ କ୍ରିକେଟ ଟିମ୍ ସହ ଇଚ୍ଛାପୁରର ବ୍ରଦର୍ସ କ୍ରିକେଟ ଟିମ ଲଢ଼େଇ ହୋଇଥିଲା। ବ୍ରଦର୍ସ କ୍ରିକେଟ ଟିମ୍ ୧୬ ଓଭରରେ ୨୪୭ ରନ୍ କରିଥିଲାବେଳେ ଫ୍ୟୁରିଅସ୍



ଟିମ ୧୬ ଓଭରରେ ୨୧୫ ରନ୍ କରି ପରାଜିତ ହୋଇଥିଲା। ଏଥିରେ ବ୍ରଦର୍ସ ଟିମ୍ ଚାମ୍ପିଅନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୋଟିଏ ବଲ୍ ଖେଳି ୪ ରନ୍ ସଂଗ୍ରହ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧୀର ତରାଇ ଯୋଗଦେଇଥିଲେ। ପ୍ରାକ୍ତନ ସରପଞ୍ଚ ସୁଶାନ୍ତ ସେଠୀ, ପ୍ରଶାନ୍ତ ସେଠୀ, ଭକ୍ତହରି ଜେନା, କମଳାକାନ୍ତ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ସନ୍ତୋଷ ଜେନା ଓ ସୁଶୀଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା ବ୍ରଦର୍ସ ଟିମ୍‌କୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ଫ୍ୟୁରିଅସ୍ ଟିମ୍‌କୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି।

## ଏସ୍‌ଏଜେ ହାଇସ୍କୁଲ ହେବ ମଡେଲ ସ୍କୁଲ

**ଦୋବଲ,୪।୧(ସମିସ):** ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଏକ ନୂତନ ଯୁଗର ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ପ୍ରତିଷ୍ଠିତ ‘ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ’ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଦୋବଲ ପଞ୍ଚାୟତର ଏସ୍‌ଏଜେ (ସାଜ୍) ହାଇସ୍କୁଲ ବା ସୌକତ ଅଲ୍ଲି ଜଲ୍ଲାଲୁଦ୍ଦିନ ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇଛି। ଆସନ୍ତା ଜାନୁଆରୀ ୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲାର ବାଣପୁରଠାରେ ଏହି ମହତ୍ୱାକାଂକ୍ଷୀ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲାରେ ଆଭାସୀ (ଭର୍ଚୁଆଲ) ମାଧ୍ୟମରେ ସିଧାସଳଖ ପ୍ରସାରିତ ହେବ। ଏହି ଯୋଜନା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୧୦ଟି ବିଦ୍ୟାଳୟର ନବୀକରଣ କରାଯିବ। ଏସ୍‌ଏଜେ ହାଇସ୍କୁଲରେ ବର୍ତ୍ତମାନ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏଁ ୩୨୨ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ବିଦ୍ୟାଳୟର ନିଜସ୍ୱ ୩.୦୩ ଏକର ଜମି ସହ ପାଖରେ ଥିବା ୧୯ ଏକର ସରକାରୀ ରାଜସ୍ୱ ଜମିକୁ ମିଶାଇ ମୋଟ୍ ୨୨.୦୩ ଏକର ଜମି ଉପଲବ୍ଧ

### ଗାଁ ପିଲାଏ ପାଇବେ ଗୁଣାତ୍ମକ ଶିକ୍ଷା



ରହିଛି। ଏଠାରେ ଉନ୍ନତମାନର ଶ୍ରେଣୀ ଗୃହ, ଆଧୁନିକ ଲାଇବ୍ରେରୀ, ଲାବୋରେଟୋରୀ, ଖେଳପଡ଼ିଆ, ହଷ୍ଟେଲ ଏବଂ ଶିକ୍ଷକମାନଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ କରାଯିବାର ଯୋଜନା ରହିଛି। ଜାତୀୟ ଶିକ୍ଷାନୀତି ଅନୁଯାୟୀ, ଏଠାରେ ଶିକ୍ଷାଦାନ କରାଯିବ। ତୃତୀୟ ଶ୍ରେଣୀ ସୁଦ୍ଧା ପିଲାମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ ଶିକ୍ଷାରେ ଆଧୁନିକ ଟେକ୍ନୋଲୋଜି ବ୍ୟବହାର ହେବ। କେବଳ ପାଠ୍ୟପୁସ୍ତକ ନୁହେଁ, ବରଂ ପିଲାମାନଙ୍କର ସାମାଜିକ, ସାଂସ୍କୃତିକ ଏବଂ ବ୍ୟକ୍ତିତ୍ୱର ବିକାଶ ପାଇଁ ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକମାନେ କାର୍ଯ୍ୟ କରିବେ। ‘ନିପୁଣ ଓଡ଼ିଶା’ ଲକ୍ଷ୍ୟ ହାସଲ କରିବା ଏବଂ ପ୍ରାଥମିକସ୍ତରରୁ ପିଲାଙ୍କୁ ବୃତ୍ତିଗତ ଦକ୍ଷତା ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଆଭିମୁଖ୍ୟ। ଏସ୍‌ଏଜେ ହାଇସ୍କୁଲ ଏହି ଯୋଜନାରେ ସାମିଲ୍ ହୋଇଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅପାର ଖୁସି ଦେଖାଦେଇଛି। ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହି ବିଦ୍ୟାଳୟ ଓଡ଼ିଶାର ଶିକ୍ଷା ମାନଚିତ୍ରରେ ଏକ ନୂତନ ପରିଚୟ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଛି।

### ୧୯୯୫ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

## ରକ୍ତଦାନ, ବୃକ୍ଷରୋପଣ ଓ ନିଃଶୁଳ୍କ ସ୍ୱାସ୍ଥ୍ୟସେବା



**ଆରଡ଼ି,୪।୧(ସମିସ):** ଆରଡ଼ି ପୀଠର ସର୍ବପୁରାତନ ଶିକ୍ଷାକେନ୍ଦ୍ର ଆଖଣ୍ଡଳମଣି ଉଚ୍ଚ ବିଦ୍ୟାଳୟର ୧୯୯୫ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀ ନିଆରା ଭାବେ ସମାଜକୁ ନୂଆ ବାର୍ତ୍ତା ଦେବା ପାଇଁ ରବିବାର ବିଦ୍ୟାଳୟ ପରିସରରେ ରକ୍ତଦାନ, ବୃକ୍ଷରୋପଣ ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବ ପାଳନ କରିଥିଲେ। ଦୀର୍ଘ ୩୦ବର୍ଷ ପରେ ଶିକ୍ଷକ ଓ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିବାରୁ ସମସ୍ତଙ୍କ ମନରେ ଖୁସିର ବାତାବରଣ ଦେଖାଦେଇଥିଲା। ସର୍ବପ୍ରଥମେ ଛାତ୍ରଛାତ୍ରୀମାନେ ପୀଠର ଆରାଧ୍ୟ ଦେବ ବାବା ଆଖଣ୍ଡଳମଣିଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହ ଘର୍ଷଣ ଲାଗି କରିଥିଲେ। ପରେ ଗୁରୁ ବାବାଜୀ ଚରଣ ପଣ୍ଡା, କଳାକାର ନାୟକ, ଅର୍ଜୁନ ଚରଣ ସାହାଣୀ, ବଂଶୀଧର ପାଢ଼ୀ, ବିଜୟ ଦାଶ, କୁଶଭଦ୍ରା ପରିଡ଼ାଙ୍କ ସହ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ସ୍ୱାଇଁଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିବା ସହିତ ବାଜା ରୋଷଣୀ ଦ୍ୱାରା ପୀଠ ପରିକ୍ରମା କରାଇଥିଲେ। ଏହି ଶୋଭାଯାତ୍ରାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ଛାତ୍ରଛାତ୍ରୀମାନେ ସାମିଲ୍ ହୋଇ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ପରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମସ୍ତ ଶିକ୍ଷକ ବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ଗୁରୁ ପୂଜନ ଓ ଗୁରୁ ବନ୍ଦନା ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟ ପରିସର ପଡ଼ିଆରେ ବୃକ୍ଷରୋପଣ କରାଯାଇଥିଲା। ଏହା ସହ ଭଦ୍ରକ ଜିଲ୍ଲା ଭୂମିକା ହସ୍ପିଟାଲ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ସହ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏପରିକି ଜିଲ୍ଲା ରକ୍ତ ଭଣ୍ଡାର ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇ ପାଖାପାଖି ୨୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରକୁ ପ୍ରଜାପିତା ଈଶ୍ୱରୀୟ ବିଦ୍ୟାଳୟର ଭାଇଭଉଣୀ ସହଯୋଗ କରିଥିଲେ।

## ବିଦ୍ୟାଳୟ ନିକଟରୁ ମଦ ଦୋକାନ ଉଚ୍ଛେଦ ଦାବିରେ ବିକ୍ଷୋଭ



**ଦୋଳସାହି,୪।୧(ସମିସ):** ପୀରହାଟ ଥାନା ଅଞ୍ଚଳରେ ଏକ ବିଦ୍ୟାଳୟ ନିକଟରୁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ମଦ ଦୋକାନ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ସୂଚନା ମୁତାବକ, ପୀରହାଟ ଥାନା ଅଞ୍ଚଳରେ ବ୍ୟାପକ ଭାବରେ ସରକାରୀ ଓ ବେସରକାରୀ ଚୋରା ମଦ ବେପାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହି ଥାନା ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଥାନା ଅଞ୍ଚଳରେ ମାରାତ୍ମକ ନିଶା ବ୍ରାଉନ୍‌ସୁଗର କବଳରେ ନାବାଳକରୁ ଯୁବପିଢ଼ି ପଡ଼ି ପଥଭ୍ରଷ୍ଟ ହେଉଥିବା ସହ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଥିବା ନେଇ ପରିବାର ମଧ୍ୟରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୀରହାଟ ଥାନା ଅର୍ଜୁନବିନ୍ଧା ଛକ ନିକଟରେ ଅବସ୍ଥିତ ପୁରାତନ ଶାନ୍ତି ଶୈଳେନ୍ଦ୍ର ଉଚ୍ଚ ବିଦ୍ୟାପୀଠ ସମ୍ମୁଖରେ ଏକ ସରକାରୀ ବିଦେଶୀ ମଦ ଦୋକାନ ଖୋଲିବାକୁ ସରକାରଙ୍କ ପକ୍ଷରୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏହି ବିଦ୍ୟାଳୟ ସମ୍ମୁଖରେ ମଦ ଦୋକାନ ଖୋଲିବାକୁ ଦିଆଯିବ ନାହିଁ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଶନିବାର ଖୋଲିବାକୁ ଥିବା ମଦ ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବିକ୍ଷୋଭରେ ସମାଜସେବୀ ଅଜୟ ରାଉତଙ୍କ ତତ୍ତ୍ୱାବଧାନରେ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।

## ପ୍ରତିଷ୍ଠିତ ଔଷଧ ବ୍ୟବସାୟୀଙ୍କ ପରଲୋକ

**ଭଦ୍ରକ,୪।୧(ସମିସ):** ଭଦ୍ରକର ପ୍ରତିଷ୍ଠିତ ତଥା ପୁରୁଖା ଔଷଧ ବ୍ୟବସାୟୀ ତଥା ଚକାଡୋଲା ମେଡିସିନ ଦୋକାନର ମାଲିକ ଉଦୟ ନାରାୟଣ ପଣ୍ଡାଙ୍କ ସହରାଞ୍ଚଳ ବାଗୁରାଇସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ହେବ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ତୀର୍ଥନାଥ ପଣ୍ଡା (ବାବୁ)ଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ଅବିଭକ୍ତ ଭଦ୍ରକ ବାଲେଶ୍ୱର ଜିଲ୍ଲାର ମେଡିସିନ ଆସୋସିଏସନର ସେ



ପୂର୍ବତନ ସାଧାରଣ ସମ୍ପାଦକ ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ତୀର୍ଥନାଥ ମୁଖାଗ୍ନି ଦେଇଥିଲେ।

### ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

## ‘ବଟବୃକ୍ଷ ସମାନ ପାଠଶାଳା’



ବାରିକପୁର,୪।୧(ସମିସ)

ଶିକ୍ଷା ଆଗକୁ ବଢ଼ିବାରେ ପ୍ରେରଣା ଦେବା ସହିତ ମଣିଷ ପାଇଁ ପାଠଶାଳା ବଟବୃକ୍ଷ ସମାନ ବୋଲି ରବିବାର ଭଣ୍ଡାରିପୋଖରୀ ବ୍ଲକ୍ ଚିଙ୍ଗିଡ଼ିପୁର ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବରେଣ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ ସାମଲ, ମୁଖ୍ୟବକ୍ତା ଭାବେ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ଅନ୍ୟତମ ଅତିଥି ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ସରପଞ୍ଚ ଅମୂଲ୍ୟ ନାୟକ, ଶିକ୍ଷାବିତ୍ ରବିନାରାୟଣ ପତି, ବର୍ଷିଆନ ଲେଖକ ଅରୁଣୋଦୟ ଖିଲାର, ନିର୍ମଳ ଚନ୍ଦ୍ର ସ୍ୱାଇଁ, ମୋହନ ଖିଲାର ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଅୟମାରମ୍ଭ ଓ ଶିକ୍ଷାଦାନ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ଛାତ୍ର ତଥା ଯୁବ ନେତା ସୁରେଶ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି ଅମିତାଭ ଖିଲାର ସ୍ୱାଗତ ଭାଷଣ, ଶିକ୍ଷକ ପ୍ରଫୁଲ୍ଲ ନାୟକ ମଞ୍ଚ ଆହ୍ୱାନ, କମିଟି ସମ୍ପାଦକ ବିନୋଦ ମହାରଣା ବିବରଣୀ ପାଠ କରିଥିଲେ। ପୁରାତନ ବିଦ୍ୟାର୍ଥୀ ସଦାନନ୍ଦ ପଣ୍ଡା ବିଦ୍ୟାଳୟର ଇତିହାସ ପାଠ କରିଥିବାବେଳେ ପ୍ରମୋଦ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା “ଜଗନ୍ନାଥାୟନ ଓ ସାବରମତିର ସନ୍ଥ’ ଉନ୍ମୋଚିତ ହୋଇଥିଲା। ଏହାଛଡ଼ା ବାଲୁକା ଶିଳ୍ପୀ ବିପିନ ବିହାରୀ ଜେନା ଏବଂ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ସମସ୍ତ ଶିକ୍ଷକଙ୍କୁ ଆୟୋଜକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପୁରାତନ ବିଦ୍ୟାର୍ଥୀମାନେ ପରିଚାଳନା କରିଥିଲେ।

## ଆଦର୍ଶ ମହିଳାଙ୍କ ପରଲୋକ

**ଧାମନଗର/ବାରିକପୁର,୪।୧(ସମିସ):** ଧାମନଗରଠାରେ କାର୍ଯ୍ୟରତ ସବ୍‌ରେଜିଷ୍ଟ୍ରାର ତଥା ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ହାଟଡିହ(ଦକ୍ଷିଣବାଡ଼) ଗାଁର ସତ୍ୟାନନ୍ଦ ପାତ୍ରଙ୍କ ମାଆ କମଳା ପାତ୍ରଙ୍କ ୮୦ ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ ଜଣେ ଧର୍ମପରାୟଣା, ସହୃଦୟୀ, ପରୋପକାରୀ, ସ୍ନେହମୟୀ ଓ ଆଦର୍ଶ ମହିଳା ଥିଲେ। ସେ ଅସୁସ୍ଥ ହୋଇ ଦୀର୍ଘ ଦିନ ଧରି ଚିକିତ୍ସାଧୀନ



ଥିଲେ। ମୃତ୍ୟୁ ସମୟରେ ତାଙ୍କ ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀଙ୍କ ସମେତ ପରିବାର ବର୍ଗ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ଏହି ପରଲୋକ ଖବର ଶୁଣି ବିଭିନ୍ନ ଦଳର ରାଜନୈତିକ ନେତା, ସମାଜସେବୀ, ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

ବୈତରଣୀରୁ ବେଧଡ଼କ ବାଲି ଲୁଟ୍

# ପ୍ରଶାସନ ଶିଥିଳ; ବଢୁଛି ମାଫିଆଙ୍କ ପ୍ରାଦୁର୍ଭାବ

ଦୋବଲ,୪ା୧(ସମିସ):



ଧାମନଗର ତହସିଲ୍ ଅଞ୍ଚଳ ସୋହଡ଼ା ପଞ୍ଚାୟତର ଷେଣ୍ଢପୁର ନିକଟସ୍ଥ ବୈତରଣୀ ନଦୀ ଏବେ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି। ରାତିରୁ ସକାଳ ଯାଏ ଟ୍ରାକ୍ଟର ମାଲିକ ତଥା ବାଲି ଚୋରମାନେ ଏଠାରୁ ବାଲି ଚୋରି କରିବାରେ ଲାଗିଛନ୍ତି। ପ୍ରାୟ ୨୦ରୁ ଅଧିକ ଟ୍ରାକ୍ଟର ଏଠାରେ ପଶି ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି। ରାଜସ୍ୱ ବିଭାଗ ଓ ଖଣି ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଏବଂ ସ୍ଥାନୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବାବେଳେ ନଦୀବନ୍ଧ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି। ନଦୀରେ ପର୍ଯ୍ୟାପ୍ତ ବାଲି ନ ଥିବାରୁ ସୈରାତ ନିଲାମ ହୋଇପାରି ନାହିଁ। ଏଣୁ ସରକାରୀ ଭାବେ ବାଲି ଉତ୍ତୋଳନ ବନ୍ଦ ରହିଛି। ଏହାର ସୁଯୋଗ ନେଇ ମାଫିଆମାନେ ବିଳମ୍ବିତ ରାତିରେ ଡ୍ରୋଜର ଲଗାଇ ପାଣି ଭିତରୁ ବାଲି ଉଠାଇ ଠୁଳ କରୁଛନ୍ତି। ନିଜର ସୁବିଧା ପାଇଁ ସେମାନେ ଅନେକ ସ୍ଥାନରେ ନଦୀବନ୍ଧ କାଟି ଗଡ଼ା ପ୍ରସ୍ତୁତ କରିଛନ୍ତି, ଯେଉଁ ରାସ୍ତା ଦେଇ ଟ୍ରାକ୍ଟର ଓ ମିନି ଟ୍ରକ୍‌ଗୁଡ଼ିକ ନଦୀ ଭିତରକୁ ଯାଇ ବିଳମ୍ବିତ ରାତିରୁ ସକାଳ ଯାଏ ବାଲି ଉତ୍ତୋଳନ କରି ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରାଯାଉଛି।

ଖଣି ବିଭାଗର ଜିଲ୍ଲା କାର୍ଯ୍ୟାଳୟ ଭଦ୍ରକରେ ଥିବାବେଳେ ପ୍ରାୟ ୩୫ କିଲୋମିଟର ଦୂର ଷେଣ୍ଢପୁରରେ ବାଲି ଚୋରି ହେଉଛି। ଯେତେବେଳେ ବି ଖଣି ଅଧିକାରୀ ଚଢ଼ଉ ପାଇଁ ଆସୁଛନ୍ତି, ବେଦପୁର, ଖଡ଼ିପଦା, ଦୋବଲ ଓ ଧାମନଗର ଛକ ପର୍ଯ୍ୟନ୍ତ ଜଗି ରହିଥିବା ମାଫିଆଙ୍କ ସୂଚନାଦାତାମାନେ ସଙ୍ଗେ ସଙ୍ଗେ ଖବର ପହଞ୍ଚାଇ ଦେଉଛନ୍ତି। ଅଧିକାରୀ ପହଞ୍ଚିବା ପୂର୍ବରୁ ଟ୍ରାକ୍ଟର ଓ ଜେସିବିଗୁଡ଼ିକୁ ନଦୀ ଗର୍ଭରୁ କାଢ଼ି ନିଆଯାଇ ବାଡ଼ି ପଛପଟେ ଲୁଚାଇ ଦିଆଯାଉଛି। ଫଳରେ ଚଢ଼ଉ ପ୍ରକ୍ରିୟା କେବଳ ପ୍ରହସନରେ ପରିଣତ ହେଉଛି। ବେଆଇନ ବାଲି ଉତ୍ତୋଳନ ରୋକିବା ପାଇଁ କଡ଼ା ନିୟମାବଳୀ ରହିଛି। ସଷ୍ଟେନେବଲ୍ ସ୍ୟାଣ୍ଡ ମାଇନିଂ ମ୍ୟାନେଜ୍‌ମେଣ୍ଟ ଗାଇଡ୍‌ଲାଇନ୍-୨୦୧୬ ଅନୁଯାୟୀ ପରିବେଶ ସନ୍ତୁଳନ ରକ୍ଷା କରି ବାଲି ଉତ୍ତୋଳନ କରିବା କଥା। ସେହିପରି ଓଡ଼ିଶା ମାଇନିଂ ପଲିସି-୨୦୨୧ରେ ମଧ୍ୟ ବାଲି ଚୋରି ରୋକିବା ନେଇ ବ୍ୟବସ୍ଥା ରହିଛି। ନଦୀ ଗର୍ଭରୁ କେବଳ ଶୃଙ୍ଖଳା ଓ ଗଦା ହୋଇଥିବା ବାଲି ଉଠାଇବାକୁ ନିୟମ ଅଛି। ହେଲେ ମାଫିଆମାନେ ପାଣି ଭିତରୁ ବାଲି ଖୋଳିକି ଚାଲାଣ କରୁଛନ୍ତି। ୨୦୨୨ରୁ ବାଲି ନିଲାମ ଦାୟିତ୍ୱ ରାଜସ୍ୱ ବିଭାଗ ପରିବର୍ତ୍ତେ ଖଣି ବିଭାଗ ନେଇଛି। ଏଣୁ ତହସିଲ୍ ଅଫିସ ଆଉ ଏଥିରେ ମୁଣ୍ଡ ଖେଳାଉ ନାହିଁ। ନିୟମ ଅନୁଯାୟୀ, ବାଲି ଚୋରି ରୋକିବା ପାଇଁ ତହସିଲ୍‌ଦାର, ଅତିରିକ୍ତ ତହସିଲ୍‌ଦାର, ରାଜସ୍ୱ ନିରୀକ୍ଷକ(ଆର୍‌ଆଇ), ସୁପରଭାଇଜର ଏବଂ ସ୍ଥାନୀୟ ଥାନା ଆଇଆଇସିଙ୍କ ପାଖରେ ଯଥେଷ୍ଟ କ୍ଷମତା ଅଛି। ମାତ୍ର ନିଲାମ ପ୍ରକ୍ରିୟା ଖଣି ବିଭାଗକୁ ଯିବା ପରଠାରୁ ତହସିଲ୍ କାର୍ଯ୍ୟାଳୟ ଏହି ସମସ୍ୟାକୁ ଦେଖି ନ ଦେଖିଲା ଭଳି ରହୁଥିବା ଅଭିଯୋଗ ହେଉଛି। ତା'ଛଡ଼ା ସ୍ଥାନୀୟ ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପ ଯୋଗୁଁ କ୍ଷେତ୍ର ଅଧିକାରୀମାନେ କଡ଼ା ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ଯଦି ପୁଲିସ ଓ ତହସିଲ୍ ପ୍ରଶାସନ ମିଳିତ ଭାବେ ସତର୍କତା ଅବଲମ୍ବନ ନ କରନ୍ତି, ତେବେ ଆଗାମୀ ଦିନରେ ବୈତରଣୀ ନଦୀଶଯ୍ୟା ଶୂନ୍ୟ ହେବା ସହ ନଦୀବନ୍ଧ ଦୁର୍ବଳ ହୋଇ ବନ୍ୟା ଭଳି ବିପର୍ଯ୍ୟୟକୁ ଡାକିଆଣିବ। ପ୍ରଶାସନ ତୁରନ୍ତ ସଚେତନ ହୋଇ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ।

■ ଅଲ୍ ଓଡ଼ିଶା ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଉଦ୍‌ଘାଟନୀ ମ୍ୟାଚ୍‌ରେ ଜୟଦେବ ସ୍ପୋର୍ଟ୍ସ ବିଜୟୀ



ଦୋବଲ,୪ା୧(ସମିସ): ଅସୁରାଳି କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅସୁରାଳିସ୍ଥିତ ସହିଦ୍ ଷ୍ଟାଡିୟମ୍‌ରେ ରବିବାରଠାରୁ ଅଲ୍ ଓଡ଼ିଶା ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। କମିଟି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ୮ଟି ଦଳ ଏଥିରେ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଜୟଦେବ ସ୍ପୋର୍ଟ୍ସ(ଭୁବନେଶ୍ୱର) ଓ ପ୍ରେସ୍ କ୍ଲବ୍ (କଟକ) ମଧ୍ୟରେ ମୁକାବିଲା ହୋଇଥିଲା। ଭୁବନେଶ୍ୱର ପ୍ରଥମେ ଟସ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। କଟକ ୨୦ ଓଭରରେ ୯ ୱିକେଟ ହରାଇ ୧୨୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ଭୁବନେଶ୍ୱର ୧୩.୩ ଓଭରରେ ୩ ୱିକେଟ ହରାଇ ୧୨୩ କରି ବିଜୟ ହାସଲ କରିଥିଲା। ଖେଳକୁ ପରିଚାଳନା କରିଥିଲେ ଅମୂଲ୍ୟ ବେହେରା ଓ ରଞ୍ଜିତ୍ ସାହୁ। ସ୍କୋରର୍ ଥିଲେ ଅଶ୍ୱନୀ ବେହେରା, ଅରୁଣ ମଲ୍ଲିକ ଏବଂ ସୁବ୍ରତ ସାହୁ। ଧାରା ବିବରଣୀ ଦେଇଥିଲେ ଇଂ. କିଶୋର ପୃଷ୍ଟି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମିନତୀ ସାହୁ, ଅସୁରାଳି ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅମରେନ୍ଦ୍ର ନାୟକ, ସମାଜସେବୀ ସହଦେବ ସାହୁ, ଅବସରପ୍ରାପ୍ତ ଶିକ୍ଷକ ହୁନକ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ଧର୍ମଶାଳା ଚାମ୍ପିଅନ




ଅସୁରାଳି,୪ା୧(ସମିସ): ଧାମନଗର ବ୍ଲକ୍ ଧୂଷୁରୀ ଓଲଟପୁର ପଡ଼ିଆରେ ଅନୁଷ୍ଠିତ ମା' ବାସନ୍ତୀ ଦୁର୍ଗା ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ଓଡ଼ିଶା ପୁଲିସ ଦଳ ଭଦ୍ରକ ଓ ଧର୍ମଶାଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଧର୍ମଶାଳା ୧-୦ ଗୋଲ୍‌ରେ ଆଗୁଆ ଥିଲାବେଳେ, ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ପୁଲିସ ଭଦ୍ରକ ଗୋଟିଏ ଗୋଲ୍ ମଧ୍ୟ ଦେଇଥିଲା। ଦ୍ୱିତୀୟାର୍ଦ୍ଧରେ ଖେଳ ଶେଷ ବେଳକୁ ଧର୍ମଶାଳା ଓଡ଼ିଶା ପୁଲିସକୁ ଆଉ ଗୋଟିଏ ଗୋଲ୍ ଦେଇଥିଲା। ଫଳରେ ଧର୍ମଶାଳା ୨-୧ରେ ବିଜୟୀ ହୋଇଥିଲା। ଏହି ଫାଇନାଲ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଜିଲ୍ଲା ବିଜେପି ଉପସଭାପତି ଚତୁର୍ଭୁଜ ନାୟକ, ମଣ୍ଡଳ ବିଜେପି ସଭାପତି ଅନିରୁଦ୍ଧ ସାହୁ, ସମିତିସଭ୍ୟ ବିଦ୍ୟାଧର ରାଉତ, ବରିଷ୍ଠ ନେତା ରାମଚନ୍ଦ୍ର ମିଶ୍ର, ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ବୁଦ୍ଧଦେବ ଜେନା, ସୁଶାନ୍ତ ନାୟକ, ଶିକ୍ଷୟିତ୍ରୀ ସୁଜାତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ ମା' ବସନ୍ତିଦୂର୍ଗା ପୂଜା କମିଟି ସଭାପତି ନିରୋଦ ବେହେରା, ସୁରେନ୍ଦ୍ର ରାଉତ, ଫଣୀଭୂଷଣ ମଲ୍ଲିକ, ସତ୍ୟବ୍ରତ ବାରିକ ପ୍ରମୁଖ। ଖେଳ ପରିଚାଳନାରେ ଜିତେନ୍ଦ୍ର ବାରିକ, ରିୟାଜ କାଦ୍ରି, ସୁଶାନ୍ତ ବିଶ୍ୱାଳ, ଶିବପ୍ରସାଦ ବେହେରା ସହାୟତା କରିଥିବାବେଳେ ଧାରା ବିବରଣୀ ଦେଇଥିଲେ ସରୋଜ ରାଉତ।

## ଆତ୍ମ ସୁରକ୍ଷା କ୍ଲବ୍ ଉଦ୍‌ଘାଟିତ

ଭଦ୍ରକ,୪ା୧(ସମିସ): ଭଦ୍ରକ ଉତ୍ତରବାହିନୀସ୍ଥିତ ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ସେଲ୍ଫ ଡିଫେନ୍ସ(ଆତ୍ମସୁରକ୍ଷା) କ୍ଲବ୍‌ର ଉଦ୍‌ଘାଟନୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କଲେଜର ଅଧ୍ୟକ୍ଷ ରାଜଶ୍ରୀ ନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଭଦ୍ରକର ଅତିରିକ୍ତ ଆରକ୍ଷୀ ଅଧିକାରୀ ଅଂଶୁମାନ ଦ୍ୱିବେଦୀ, ମୁଖ୍ୟବକ୍ତା ଭାବେ ପୁରୁଣା ବଜାର ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଯୋଗଦେଇଥିଲେ। ଏହା ସହିତ ସଂଯୋଜିକା ଲିପିପୁଷ୍ପା ନାୟକ ଏବଂ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀମାନେ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ବୈତରଣୀ ଓ କୋଚିଲା ନଦୀବନ୍ଧରେ ପଥର ପ୍ୟାଚିଂ

## ତଦାରଖ କଲେ ଜଳସେଚନ ବିଭାଗ ଅଧିକାରୀ



ଅସୁରାଳି,୪ା୧(ସମିସ): ଧାମନଗର ଜଳ ସମ୍ପଦ ବିଭାଗର ଗାନ୍ଧୀଘାଟ ସେକ୍ସନର ବୈତରଣୀ ଓ କୋଚିଲା ନଦୀ ବନ୍ଧର ଗାନ୍ଧୀଘାଟ, ମାହାରାକୂଳ, ହସନାବାଦ ଏବଂ ତୋଟାସାହିରେ ପଥର ପ୍ୟାଚିଂ କାର୍ଯ୍ୟ ଚାଲିଛି। ଏହାକୁ ତଦାରଖ କରିବା ସହିତ ସମୀକ୍ଷା କରିଥିଲେ ଆଖୁଆପଦା ଜଳସେଚନ ବିଭାଗର ମୁଖ୍ୟ ହିତେଶ ସାହୁ ଏବଂ ଗାନ୍ଧୀଘାଟ ସେକ୍ସନର କନିଷ୍ଠ ଯନ୍ତ୍ରୀ ବିମଳ ବେହେରା।

## ମହୁମାଛି ଆକ୍ରମଣରେ ୧୨ ଆହତ

ଭଣ୍ଡାରିପୋଖରୀ,୪ା୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ନେରଡ଼ା ପଞ୍ଚାୟତ ମିଟୁଆଣି ଉ.ପ୍ରା. ବିଦ୍ୟାଳୟ ରାସ୍ତାରେ ମହୁମାଛି ଆକ୍ରମଣରେ ୧୨ ଜଣ ଆହତ ହୋଇଥିବା ଜଣାଯାଇଛି। ରବିବାର ଦିନ ସାଢ଼େ ୧ଟା ବେଳେ ବିଦ୍ୟାଳୟ ରାସ୍ତା ପାଖର୍ ଅର୍ଜୁନ ଗଛରୁ ମହୁମାଛି ଶହଶହ ସଂଖ୍ୟାରେ ଉଡ଼ିଆସି ବାଟୋଇମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତେଜସ୍ୱିନ ବେହୁରିଆ, ଗଜେନ୍ଦ୍ର ବେହୁରିଆ, ସୌମ୍ୟରଞ୍ଜନ ନାୟକ, ଜୟପ୍ରକାଶ ରାଉତ, ବିରଞ୍ଚି ନାରାୟଣ ପୃଷ୍ଟି, ବଳରାମ ବେହେରା, ତାରେଣୀ ମଲ୍ଲିକ ପ୍ରମୁଖ ଆହତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ମେଡିକାଲରୁ ଘରକୁ ପଠାଯାଇଥିବା ଜଣାଯାଇଛି।

୨୮ତମ ସ୍ମୃତି ସନ୍ଧ୍ୟା

## 'ମୁକ୍ତି ସଂଗ୍ରାମର ଅମ୍ଳାନ ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର'




ଭଦ୍ରକ,୪ା୧(ସମିସ): ଦିବଂଗତ ଗୌରାଙ୍ଗଚନ୍ଦ୍ର ଥିଲେ ବାସୁଦେବପୁର ଅଞ୍ଚଳର ଅବିସମ୍ବାଦିତ 'ଗାନ୍ଧୀ'। ସ୍ୱାଧୀନତା ସଂଗ୍ରାମର ମୈଦାନରେ ସେ ଯେପରି ଥିଲେ ଜଣେ ସମର୍ଥ ସୈନିକ, ସ୍ୱାଧୀନତା ପରବର୍ତ୍ତୀ କାଳର ସମାଜସେବା କ୍ଷେତ୍ରରେ ସେହିପରି ଥିଲେ ପ୍ରଣମ୍ୟପୁରୁଷ ବୋଲି ସଂଗ୍ରାମୀ ଗୌରାଙ୍ଗଚନ୍ଦ୍ର ମହାନ୍ତିଙ୍କ ୨୮ତମ ସ୍ମୃତି ସନ୍ଧ୍ୟା ଅବସରରେ ବିଶିଷ୍ଟ ଗବେଷକ ଓ ସାହିତ୍ୟିକମାନେ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ଶୁଭମ୍ ନର୍ସିଂ କଲେଜ ପରିସରରେ ଭଦ୍ରକ ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଗବେଷକ ଓ ଶିଶୁ ସାହିତ୍ୟିକ ଡ. ମନୀନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ଡ. ପ୍ରଦୀପ ନାୟକ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରି ଯେଉଁ ସମୟରେ ଇଂରେଜମାନେ ଅନ୍ୟାୟ ଅତ୍ୟାଚାର କରିଚାଲିଥିଲେ, ସେତେବେଳେ ସ୍ୱାଭିମାନୀ ଗୌରାଙ୍ଗ ଚନ୍ଦ୍ର ନିଜ ପାରିବାରିକ ଦାରିଦ୍ର୍ୟକୁ ଭୁଲି ସେହି ନିର୍ଯାତନାର ବିରୋଧ କରିପାରିଥିଲେ। ତାହା ତାଙ୍କ ଜୀବନଯାତ୍ରାର ସ୍ମରଣୀୟ କାହାଣୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ପ୍ରଭାତ କୁମାର ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେଉଁ ସମୟରେ ସଂଗ୍ରାମୀ ଗୌରାଙ୍ଗଚନ୍ଦ୍ର ମୁକ୍ତି ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ, ସେ ସମୟ ପରିବର୍ତ୍ତନ ହୋଇଯାଇଛି। ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ଦତ୍ତାତ୍ରେୟ ଦାସ, ସମ୍ମାନିତ ଅତିଥି ଭାବେ ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ ଗୌରାଙ୍ଗ ଚନ୍ଦ୍ରଙ୍କ ତ୍ୟାଗଦୀପ୍ତ ଜୀବନ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ସହ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ, କବି ବିଜୟ ବହଳି ବେଦପାଠ ଓ କବି ଶରତଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶାନ୍ତନୁ ରାଉତ, ସୁଧାକର ରାଉତ, ହରିଶ ଚନ୍ଦ୍ର ଦାସ, ରମେଶ ଦାସ, ମନୋରମା ରାୟ, ଅକ୍ଷୟ ବାରିକ, ଅରୂପାନନ୍ଦ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶରତ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

■ ନୃସିଂହ ସାହିତ୍ୟ ପରିଷଦର ଶୀତ ଆସର ଓ କବିତା ପାଠୋତ୍ସବ

## ସାହିତ୍ୟ ଅନୁରାଗୀ ହେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ

ଦୋବଲ,୪ା୧(ସମିସ): ଦୋବଲ କାଳୀବଜାରସ୍ଥିତ ବୈଦିକ ଯଜ୍ଞ ମଣ୍ଡପ ପରିସରରେ ରବିବାର ଅପରାହ୍ଣରେ ନୃସିଂହ ସାହିତ୍ୟ ପରିଷଦ ପକ୍ଷରୁ ଶୀତ ଆସର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ସାହିତ୍ୟିକ ହୃଦାନନ୍ଦ କରଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଶିବମ୍ ସାହିତ୍ୟ ସଂସ୍କୃତି ପରିଷଦ କୋଲକାତାର ସଭାପତି ଭୂପେଶ ମିଶ୍ର, ଧାମନଗର ବ୍ଲକ୍ ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ସଚୀକାନ୍ତ ପଣ୍ଡା, ଗୋହିରାଟିକିରି ମଠର ମହନ୍ତ ବିଶ୍ୱଧର ଦାସ, ବୈଦିକ ସମିତିର ସଭାପତି କୃତିବାସ ତ୍ରିପାଠୀ, ସମ୍ପାଦକ ପ୍ରମୋଦ ନାୟକ, ସାହିତ୍ୟିକ ଅନିଲ ବାରିକ, ନିରାକାର ଧଳ, ଶିକ୍ଷାବିତ୍ ଦୈତାରୀ ଦାଶ, ଘନଶ୍ୟାମ ଥାଟେଇ, ପଣ୍ଡିତ ନକୁଳ ଦେବ ଶାସ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଆଜିର ସମାଜର ଯୁବପିଢ଼ି ସାହିତ୍ୟ ପ୍ରତି ରୁଚି ରଖିଲେ ସମାଜର ଅଗ୍ରଗତି ହୋଇପାରିବ। ସାହିତ୍ୟ ଋଦ୍ଧିମନ୍ତ ହେଲେ ସମାଜ ଆଗେଇ ପାରିବ। ତେଣୁ ଯୁବପିଢ଼ି ସାହିତ୍ୟ ଅନୁରାଗୀ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ କବି କୁଳମଣି ବେହେରାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ରାଧାଶ୍ୟାମ ପଣ୍ଡା, ଜଗନ୍ନାଥ ନାୟକ, ଗୀତାରାଣୀ ରାଉତ, ପୁଷ୍ପିତା ମିଶ୍ର, ବିଶ୍ୱନାଥ ବେହେରା ଓ ରଣଜିତ ରଥ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ଆବୃତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅଶୋକ ପଣ୍ଡା, ଶିକ୍ଷାବିତ୍ ପ୍ରଭାତ ସାମଲ, ପ୍ରିୟରଞ୍ଜନ ସାମଲ, ସିଦ୍ଧେଶ୍ୱର ସାମଲ, ଭାଗବତ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଜେନା, ଦେବେନ୍ଦ୍ର ଆଦିଆ, ଅଭିମନ୍ୟୁ ମଲ୍ଲିକ, କମଳାକାନ୍ତ ଦାସ, ପ୍ରଶାନ୍ତ ସାହୁ, ବୁଦ୍ଧିରାମ ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସେବାନିବୃତ ପ୍ରାଧ୍ୟାପକ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଦ୍ୱାରା ରଚିତ "ଗୋହିରାଟିକିରିରୁ ଷୋଳମପୁର' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ୭୦ରୁ ଊର୍ଦ୍ଧ୍ୱ ପୁସ୍ତକ



ରଚନା କରିଥିବା ଲେଖକ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ପରିଷଦ ପକ୍ଷରୁ ମାନପତ୍ର ଓ ଉପଢ୍ୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସମ୍ପାଦକ କବି ମନୋଜ ଜେନା ଉଦ୍ଦେଶ୍ୟଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାମ୍ବାଦିକ ପ୍ରଦୀପ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଚାନ୍ଦବାଲିକୁ ସବ୍‌ଡିଭିଜନ ମାନ୍ୟତା ଦାବି ତେଜିଲା



ଭଦ୍ରକ,୪ା୧(ସମିସ): ଐତିହାସିକ ନୌବାଣିଜ୍ୟ, ସଂସ୍କୃତି ସମ୍ପନ୍ନ, ଭୌଗୋଳିକ ଭିତ୍ତିଭୂମି ସମୃଦ୍ଧ ଚାନ୍ଦବାଲିକୁ ରାଜସ୍ୱ ସବ୍‌ଡିଭିଜନ ଘୋଷଣା କରିବା ପାଇଁ ୨୦୧୮ ରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ତରିକାରେ ସରକାରଙ୍କ ପାଖରେ ଦାବି ଉପସ୍ଥାପିତ କରାଯାଇଥିଲା। ବର୍ତ୍ତମାନ ଜିଲ୍ଲା ଓ ସବ୍‌ଡିଭିଜନ ପୁନର୍ଗଠନ କରିବାକୁ ନିଷ୍ପତ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରିବା ପରେ "ଚାନ୍ଦବାଲି ସବ୍‌ଡିଭିଜନ ଗଠନ କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ ଏକ ସର୍ବଦଳୀୟ ପ୍ରତିନିଧି ଦଳ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖଙ୍କୁ ସାକ୍ଷାତ୍ କରି ଚାନ୍ଦବାଲିକୁ ସବ୍‌ଡିଭିଜନ ମାନ୍ୟତା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ପାଇଁ କମିଟିର ଆବାହକ ସୁଧୀର ମହାନ୍ତିଙ୍କ ଆହ୍ୱାନ ଏବଂ ଜିଲ୍ଲା ପରିଷଦ ପ୍ରାକ୍ତନ ସଭାପତି ଦ୍ୱିଜବର ରାଉତଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବରିଷ୍ଠ ନାଗରିକ ସଙ୍ଘ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ବିଭାଗୀୟ ସଚିବମାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବା ସହ ଏହି ଅଭିଯାନକୁ ଆହୁରି ବ୍ୟାପକ କରାଇବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ ବିଜେପିର ବରିଷ୍ଠ ନେତା ପୂର୍ଣ୍ଣ ଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ଆଡ୍‌ଭୋକେଟ ଉପେନ୍ଦ୍ର ରାଉଳ, ଦେବୁଲା ମହାନ୍ତି, ବିଜେଡି ବ୍ଲକ୍ ସଭାପତି ପ୍ରତାପ ଚନ୍ଦ୍ର ଧଳ, ବରିଷ୍ଠ ନେତା ନରେଶ ଚନ୍ଦ୍ର ମାଝୀ, ବଳଭଦ୍ର ଲେଙ୍କା, ପ୍ରିନ୍ସ ରାକେଶ ନାୟକ, ବିଶ୍ୱକେଶରୀ ମହାନ୍ତି, ଶୁଭେନ୍ଦୁ ସାହୁ, କଂଗ୍ରେସ ବ୍ଲକ୍ ସଭାପତି ତ୍ରୈଲୋଚନ ପଣ୍ଡା, ବଦ୍ରିନାଥ ନାୟକ, ଆଇନଜୀବୀ ତ୍ରିଲୋଚନ ଦାଶ, କମ୍ୟୁନିଷ୍ଟ ଦଳରୁ ଭାଗିରଥି ରାଉତ, ଅଶୋକ ବେହେରା, ବିଶିଷ୍ଟ ଉଦ୍ୟୋଗପତି ରାମତାର ମୋର, ରଘୁନାଥ ସାହୁ, ବୁଦ୍ଧିଜୀବୀ ବ୍ରଜକିଶୋର ପଣ୍ଡା, ରମେଶ ଦାଶ, ଆଡ୍‌ଭୋକେଟ ରଜନୀ ମହାନ୍ତି, ଅମୂଲ୍ୟ ରାଉତ, ନିତ୍ୟାନନ୍ଦ ପଣ୍ଡା, ସାମ୍ବାଦିକ ସଙ୍ଘର ଭାଗିରଥି ସେଠୀ, ନିତ୍ୟପ୍ରକାଶ ବେହେରା, କିଶାନ ପାତ୍ର, ବିଜୟ ମହାଳିକ, ବରିଷ୍ଠ ନାଗରିକ ସଙ୍ଘର କର୍ମକର୍ତ୍ତା ପ୍ରମୋଦ ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ବୈତରଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବାଲିପାଟଣା ଚାମ୍ପିଅନ




ଅସୁରାଳି,୪ା୧(ସମିସ): ଧାମନଗର ବ୍ଲକ୍ ହସନାବାଦରେ ଗୋପବନ୍ଧୁ ନଗର ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ବୈତରଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଗତ ୨୮ ତାରିଖରୁ ଆରମ୍ଭ ହୋଇ ରବିବାର ଶେଷ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୮ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍ ବାଲିପାଟଣା ବିବିସି କ୍ରିକେଟ୍ ଟିମ୍ ଏବଂ ଅର୍ଦ୍ଧାଓଲିଆ ଏମ୍ପ୍ଲିଫାୟାର ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୫ ଓଭର ଖେଳ ହୋଇଥିବା ମ୍ୟାଚ୍‌ରେ ବାଲିପାଟଣା ମ୍ୟାଚ୍ ଜିତି ଟ୍ରଫି ହାସଲ କରିଥିଲା। ମୁଖ୍ୟଅତିଥି ଭାବେ ଧୂଷୁରୀ ଥାନା ଏସ୍‌ଆଇ ଧୀରେନ୍ଦ୍ର ନାଥ ନାୟକ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ସମାଜସେବୀ ଭୁବନାନନ୍ଦ ସାହୁ, ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, ଯୁବ ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସିରିଜ୍‌ରେ ସବୁଠୁ ଭଲ ପ୍ରଦର୍ଶନ କରିଥିଲେ ମୃତ୍ୟୁଞ୍ଜୟ ପଣ୍ଡା ଏବଂ ଫାଇନାଲ ମ୍ୟାଚ୍‌ରେ ଭଲ ବ୍ୟାଟିଂ ପ୍ରଦର୍ଶନ କରିଥିଲେ ଜନ୍ମେଜୟ ନାୟକ।

# ଧାନ ମଣ୍ଡି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ

ବନ୍ତ/ଆଗରପଡ଼ା,୪ା୧(ସମିସ):



ବନ୍ତ ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତରେ ଧାନକିଣା ନେଇ ଚାଷୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶତାଧିକ ଚାଷୀ ଉପସ୍ଥିତ ରହି ମା' ତାରିଣୀ ଏସ୍‌ଏଚ୍‌ଜିକୁ ଧାନ କିଣା ଦାୟିତ୍ୱ ଦିଆଯାଉ ବୋଲି ଉପସ୍ଥିତ ଅଧିକାରୀଙ୍କୁ କହିବା ସହିତ ଦାବି ଜଣାଇଥିଲେ। ପୂର୍ବରୁ ଏକ ଅଭିଯୋଗ ଅନୁଯାୟୀ, ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆସିଥିବା ଅଧିକାରୀ ସୁବ୍ରତ ତ୍ରିପାଠୀ ଏହି ବୈଠକରେ ଉପସ୍ଥିତ ରହି ରାମକୃଷ୍ଣପୁର ସୋସାଇଟିରେ ମଣ୍ଡି ଖୋଲିବା କଥା କହିବା ସହିତ ଚାଷୀ ଚାହିଁଲେ ମଧ୍ୟ ଗଣିଜାଙ୍ଗ ସୋସାଇଟିରେ ମଣ୍ଡିରେ ଧାନ ଦେବା ନେଇ କହିବା କ୍ଷଣି ଶତାଧିକ ଚାଷୀ ତାଙ୍କୁ ଘେରିବା ସହିତ ପୂର୍ବରୁ ରାମକୃଷ୍ଣପୁର ସୋସାଇଟି ବ୍ଲାକ୍ ଲିଷ୍ଟେଡ୍ ହୋଇଥିବାବେଳେ ଅସରାଏ ବର୍ଷାରେ ଧାନ ନଷ୍ଟ, ଧାନ ଚୋରି ହେବା ଓ ଧାନ ରଖିବା ସୁବିଧା ନାହିଁ ବୋଲି ପ୍ରଶ୍ନ ଉଠାଇବା ଓ ଅଧିକ ଦୂରତ୍ୱ ଥିବାରୁ ଚାଷୀ ଗଣିଜାଙ୍ଗ ସୋସାଇଟି ମଣ୍ଡିରେ ଧାନ ବିକ୍ରି କରିବା ସୁବିଧାଜନକ ହୋଇପାରିବ ନାହିଁ ବୋଲି ମଧ୍ୟ ଚାଷୀ ବୈଠକରେ ଅଫିସରଙ୍କୁ କହିଥିଲେ। ବିଗତ ୫ବର୍ଷ ଧରି ଏହି ପଞ୍ଚାୟତରେ ମଣ୍ଡି ଦାୟିତ୍ୱ ନେଉଥିବା ମା' ତାରିଣୀ ଏସ୍‌ଏଚ୍‌ଜି ଠିକ୍ ସମୟରେ ଚାଷୀଙ୍କଠାରୁ ଧାନ ନେବା ସହିତ ଚାଷୀଙ୍କ ଧାନ ରଖିବା ପାଇଁ ସମସ୍ତ ସୁବିଧା ଯୋଗାଇ ଦେଉଥିବାରୁ ସେହି ଗ୍ରୁପ୍‌କୁ ଧାନ କିଣା ଦାୟିତ୍ୱ ଦିଆଯାଉ ବୋଲି ଅଧିକାରୀଙ୍କୁ କହିଥିଲେ। ସରପଞ୍ଚ ହିରେନ୍ଦ୍ର ଖିଲାରଙ୍କ ସମେତ ମହେଶ୍ୱର ସେଠୀ, ପ୍ରଶାନ୍ତ ଦାଶ, ଗଣେଶ ପ୍ରସାଦ ବାରିକ୍, ମଦନ ମୋହନ ବାରିକ୍, ମାୟାଧର ସେନାପତି, କୁଶ ମଲ୍ଲିକ, ବିଦ୍ୟାଧର ବେହେରା, ଦାମୋଦର ନାୟକ, ସାଗର ସାହୁ, ପ୍ରଭୁଦତ୍ତ ମହାନ୍ତି, ବିଦ୍ୟାଧର ମଲ୍ଲିକ, ବନମାଳୀ ସାହୁ, ବିଶ୍ୱମ୍ବର ପଣ୍ଡା, ନିରାକାର କୁଆଁରଙ୍କ ସମେତ ଶତାଧିକ ଚାଷୀ ଦାବି କରିଥିଲେ। ଏହି ବିଷୟରେ ଶତାଧିକ ଚାଷୀ ପୂର୍ବରୁ ଭଦ୍ରକ ଜିଲ୍ଲାପାଳ, ବିଧାୟକ, ସିଏସ୍‌ଓ ଭଦ୍ରକ, ମିଶନ ଶକ୍ତି ବନ୍ତ, ଡିଆର୍‌ସିଏସ୍‌ଙ୍କୁ ଅବଗତ କରାଇଥିଲେ। ତେଣୁ ବିଭାଗୀୟ ଅଧିକାରୀ ହସ୍ତକ୍ଷେପ କରି ଚାଷୀଙ୍କ ଦାବିକୁ ଲକ୍ଷ୍ୟକରି ଶୀଘ୍ର ଉକ୍ତ ସମସ୍ୟାର ଯଦି ସମାଧାନ ନ କରନ୍ତି ଆଗାମୀ ଦିନରେ ଚାଷୀ ରାସ୍ତାରେ ଧାନବସ୍ତା ରଖି ଅବରୋଧ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ନେଇ ଚେତାବନୀ ଦେଇଥିବା ଜଣାପଡ଼ିଛି। ଅପରପକ୍ଷରେ ଧାନ ମଣ୍ଡି ସମସ୍ୟା ନେଇ ଶନିବାର ଭିକାରୀ ଚରଣ ବାରିକ୍, ରତ୍ନାକର ବିଶ୍ୱାଳ, ମାୟାଧର ସେନାପତି, ଦାମୋଦର ନାୟକ, କୁଶ ମଲ୍ଲିକ, ପ୍ରଶାନ୍ତ ଦାଶ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟିଥିବା ଜଣାପଡ଼ିଛି।

## ଦୁର୍ଗାପୁରରେ ହାତୀ ଆତଙ୍କ
# ଭାଙ୍ଗିଲେ ଦୁଇଟି ଘର, ଖାଇଗଲେ ଧାନ ଚାଉଳ

ମୋରଡ଼ା,୪।୧(ସମିସ): ମୋରଡ଼ା ବ୍ଲକ୍ ରାସଗୋବିନ୍ଦପୁର ବନାଞ୍ଚଳ ଓ ବେତନଟୀ ବନାଞ୍ଚଳ ଅଧୀନରେ ଥିବାବେଳେ ବର୍ଷ ସାରା ହାତୀ ଉପଦ୍ରବ ଥମିବାର ନା ଧରୁନାହିଁ। ଏ ପରିପ୍ରେକ୍ଷୀରେ ମୋରଡା ବ୍ଲକ ଅଧୀନ ଦୁର୍ଗାପୁର, ଦାନ୍ତିଆମୁହାଁ, ଭାଲିଆଡିହା ଓ ଘୋଳମୁହାଁ ପଞ୍ଚାୟତ ଏବେ ହାତୀଙ୍କ ଚରାଭୁଇଁ ପାଲଟିଛି। ଗତକାଲି ରାତିରେ ଦୁର୍ଗାପୁରରେ ଦୁଇଟି ଘର ଭାଙ୍ଗିବା ସହ ଧାନ ଓ ଚାଉଳ



ଖାଇଯାଇଛନ୍ତି। ଏ ନେଇ ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ମୁତାବକ, ବେତନଟୀ ବନାଞ୍ଚଳ ଅଧୀନରେ ଏବେ ୨୦ ଟିକିଆ ହାତୀପଲ ବିଚରଣ କରୁଥିବାବେଳେ କେସିପୁର ଓ ଦୁର୍ଗାପୁର ବିଟ ଅଞ୍ଚଳରେ ୧୯ଟି ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରେ ପ୍ରବେଶ କରି ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇ କ୍ଷୟକ୍ଷତି ଘଟାଉଛନ୍ତି। ବିଳମ୍ବିତ ରାତିରେ ଦୁର୍ଗାପୁର ଗ୍ରାମର ନୂଆସାହିର ବାଇଧର ସିଂ ଓ ଦଣ୍ଡାସାହିର ବୀର ସିଂଙ୍କ ଘର ଭାଙ୍ଗି କ୍ଷୟକ୍ଷତି ଘଟାଇଛନ୍ତି। ତେବେ ବନ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ଭେଟି କ୍ଷୟକ୍ଷତି ଆକଳନ କରାଯାଇଥିବା ସୂଚନା ମିଳିଛି।

# ନେସାଗାଡ଼ା ଯାତ୍ରା ମେଳା ଉଦ୍‌ଯାପିତ

ବହଳଦା, ୪।୧ (ସମିସ): ମୟୁରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ନେସା ଡ୍ୟାମରେ ପ୍ରତ୍ୟେକ ବର୍ଷ ଇଂରାଜୀ ନବବର୍ଷ ଉପଲକ୍ଷେ ବଣଭୋଜି ପାଇଁ ଭିଡ ହେଉଥିବାବେଳେ ଜାନୁମଘୁଟୁ ବୀର ବିର୍ସା କ୍ଲବ ପକ୍ଷରୁ ୨୪ତମ ବାର୍ଷିକ ନେସାଗାଡା ଯାତ୍ରା ମେଳା ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଆୟୋଜିତ ନେସାଗାଡା ଯାତ୍ରାରେ ୧ ତାରିଖ ଦିନ ଆଦିବାସୀ ଡ୍ରାମା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୨ ତାରିଖରେ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଓ ୩ ତାରିଖରେ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଓ ଆଦିବାସୀ ମହିଳା ଓ ଯୁବତୀଙ୍କ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ତହସିଲଦାର ଶିବପ୍ରସାଦ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅତିରିକ୍ତ ତହସିଲଦାର ଅନୀଲ ଦାସ, ପୂର୍ବତନ ସରପଞ୍ଚ ହରେକୃଷ୍ଣ ମଣ୍ଡଳ, ଗିଦିଘାଟୀ ସରପଞ୍ଚ ସାଲାଇ ବେଶ୍ରା, ସାମ୍ବାଦିକ ବସନ୍ତ ସାଣ୍ଡିଲ, ଶିକ୍ଷକ



ଗୋବର୍ଦ୍ଧନ ମୁଣ୍ଡାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଡ୍ରାମା ପ୍ରତିଯୋଗିତାରେ ମନୋହରପୁର ଦଳ ପ୍ରଥମ, ବ୍ରାହ୍ମଣବୋଷ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଫୁଟବଲ ପ୍ରତିଯୋଗିତାରେ ରାଜା ଏଫସି ଗାୟାଣ ଦଳ ପ୍ରଥମ, କୁମ୍ଭିରଦା ଦଳ ଦ୍ୱିତୀୟ, ସାଲଖାନ ଏଫସି ଦଳ ତୃତୀୟ ଓ ରାଜା ଏଫସି (ବି) ଦଳ ଚତୁର୍ଥ ହୋଇ ପୁରସ୍କାର ଭାବେ ଖାସି ଛେଳି ପ୍ରଦାନ କରାଯାଇଥିଲା। ସେହିପରି ଡିଜେ ଲାଗଣେ ପ୍ରତିଯୋଗିତାରେ ମାମା ମାର୍ଣ୍ଡି (ଇନ୍ଦକୁଳି), ସାଲୋନୀ ବାସ୍କେ (ନାଣ୍ଟୁଆ, ଝାଡ଼ଖଣ୍ଡ), ପୂଜା ହାଁସଦା (ମୁଷାବଣୀ, ଝାରଖଣ୍ଡ) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଭାବେ ଖାସି ଛେଳି ଲାଭ କରିଥିଲେ। ସୁସ୍ମିତା ହାଁସଦା (ଫୁଲଝୁରୀ, ଝାଡ଼ଖଣ୍ଡ) ଓ ସୀମା ମାର୍ଣ୍ଡି (ମଧୁପୁର, ବିଜାତଳା)ଙ୍କୁ ପାରମ୍ପାରିକ ଝଲ ଶାଢୀ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। କମିଟି ପକ୍ଷରୁ ଲାଗଣେ ନୃତ୍ୟରେ ୧୦ ଜଣଙ୍କୁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର,୪।୧(ସମିସ):ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ରାଇରଙ୍ଗପୁର ଟାଉନ ଥାନା ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ପୁଲିସ ପାଟ୍ରୋଲିଂ କରି କଲରଦା ଗ୍ରାମ ନିକଟରେ ଚଢ଼ଉ କରି ଟ୍ରାକ୍ଟର ଜବତ କରିଛନ୍ତି। ଖଡ଼ଖାଇ ନଦୀ ଘାଟରେ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଟ୍ରାକ୍ଟର ଅଟକାଇ ପଚରାଉଚରା କରାଯାଇଥିଲା। କୌଣସି କାଗଜପତ୍ର ନ ଥିବାବେଳେ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ପଟେପାଣି ଗ୍ରାମର ଫାଗ ହାଁସଦା ଟ୍ରାକ୍ଟର ଚାଲାଣା କରୁଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ପୁଲିସ ପକ୍ଷରୁ ଅଭିଯୋଗକ୍ରମେ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ଟ୍ରାକ୍ଟର ଜବତ କରି ତଦନ୍ତ ଜାରି ରହିଛି।

## ଧକୋଠାରେ ପଟୁ ମାଟିରେ ରାସ୍ତା ନିର୍ମାଣ
# ୧୦ ଲକ୍ଷ ଟଙ୍କାର ରାସ୍ତା ୧୫ ଦିନ ଗଲାନି

ଆନନ୍ଦପୁର, ୪।୧ (ସମିସ): ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ବର୍ତ୍ତମାନର ଭିବ-ଜିରାମ ଜି)ରେ ଦୁର୍ନୀତି। ଜେସିବି ମେସିନରେ ନଦୀକୂଳରୁ ପଟୁମାଟି ଉଠାଯାଇ ରାସ୍ତା କାମରେ ବ୍ୟବହାର କରାଯାଇଛି। ସୂଚନାଫଳକ ଅସମ୍ପୂର୍ଣ୍ଣ ରହିଛି। ନିର୍ମାଣର ମାତ୍ର ଦୁଇ ସପ୍ତାହରେ ରାସ୍ତାର ଚିହ୍ନବର୍ଣ୍ଣ ନଥିବା ଦେଖିବାକୁ ମିଳିଛି। ଆନନ୍ଦପୁର ବ୍ଲକ୍ ଧକୋଠା ପଞ୍ଚାୟତରୁ ଏଭଳି ଅଭିଯୋଗ ଆସିଛି।



ଧକୋଠା ପଞ୍ଚାୟତ ଅମାରଙ୍ଗ ନିକଟରେ ବୈତରଣୀ ନଦୀଘାଟରେ ପ୍ରତିବର୍ଷ ଦାମୋଦର ପର୍ବରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଏହାଛଡ଼ା ଘାଟକୁ ସବୁ ସମୟରେ ସ୍ଥାନୀୟ ଲୋକଙ୍କ ଯାତାୟାତ ରହିଛି। ଏହାକୁ ଦୃଷ୍ଟିରେ ରଖି ନଦୀଘାଟକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଦାବି ହୋଇଆସୁଛି। ଅମାରଙ୍ଗଘାଟଠାରୁ ବାଂଶପାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିବା ନେଇ ଘାଟ ନିକଟରେ ଏକ ସୂଚନାଫଳକ ଲଗାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଇଛି। ଅକ୍ଟୋବର ୨୩ରୁ କାମ ଆରମ୍ଭ ହୋଇ ଡିସେମ୍ବର ୧୦ ତାରିଖ ସୁଦ୍ଧା ଶେଷ ହେବ ବୋଲି ସୂଚନାଫଳକରେ ଉଲ୍ଲେଖ କରାଯାଇଛି। ଜେସିବି ମେସିନରେ ନଦୀକୂଳରୁ ପଟୁମାଟି ଖୋଳାଯାଇ ଟ୍ରାକ୍ଟରରେ ବୋହି ରାସ୍ତାରେ ପକାଯାଇଛି। ଦୁଇତିନି ଦିନ ତଳେ ରାସ୍ତା ନିର୍ମାଣ ହୋଇଥିବା ବେଳେ ଏଥିରେ କେହି ଶ୍ରମିକ ନିଯୁକ୍ତି ହୋଇ ନଥିବା ଅଭିଯୋଗ ହୋଇଛି। ନିମ୍ନମାନର କାମ ଯୋଗୁଁ ଗୋଟିଏ ବର୍ଷା ପରେ ରାସ୍ତା ଆଉ ରହିବନି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହାର ତଦନ୍ତ କରିବାକୁ ଦାବି ହେଉଛି।

# ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ କେନ୍ଦୁଝର ଗସ୍ତ



କେନ୍ଦୁଝର/ଯୋଡ଼ା, ୪।୧(ସମିସ): ରାଜ୍ୟର ବୈଷୟିକ ତଥା ଯାନ୍ତ୍ରିକ ଶିକ୍ଷାକ୍ଷେତ୍ରରେ ବ୍ୟାପକ ସଂସ୍କାର ଏବଂ ଉନ୍ନତି ଆଣିବା ଲକ୍ଷ୍ୟରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ କେନ୍ଦୁଝର ଜିଲ୍ଲା ଗସ୍ତ କରି ସ୍ଥାନୀୟ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି। ପ୍ରଥମେ କେନ୍ଦୁଝର ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀ ଙ୍କ ଦର୍ଶନ କରିବା ସହ ରାଜ୍ୟର କଲ୍ୟାଣ ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ଜିଲ୍ଲାର ଦୁଇଟି ପ୍ରମୁଖ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ପ୍ରଥମେ କେନ୍ଦୁଝରସ୍ଥିତ ସରକାରୀ ପ୍ରକଳ୍ପ ମହାବିଦ୍ୟାଳୟ ଗସ୍ତ କରିଥିଲେ। ଏହାପରେ ମନ୍ତ୍ରୀ ଓଡ଼ିଶା ସ୍କୁଲ ଅଫ୍ ମାଇନିଂ ଇଞ୍ଜିନିୟରିଂ ପରିଦର୍ଶନ କରିଥିଲେ। ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଦ୍ୱିତୀୟ ଦିନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ସେ ମାଟକାମବେଡ଼ା ଶିଳ୍ପାଞ୍ଚଳ ଗସ୍ତ କରି ବିଭିନ୍ନ ଶିଳ୍ପ ୟୁନିଟ୍ ବୁଲି ଦେଖିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗ୍ରାମରେ ପହଞ୍ଚି ସେଠାରେ ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ରାଜ୍ୟ ଏବଂ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକ ଉପରେ ଆଲୋଚନା କରିଥିଲେ। ଗସ୍ତର ଅନ୍ୟ ଏକ ପର୍ଯ୍ୟାୟରେ ମନ୍ତ୍ରୀ ସ୍ଥାନୀୟ ଆଶ୍ରମ ସ୍କୁଲ ପରିଦର୍ଶନ କରିଥିଲେ। ଶିକ୍ଷାର ମାନ ବୃଦ୍ଧି ଏବଂ ସ୍କୁଲର ଭିତ୍ତିଭୂମି ବିକାଶ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ମନ୍ତ୍ରୀ ଶ୍ରୀ ସ୍ୱାଇଁ ବଡ଼ବିଲ ଗସ୍ତରେ ଆସିଥିବା ବେଳେ ଭଦ୍ରାସାହି ଛକ ନିକଟରେ ବିଜେପି ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଚନ୍ଦ୍ରଗୁପ୍ତ ପ୍ରସାଦଙ୍କ ନେତୃତ୍ୱରେ ଶତାଧିକ ସଂଖ୍ୟାରେ ବିଜେପି କର୍ମୀଙ୍କ ସହ ଏକ ମୋଟର ସାଇକଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେ ବଡ଼ବିଲ ପୌରାଞ୍ଚଳ ତଥା ବଡ଼ବିଲ ଥାନା ଅନ୍ତର୍ଗତ ବଡ଼ବିଲ ୱାର୍ଡ଼ ନମ୍ବର୍ ୧୨ ବଡ଼ବିଲ ଆଇଟିଆଇ ଅଭିମୁଖେ ଯାଇ ସେଠାରେ ଛାତ୍ରଛାତ୍ରୀଙ୍କୁ ଭେଟିବା ସହ ସମୀକ୍ଷା କରିଥିଲେ। ପିଏମ୍ ସେତୁ ଓ ହୱାଡ ଯୋଜନା ମାଧ୍ୟମରେ ୨୪୦ କୋଟି ଟଙ୍କାର ନିବେଶ କରାଯାଇ ଏହାର ନବକଳେବର କରାଯିବା ସହ ଏକ ଶ୍ରେଷ୍ଠ ବୈଷୟିକ ତାଲିମ୍ କେନ୍ଦ୍ର କରାଯିବ ବୋଲି କହିଥିଲେ।

# ଉଦଳା ବାଳିକା ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ

ଉଦଳା, ୪।୧(ସମିସ): ଉଦଳା ବାଳିକା ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି। ଉଦଳା ବିଧାୟକ ଭାସ୍କର ମଢେଇ, କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ମୟୂରଭଞ୍ଜ ଏଡିଇଓ ଶଶୀଧର ସିଂ, ଏଡିଇଓ ଗୌତମ ପାତ୍ର, ବିଇଓ ଦୀପକ ମିଶ୍ର, ଉଦଳା ହାଇସ୍କୁଲ ପ୍ରଧାନଶିକ୍ଷକ ନୀତିଶ ଘୋଷ, ଏସଏମସି ସଭାପତି ରବୀନ୍ଦ୍ର ପରିଡ଼ା, ଉଚ୍ଚ ବାଳିକା ବିଦ୍ୟାଳୟ ଆଲୁମିନି ସଭାପତି ଶ୍ରୀମତୀ ଆଦ୍ୟାଶା ଦାସ, ପ୍ରଧାନଶିକ୍ଷୟିତ୍ରୀ ଅନୁଜା ମାଧୁରୀ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ୨୩ରେ ଭଞ୍ଜସେନାର ପ୍ରତିଷ୍ଠା ଦିବସ



ବାରିପଦା, ୪।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ସଂଗ୍ରାମୀ ଯୁବଛାତ୍ର ସଂଗଠନ 'ଭଞ୍ଜସେନା' ଆସନ୍ତା ୨୩ ତାରିଖ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀରେ ପାଳିବାକୁ ଯାଉଛି ତା'ର ୨୮ତମ ପ୍ରତିଷ୍ଠା ଦିବସ। ଏ ନେଇ ରବିବାର ସ୍ଥାନୀୟ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ସଂଗଠନ ପକ୍ଷରୁ ପ୍ରସ୍ତୁତି ବୈଠକ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଓ ଯୁବଛାତ୍ର ସଂଗଠକ ସାମିଲ ହୋଇଥିଲେ। ଉକ୍ତ ଦିବସରେ ସଂଗଠନ ପକ୍ଷରୁ ଜିଲ୍ଲା ତମାମ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ହସ୍ପିଟାଲରେ ଫଳ, ବିସ୍କୁଟ ବଣ୍ଟନ କରାଯିବ। ଉକ୍ତ ଦିନ ସନ୍ଧ୍ୟାରେ ବାରିପଦାରେ ସଂଗଠନ ପକ୍ଷରୁ 'ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟ ସ୍ଥଳୀର ଉନ୍ନତିକରଣ କରି ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଭଳି କୁଟୀର ଶିଳ୍ପ ମାଧ୍ୟମରେ କିପରି ମୟୂରଭଞ୍ଜବାସୀ ସ୍ୱାବଲମ୍ବୀ ହୋଇପାରିବେ, ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ' ବିଷୟବସ୍ତୁ ନେଇ ଜିଲ୍ଲା ଭିତରେ ଓ ସର୍ବଭାରତୀୟ ସ୍ତରରେ ଆକର୍ଷଣୀୟ ପୁରସ୍କାର ରାଶି ସହିତ ହୋଇଥିବା ଦୁଇ ପ୍ରକାରର ରିଲସ୍ ପ୍ରତିଯୋଗିତାର ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ ଦିନ ଅତିଥି ଭାବେ ଜିଲ୍ଲାର ଉଭୟ ଶାସକ

### ଆମକୁ ରୋଜଗାର ଦିଅ ରାଲି ୨୮ରେ

ଓ ବିରୋଧୀ ଦଳ ନେତାଙ୍କ ଦ୍ୱାରା ଉକ୍ତ ପୁରସ୍କାର ବିତରଣ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିସହିତ 'ଆମକୁ ରୋଜଗାର ଦିଅ' ସ୍ଲୋଗାନ ନେଇ ୨୮ତମ ପ୍ରତିଷ୍ଠା ଉପଲକ୍ଷେ ୨୮ ତାରିଖ ବୁଧବାର ଦିନ ବାରିପଦା ମଧୁବନସ୍ଥିତ ମା' ଭୈରବୀ ମନ୍ଦିର ସମ୍ମୁଖରୁ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମାପ୍ତ ହେବ। ଏକ ଦାବିପତ୍ର ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ଉକ୍ତ ଶୋଭାଯାତ୍ରାରେ ଶିମିଳିପାଳରେ ଥିବା ବିଭିନ୍ନ ପଶୁପକ୍ଷୀ, ପାହାଡ଼ ସହିତ ଜିଲ୍ଲାର ବିଭିନ୍ନ ଐତିହ୍ୟ ସ୍ଥଳୀ, ଜିଲ୍ଲାର ପ୍ରମୁଖ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଓ ତା'ର ପ୍ରକୃତ କାରିଗରଙ୍କ ଦ୍ୱାରା କାରିଗରୀକୁ ଟ୍ରକ୍ ଉପରେ ପ୍ରଦର୍ଶିତ କରାଯିବ। ଚଳିତବର୍ଷ ଭୁବନେଶ୍ୱରରେ ମଧ୍ୟ 'ଆମକୁ ରୋଜଗାର ଦିଅ' ରାଲିର ଆୟୋଜନ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ସଂଗଠନ ପକ୍ଷରୁ ଜନସଚେତନତା ପାଇଁ 'ଆନ୍ଦୋଳନ-୨' ନାମକ ଚଳଚ୍ଚିତ୍ର ନିର୍ମାଣ କରାଯିବ ବୋଲି ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜଣାଇଛନ୍ତି। ବୈଠକରେ ଅଧ୍ୟକ୍ଷ ସଂଜୀବ ରାଉତ, ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାଶ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା କର୍ଯ୍ୟକାରୀ ସଭାପତି ରବିନ୍ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ଏସକେ ରାଜାଖାନ୍, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଗୋଡ଼ିପୋଖରୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରିପଦା, ୪।୧(ସମିସ): ଶାମାଖୁଣ୍ଟା ବ୍ଲକର ଗୋଡ଼ିପୋଖରୀ (ଏସ୍ଏସଡି) ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରିୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ମୁଖ୍ୟଅତିଥି ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସଦରର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ସେଠୀ, ବାରିପଦା



ଆଇଟିଡିଏର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃତିଲିପି ସାହୁ ଓ ୪୯ ନଂ ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ୟାମାଖୁଣ୍ଟା ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଲୋନୀ ସେଠୀ, ସିଡିପିଓ ସୁରେଖା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷକ କୁନା ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସରୋଜ ନାୟକ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ
# ପପୁଲାର ଚାମ୍ପିଅନ, ବାରିପଦା କ୍ରୀଡ଼ା ଛାତ୍ରାବାସ ରନର୍ସଅପ୍

କୁଆମରା,୪।୧(ସମିସ): ଗୋପବନ୍ଧୁନଗର ବ୍ଲକ ଆରପଟା ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଚାଲିଥିବା ୫୩ତମ ସରୋଜ



ନାୟକ ମେମୋରିଆଲ ଆନ୍ତଃରାଜ୍ୟ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର, ପପୁଲାର କ୍ଲବ ଢେଙ୍କାନାଳ, ବାରିପଦା ସ୍ପୋର୍ଟ୍ସ ହଷ୍ଟେଲ, ରକ୍ ଷ୍ଟାର ୧୭ କଟକ, ଡାଇମଣ୍ଡ ଏଫ୍‌ସି ଖୋର୍ଦ୍ଧା, ଖଡ଼ଗପୁର ଏଫ୍‌ସି ରେଲୱେ ପଶ୍ଚିମବଙ୍ଗ, ଭବାନୀପୁର ଏଫ୍‌ସି କୋଲକାତା, ସୁପ୍ରିମ ଏଫ୍‌ସି ପାରାଦୀପ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ବାରିପଦା ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ଢେଙ୍କାନାଳ ପପୁଲାର କ୍ଲବ୍ ଚାମ୍ପିଅନ ହୋଇଛି।

ସମ୍ପାଦକ ସଞ୍ଜୀବ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ ଉଦଳା ବିଧାୟକ ଭାସ୍କର ମଢେଇ, ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ପ୍ରକଳ୍ପ ଅଧିକାରୀ ନରେନ୍ଦ୍ର ଖମାରୀ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବଡ଼ସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ସମେତ ପ୍ରସନ୍ନ ପାଟଶାଣୀ, ବିଜୟ ମହାପାତ୍ର, ଶ୍ରୀନାଥ ସରେନ, ରଘୁ ମହାନ୍ତି, ସରୋଜିନୀ ହେମ୍ବ୍ରମ, ଅମର ଶତପଥୀ, ପ୍ରଫୁଲ୍ଲ ସାମଲ, ପ୍ରଭାତ ତ୍ରିପାଠୀ, ଗଣେଶ୍ୱର ପାତ୍ର, ବଡ଼ସାହି ଓ ଗୋପବନ୍ଧୁନଗର ବ୍ଲକ ତହସିଲଦାର କରୁଣାକର ଧିନ୍ଦା, ଓମ୍ ପ୍ରକାଶ ମହାନ୍ତ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଖୁଣ୍ଟା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତିଙ୍କ ସମେତ ୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। କମିଟିର ସଭାପତି ପ୍ରଦୀପ କୁମାର ନାୟକ, ଉପସଭାପତି ଶିରିଶ ଚନ୍ଦ୍ର ପାଣି, ଉପଦେଷ୍ଟା ଗୌରମୋହନ ବେହେରା, ମନୋରଞ୍ଜନ ପରିଡା, ଶରତ ଚନ୍ଦ୍ର ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# କାଠବାଉଁଶୁଳି ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ରାଉରକେଲା ଚାମ୍ପିଅନ

ଝୁମ୍ପୁରା,୪।୧(ସମିସ): ସଦର ବ୍ଲକ ଅନ୍ତର୍ଗତ ହାଣ୍ଡିଭଙ୍ଗା ପଞ୍ଚାୟତ କାଠବାଉଁଶୁଳି ନେତାଜୀ ୟୁଥ୍ ଆସୋସିଏସନ୍ ଆନୁକୂଲ୍ୟରେ ୧୨ ଦିନ ଧରି ଚାଲିଥିବା ୨୫ତମ ରାଜ୍ୟସ୍ତରୀୟ କେପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଡେଞ୍ଜର ଏକାଦଶ ରାଉରକେଲା ଓ ଇରଫାନ୍ ଏକାଦଶ ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ଇରଫାନ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୨୪ ରନ୍ କରିଥିଲା ବେଳେ ଏହା ଜବାବରେ ଡେଞ୍ଜର୍ ଏକାଦଶ ୧୩ ଓଭର୍‌ରେ ୬ ୱିକେଟ୍ ହରାଇ ୧୩୦ ରନ୍ କରି ୪ ୱିକେଟ



ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ପପୁ ଯାଦବ ୩ ଓଭର୍‌ରେ ୨୨ ରନ୍ ଦେଇ ୪ ୱିକେଟ ଅକ୍ତିଆର କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁଶାନ୍ତ ପଣ୍ଡା ଦିବ୍ୟରଞ୍ଜନ ରାଣା ମ୍ୟାଚ ପରିଚାଳନା କରିଥିଲେ। ଓଲିଉଡ ଚଳଚ୍ଚିତ୍ର ଅଭିନେତ୍ରୀ ଏଲିନା ସାମନ୍ତରାୟ ଓ ଶିବାନୀ ସଂଗୀତା ମନୋରଞ୍ଜନର ମୁଖ୍ୟ ଆକର୍ଷଣ ଥିଲେ। ଉଦଯାପନୀ ସମାରୋହରେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, କେନ୍ଦୁଝର ପୌରାଧ୍ୟକ୍ଷା ନିକୁ ସାହୁ, ଜିଲ୍ଲା ବିଜେପି ଉପସଭାପତି ବିବେକାନନ୍ଦ ମହାନ୍ତ, ପୂର୍ବତନ ଜିଲ୍ଲା ବିଜେପି ଉପସଭାପତି ଗଣେଶ୍ୱର ମହାନ୍ତ, ଓଡ଼ିଶା ସୁନାମଧନ୍ୟ କ୍ରିକେଟ୍ ଖେଳାଳି ସୂର୍ଯ୍ୟକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଆସୋସିଏସନ୍ ସଭାପତି ଜଗନ୍ନାଥ୍ ମୋଦି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂପାଦକ ବିଶ୍ୱମିତ୍ର ମହାନ୍ତ, ଉପସଭାପତି ପ୍ରସନ୍ନା ସର୍ଦ୍ଦାର, ଡାଇରେକ୍ଟର କରୁଣ ମାଟିଆ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନେତାଜୀ ବିକାଶ କମିଟି ପକ୍ଷରୁ ଅତ୍ୟାଧୁନିକ ସାଉଣ୍ଡ, ଲାଇଟ୍, ମେଲୋଡି, ଚିୟର ଗାର୍ଲ୍ ଭଳି ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା।

# ପରିକ୍ରମାର ସ୍ୱନକ୍ଷତ୍ର ଉତ୍ସବ




ରାଇରଙ୍ଗପୁର,୪।୧(ସମିସ): ସ୍ଥାନୀୟ ପିସିଏମ୍ କଲ୍ୟାଣ ମଣ୍ଡପରେ ପରିକ୍ରମାର ପଞ୍ଚଦଶ ସ୍ୱନକ୍ଷତ୍ର ଉତ୍ସବ ଓ ବର୍ଷାନ୍ତ ଆଲୋଚନାଚକ୍ର ଚିନ୍ତନ-୨୦୨୫, ସମ୍ଭାବନା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଇସାନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ କାର୍ଯ୍ୟନିର୍ବାହୀ ମନୋଜ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ରଞ୍ଜନ ନନ୍ଦ ପରିଚାଳନା କରିଥିବାବେଳେ ସମ୍ପାଦକ ସୁବାସ ମଣ୍ଡଳ, ଉପଦେଷ୍ଟା ହରିହର ଗିରି, ମହେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରଶାନ୍ତ ପରୀକ୍ଷା ଯୋଗ ଦେଇଥିଲେ। ମମତା ପାତ୍ର ଓ ରଞ୍ଜନ ନନ୍ଦଙ୍କ ସଂଯୋଜନାରେ ପ୍ରଥମ ଅଧିବେସନ କବିତା ଆସର ଶବ୍ଦରେ ଶିଶିରରୁ ଆରମ୍ଭ ହୋଇଥିଲା। ପରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ନଗରପାଳ ଅଭିଷେକ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଶିକ୍ଷାବିତ୍ ହିମାଂଶୁ ପଟ୍ଟନାୟକ, ସାମ୍ବାଦିକ ତୁଷାର ପଟ୍ଟନାୟକ, କବି ଚନ୍ଦ୍ରବିଜୟୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏ ଅବସରରେ ସଂଗୀତ ସାଧକ ସୁବାସ ପାତ୍ରଙ୍କୁ ଜୀବନବ୍ୟାପୀ ସାଧନା ସଂସ୍କୃତି ରଥି ସମ୍ମାନ ପ୍ରଦାନ କରାଯାଇଥିଲା। ଚାଟାର୍ଡ ଆକାଉଣ୍ଟାଣ୍ଟ ବାବୁଲାଲ ଅଗ୍ରୱାଲା, ସମାଜସେବୀ ପ୍ରଦୀପ ବେହେରା, ଝୁମର ବାଦ୍ୟଶିଳ୍ପୀ ଘନଶ୍ୟାମ ମହାନ୍ତ, ଶ୍ରମିକ ନେତା ଅନଶନ ମହାନ୍ତ, ଗୀତିକାର, ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ପରୀକ୍ଷା, ଛଉନୃତ୍ୟ ଗୁରୁ ବିଭୂତି ଭୂଷଣ ମହାନ୍ତ, ସାମ୍ବାଦିକ ଓ ସମାଜସେବୀ ବସନ୍ତ ପେଗଡ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁଙ୍କୁ ମର୍ଯ୍ୟାଦାଜନକ ଶିମିଳିପାଳ ଗୌରବ ସମ୍ମାନ ଓ ଓଡ଼ିଶୀ ନୃତ୍ୟାଙ୍ଗନା ଜଲି ପଣ୍ଡା, ସାମାଜିକ ଶାଖା, ଗଣମାଧ୍ୟମ ବାର୍ତ୍ତାବହ ମନୋଜ ମହାନ୍ତ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ନନ୍ଦାବସା ଗ୍ରାମ ବନ ସୁରକ୍ଷା ସମିତି, ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ଓ ଜାମଦାର ୧୦୫ ବର୍ଷର ସଂକୀର୍ତ୍ତନ ଅନୁଷ୍ଠାନକୁ ପରିକ୍ରମା ଉତ୍କର୍ଷ ସମ୍ମାନ, ବ୍ୟାଡମିଣ୍ଟନ ଖେଳାଳି ମନୀଷ ପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରୂପାନ୍ତର ଅନୁଷ୍ଠାନର ବାର୍ଷିକ ସମ୍ମିଳନୀ

ବାରିପଦା, ୪।୧(ସମିସ): ସ୍ଥାନୀୟ ମ୍ୟୁନିସିପାଲିଟି ଅତିଥି ଭବନରେ ବାରିପଦାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମଞ୍ଚ ନାଟକର ଉତ୍‌ଥାନ କ୍ଷେତ୍ରରେ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ହିଡେନ ଟ୍ରେଜର କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଭିତରେ ଥିବା



କଳାର ବିକାଶ କ୍ଷେତ୍ରରେ ମଧ୍ୟ ନେଇଥିବା ପଦକ୍ଷେପ ପ୍ରଶଂସନୀୟ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ନିର୍ଦ୍ଦେଶକ ପରେଶ ସାହୁ ରୂପାନ୍ତରର ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ । ଏ ଅବସରରେ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଥିବା ନଗରପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଅଭିନେତା ଓ ଅଭିନେତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସୋମନାଥ ସିଂହଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କଳାପ୍ରେମୀ ତଥା ବରିଷ୍ଠ ମଞ୍ଚ ଅଭିନେତା ଅଶୋକ ପଲେଇ ଓ ମନୋଜ ପଣ୍ଡାଙ୍କୁ ନୂତନ ସଭ୍ୟ ଭାବେ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁ ଅନୁଷ୍ଠାନର ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଥିଏଟର ଏକାଡେମୀର ସମ୍ପାଦକ ସତ୍ୟନାରାୟଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ଧୈର୍ଯ୍ୟର ସହ କାମ କରନ୍ତୁ । ଅଚାନକ ଖୁସି ଖବର ପାଇବେ । ମାନସମ୍ମାନ ବୃଦ୍ଧି ପାଇବ ।

**ବୃଷ:** ଅଟକି ଥିବା କାମ ପୂରା ହେବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବିଦେଶ ଯାତ୍ରା କରିପାରନ୍ତି । ବ୍ୟୟ ଅଧିକ ହେବ । ଆଜିଟି କର୍ମଚାରୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ ।

**ମିଥୁନ:** ସୁସମ୍ବାଦ ମିଳିପାରେ । ଧନପ୍ରାପ୍ତି ଯୋଗ ରହିଛି । ପ୍ରତ୍ୟେକ କ୍ଷେତ୍ରରେ ମାନସମ୍ମାନ ଓ ପ୍ରଶଂସିତ ହେବେ । ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ । ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ । ଅତିଥି ସତ୍କାର କରିପାରନ୍ତି । ଗୁରୁଜନଙ୍କ ପରାମର୍ଶ ମାନି ଚଳିବା ଭଲ ।

**ସିଂହ:** କାମଚାପ ଅଧିକ ରହିବ । ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ତରବରିଆ ଭାବରେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ । କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ପ୍ରେମ ବ୍ୟାପାରରେ ସଫଳ ହେବେ ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ । କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର । ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ । ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ । ଘର କାମରେ ବ୍ୟସ୍ତ ରହିପାରନ୍ତି ।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ । ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ । ଶତ୍ରୁଠାରୁ ଦୂରେଇ ରହିବା ଭଲ ।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ । ମନକୁ ଆୟତ୍ତରେ ରଖିବା ଭଲ । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ । ହାତେ ମାପି ଚାଖଣ୍ଡେ ଚାଲିବା ଭଲ ।

**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ । ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

## ଆଜିର ଇତିହାସ

- ୧୭୩୨- ମସ୍କୋ ସହରରେ ପ୍ରଥମ ଥର ଷ୍ଟ୍ରିଟ୍ ଲାଇଟ୍ ଜଳିଲା ।
- ୧୮୫୦-କାଲିଫର୍ଣ୍ଣିଆରେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ ହେଲା ।
- ୧୯୬୧- ଆମେରିକା କ୍ୟୁବାଠାରୁ ରାଜନୈତିକ ସମ୍ପର୍କ ଛିନ୍ନ କଲା ।
- ୧୯୭୨- ବାଂଲାଦେଶର ନେତା ଶେଖ ମୁଜିବୁର ରେହମାନ୍‌ଙ୍କୁ ନଜରବନ୍ଦୀରୁ ମୁକ୍ତ କରି ଦିଆଗଲା ।
- ୨୦୧୪- ଭାରତୀୟ ସଂସ୍ଥାର ଉପଗ୍ରହ ଜି-ସ୍ୟାଟ୍ ୧୪ ସଫଳତା ପୂର୍ବକ ତା'ର କକ୍ଷରେ ସ୍ଥାପିତ ହେଲା ।

## ଫ୍ୟାଟ୍ ଜେଲ୍

ଚୀନରେ ଏବେ ଏକ ନୂଆ ଟ୍ରେଣ୍ଡ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏଠାରେ ଫ୍ୟାଟ୍ ପ୍ରିଜନ ବା ଫ୍ୟାଟ୍ ଜେଲ୍ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଏହା ଏମିତି ଏକ ଜେଲ, ଯେଉଁଠାରେ ମୋଟା ଲୋକ ଓଜନ କମ୍ କରିବା ପାଇଁ କଡ଼ା ନିୟମ ପାଳନ କରି ଜେଲ୍ ଭଳି ଜୀବନ ଅତିବାହିତ କରନ୍ତି । ତେବେ ଏହି ଜେଲ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ମୋଟା ଲୋକଙ୍କୁ ପତଳା କରାଇବା । ଏଠାରେ ଲୋକେ ପ୍ରତିଦିନ ୧୨ ଘଣ୍ଟା ବ୍ୟାୟାମ କରନ୍ତି । ସେହିପରି ଏହି ଜେଲ୍‌ରେ ରହିବା ପାଇଁ ଲୋକଙ୍କୁ ବହୁ ଟଙ୍କା ମଧ୍ୟ ଦେବାକୁ ପଡୁଛି । ଏଠାରେ ସେମାନଙ୍କୁ ଛୋଟ ବେଡ୍ ସହ ଦିନକୁ ତିନିଥର ଖାଇବାକୁ ଦିଆଯାଏ । ସାମାଜିକ ଗଣମାଧ୍ୟମରେ ଅନେକ ଇନ୍‌ଫ୍ଲୁଏନ୍ସର ଦାବି କରିଛନ୍ତି ଯେ, ଏହି କ୍ୟାମ୍ପରେ ରହି ସେମାନେ ପ୍ରତି ସପ୍ତାହରେ ୧୦ କିଲୋ ଓଜନ ହ୍ରାସ କରିଛନ୍ତି । ତେବେ ଏହା କଠୋର ହେଲେ ବି ଏହାକୁ ଫିଟ୍‌ନେସ୍‌ର ପ୍ରଭାବୀ ଉପାୟ ବୋଲି କେତେ ଜଣ କହିଛନ୍ତି । ସେହିପରି ଆଉ କିଛି ଜଣ ଏହାକୁ ମାନସିକ ଏବଂ ଶାରୀରିକ ଉତ୍ପୀଡ଼ନ ବୋଲି ବି କହୁଛନ୍ତି । ଏହି କ୍ୟାମ୍ପରେ ରହୁଥିବା ଲୋକଙ୍କ ଦିନଚର୍ଯ୍ୟା ସକାଳ ସାଢ଼େ ସାତଟାରୁ ଆରମ୍ଭ ହୁଏ । କ୍ୟାମ୍ପରେ ଥିବା ସମସ୍ତ ସଦସ୍ୟଙ୍କର ଏକାକାଳୀନ ଓଜନ ମପାଯାଏ । ଏହାପରେ ଏରୋବିକ୍ସ, ଓେଟ୍ ଟ୍ରେନିଂ, ହାଇ ଇଣ୍ଟେସିଟି ୱର୍କଆଉଟ୍ ଏବଂ ସ୍ପିନ୍ କ୍ଲାସ୍ କରାଯାଏ । ସନ୍ଧ୍ୟାରେ ପୁଣି ସେମାନଙ୍କର ଓଜନ ମପାଯାଏ । ଏହି ଜେଲ୍‌ର ଚାରିପାର୍ଶ୍ୱକୁ ଉଚ୍ଚ ବାଡ଼ ଏବଂ ତାଲାରେ ବନ୍ଦ କରାଯାଇଛି । ଏହା ପ୍ରତିସମୟରେ ମଧ୍ୟ ବନ୍ଦ ରହିଥାଏ । ତେବେ ଏହି ଜେଲ୍‌ରୁ ବାହାରକୁ ବାହାରିବା ଲାଗି ଲୋକଙ୍କୁ ଉଚିତ କାରଣ କହିବାକୁ ପଡ଼ିଥାଏ । କ୍ୟାମ୍ପର ଅଧିକାରୀମାନେ ଏଠାରେ ରହୁଥିବା ଲୋକଙ୍କ ଜିନିଷ ଯାଞ୍ଚ କରନ୍ତି । କେହି ଯଦି ଚିପ୍ସ, ମିଠା ଏବଂ ଓଜନ ବୃଦ୍ଧି କରୁଥିବା କିଛି ଖାଦ୍ୟ ଆଣନ୍ତି, ତାହାକୁ ରଖି ଦିଆଯାଏ । ବିଶେଷଜ୍ଞମାନଙ୍କ ମତରେ, ଚୀନ୍‌ରେ ଦ୍ରୁତ ଗତିରେ ବଢ଼ୁଥିବା ମୋଟାପା, ପରିବର୍ତ୍ତିତ ଜୀବନଶୈଳୀ ଏବଂ 'ପତଳା ଦେଖାଯିବା'ର ସାମାଜିକ ଚାପ ଏଭଳି ବ୍ୟବସାୟକୁ ପ୍ରୋତ୍ସାହିତ କରୁଛି । ଏଥିଯୋଗୁଁ ଓଜନ ହ୍ରାସ କରୁଥିବା ଉଦ୍ୟୋଗଗୁଡ଼ିକ କୋଟି କୋଟି ଟଙ୍କା ଆୟ କରୁଛନ୍ତି । କିଛି ଲୋକ ଏହି 'ଫ୍ୟାଟ୍ ଜେଲ'କୁ ଜୀବନ ପରିବର୍ତ୍ତନକାରୀ ଅଭିଜ୍ଞତା ବୋଲି କହୁଥିବା ବେଳେ ଅନେକ ଏହାକୁ ସ୍ୱାସ୍ଥ୍ୟ ପାଇଁ ବିପଦ ବୋଲି ବିବେଚନା କରୁଛନ୍ତି । ତେବେ ଫିଟନେସ୍ ନାଁରେ ଏପରି କଠୋରତା କେତେ ଦୂର ଯଥାର୍ଥ ବୋଲି କି ଅନେକେ କହିଛନ୍ତି । ସେହିପରି ଆଉ କେତେ ଜଣ ଏହା ଏକ ନୂତନ ପ୍ରକାରର ଶୋଷଣ ବୋଲି କହୁଛନ୍ତି ।





## ଜାତୀୟ ପକ୍ଷୀ ଦିବସ

ପ୍ରତିବର୍ଷ ଜାନୁଆରି ୫ ତାରିଖକୁ 'ଜାତୀୟ ପକ୍ଷୀ ଦିବସ' ଭାବେ ପାଳନ କରାଯାଏ । ଭାରତୀୟ ସଂସ୍କୃତି ଓ ଜନଜୀବନରେ ପକ୍ଷୀର ସ୍ଥାନ ସ୍ୱତନ୍ତ୍ର । ବେଦ, ପୁରାଣଠାରୁ ଆରମ୍ଭ କରି ଆଧୁନିକ ସାହିତ୍ୟରେ ସବୁଠି ପକ୍ଷୀ ସମ୍ପର୍କରେ ବର୍ଣ୍ଣନା ରହିଛି । ସାରା ବିଶ୍ୱରେ ପକ୍ଷୀମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି । ପକ୍ଷୀଙ୍କ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାତୀୟ ପକ୍ଷୀ ଦିବସ ପାଳନ କରାଯାଏ । ପକ୍ଷୀଙ୍କ ଉପସ୍ଥିତି ସ୍ଥାନୀୟ ପରିବେଶର ସୁସ୍ଥତାକୁ ସୂଚିତ କରିଥାଏ, ତେଣୁ ସେମାନଙ୍କୁ ପରିବେଶର ବାରୋମିଟର ବା ମାପକାଠି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଦିବସ ପକ୍ଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ବିପଦ, ବେଆଇନ କାରବାର, ରୋଗ ଏବଂ ଜଳବାୟୁ ପରିବର୍ତ୍ତନର ବିପରୀତ ପ୍ରଭାବ ବିଷୟରେ ସଚେତନତା ଜାଗ୍ରତ କରେ । ପକ୍ଷୀମାନେ ପ୍ରାକୃତିକ ସନ୍ତୁଳନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ସେମାନେ ବିଭିନ୍ନ ପ୍ରକାରର ଗଛର ଫଳ ଖାଇ ତା'ର ମଞ୍ଜି ପକାଇ ଦିଅନ୍ତି ଯାହା ନୂତନ ବୃକ୍ଷ ସୃଷ୍ଟିରେ ସହାୟକ ହୋଇଥାଏ । ସେମାନେ ଶସ୍ୟହାନି କରୁଥିବା କୀଟମାନଙ୍କୁ ଖାଇଥାନ୍ତି । ଏହି ଦୃଷ୍ଟିକୋଣରୁ ପକ୍ଷୀମାନେ ଆମ ସମାଜର ଅମୂଲ୍ୟ ଅଂଶ । ଏହି ପକ୍ଷୀମାନଙ୍କ ମଧ୍ୟରୁ କିଛି ଶାକାହାରୀ ତ କିଛି ମାଂସାହାରୀ ହୋଇଥାନ୍ତି । ଶାକାହାରୀ ପକ୍ଷୀମାନେ ଫୁଲ, ଫଳ ଆଦି ଖାଇଥାନ୍ତି । ସେହିଭଳି ଶାଗୁଣା, ଚିଲ ଆଦି ମାଂସାଶୀ ପକ୍ଷୀମାନେ ମୃତ ପଶୁମାନଙ୍କ ମାଂସ ଖାଇଥାନ୍ତି । ଯାହାଦ୍ୱାରା ପରିବେଶ ସୁରକ୍ଷିତ ରହେ । ଇତିହାସ ପୃଷ୍ଠାରେ ପକ୍ଷୀମାନେ ଖବର ପହଞ୍ଚାଇବାର ସାହାଯ୍ୟ କରିବାର ଦୃଷ୍ଟାନ୍ତ ମଧ୍ୟ ରହିଅଛି । ପାରା, କପୋତ ପରି ପକ୍ଷୀମାନେ ଏପରି କାର୍ଯ୍ୟ କରିବା କଥା ନଜିର ରହିଛି । ବିଶ୍ୱରେ ଏପରି କୌଣସି ସ୍ଥାନ ନାହିଁ, ଯେଉଁଠି ପକ୍ଷୀ ଦେଖିବାକୁ ମିଳନ୍ତି ନାହିଁ । କେତେକ ପକ୍ଷୀଙ୍କ ଆଗମନରେ ଆମେ ପାଣିପାଗର ପରିବର୍ତ୍ତନ ବିଷୟରେ ସୂଚନା ପାଇଥାଉ । ପ୍ରାକୃତିକ ବାସସ୍ଥାନ କ୍ଷୟ, ଅବାଧ ପକ୍ଷୀ ଶିକାର ଯୋଗୁଁ ପକ୍ଷୀ ସଂଖ୍ୟା ହ୍ରାସ ପାଉଥିବାବେଳେ ଏବେ ଜଳବାୟୁ ପରିବର୍ତ୍ତନ ଏଥିପ୍ରତି ପ୍ରତ୍ୟକ୍ଷ ବିପଦ ଭାବେ ଉଭା ହୋଇଛି । ପକ୍ଷୀ ଜଗତର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ।



## 'କଲ୍କି ୨୮୯୮ ଏଡି ୨'ର ସୁଟିଂ ଆରମ୍ଭ କରିବେ ପ୍ରଭାସ

ସୁପରଷ୍ଟାର୍ ପ୍ରଭାସଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଥାନ୍ତି । ଆକ୍ସନ୍ ଫିଲ୍ମ ଦ୍ୱାରା ଦର୍ଶକଙ୍କ ହୃଦୟ ଜିତିଥିବା ପ୍ରଭାସ ତାଙ୍କର ଆଗାମୀ ଫିଲ୍ମ ' ଦ ରାଜା ସାବ୍'ରେ ପୂରାପୂରି ଅଲଗା ଭୂମିକାରେ ଦେଖାଯିବେ । ଏହା ଆସନ୍ତା ଜାନୁଆରୀ ୯ ରେ ରିଲିଜ୍ ହେବ । ଇତିମଧ୍ୟରେ ତାଙ୍କ ଫିଲ୍ମ 'କଲ୍‌କି ୨୮ ୯୮ ଏଡି ୨'କୁ ନେଇ ଖବର ଆସିଛି । ଏହାର ସୁଟିଂ ଆସନ୍ତା ଫେବୃଆରୀରେ ଆରମ୍ଭ ହୋଇପାରେ ବୋଲି ଜଣାପଡ଼ିଛି । ଏବେ ପ୍ରଭାସ, ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ 'ସ୍ପିରିଟ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହାପରେ ସେ 'କଲ୍‌କି ୨'ର ସୁଟିଂ ଆରମ୍ଭ କରିବେ । ଦୀପିକା ପାଦୁ୍ୟକୋନ୍ 'କଲ୍‌କି ୨'ରୁ ବାଦ୍ ପଡ଼ିବା ପରେ ଏଥିରେ ଆଲିଆ ଭଟ୍ଟ କିମ୍ବା ପ୍ରିୟଙ୍କା ଚୋପ୍ରା ପ୍ରଭାସଙ୍କ ବିପକ୍ଷରେ ନଜର ଆସିପାରନ୍ତି ବୋଲି କୁହାଯାଉଛି । ଅନ୍ୟପକ୍ଷରେ 'କଲ୍‌କି ୨୮ ୯୮ ଏଡି ୨'ରେ ପ୍ରଭାସ ଡବଲ୍ ରୋଲରେ ଦେଖାଯିବେ । ନାଗ୍ ଅଶ୍ୱିନ୍ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଫିଲ୍ମର ବଜେଟ୍ ରହିଛି ୭୦୦ କୋଟି । ଏହା ୨୦୨୮ ରେ ରିଲିଜ୍ ହୋଇପାରେ ବୋଲି ଆଶା କରାଯାଉଛି ।

## କେଉଁ ଜିନିଷ ଦେଖିବା ଶୁଭ



ହିନ୍ଦୁ ଧର୍ମରେ ଗରୁଡ଼ ପୁରାଣର ବିଶେଷ ମହତ୍ତ୍ୱ ଅଛି । ଏହି ପୁରାଣରେ କିଛି ଜିନିଷକୁ ଦେଖିବା ଶୁଭ ବୋଲି କୁହାଯାଇଛି । କେଉଁ ଜିନିଷ ଦର୍ଶନ ଦ୍ୱାରା ଶୁଭ ଫଳ ମିଳେ, ସେ ସମ୍ପର୍କରେ ଜାଣିବା ।

**ଗୋମୂତ୍ର:** ଶାସ୍ତ୍ରରେ ଗୋମୂତ୍ରକୁ ଔଷଧୀୟ ଗୁଣର ଭଣ୍ଡାର ବୋଲି କୁହାଯାଇଛି । ଧାର୍ମିକ ମାନ୍ୟତା ଅଛି, ଗୋମୂତ୍ରରେ ମା' ଗଙ୍ଗା ବାସ କରନ୍ତି । ଗରୁଡ଼ ପୁରାଣ ଅନୁସାରେ, ଏହାର ସେବନ ନ କରିପାରିଲେ, ପବିତ୍ର ଭାବରେ ଏହାର ଦର୍ଶନ କରିବା ମନ ଓ ଆତ୍ମାକୁ ଶୁଦ୍ଧ କରିଥାଏ ।

**ଗୋବର:** ସନାତନ ଧର୍ମରେ ଗାଈ ଗୋବରକୁ ପବିତ୍ର ବୋଲି କୁହାଯାଇଛି । ଏହାକୁ ମାଙ୍ଗଳିକ କାର୍ଯ୍ୟରେ ବି ବ୍ୟବହାର କରାଯାଏ । କୌଣସି ପୂଜା ପୂର୍ବରୁ ଗୋବରରେ ଭୂମିକୁ ଲିପିବା ଶୁଭର ପ୍ରତୀକ ଭାବେ ବିବେଚନା କରାଯାଏ । ଗୋବର ଦର୍ଶନ ଦ୍ୱାରା ନକାରାତ୍ମକ ଶକ୍ତିରୁ ମୁକ୍ତି ମିଳିଥାଏ ଏବଂ ପୁଣ୍ୟ ପ୍ରାପ୍ତି ହୁଏ ।

**ଗୋଦୁଗ୍ଧ:** ଆୟୁର୍ବେଦରେ ଗୋଦୁଗ୍ଧକୁ ଅମୃତ ସମାନ କୁହାଯାଇଛି । ଶାସ୍ତ୍ର ଅନୁସାରେ, ପାତ୍ରରେ ରଖାଯାଇଥିବା ଶୁଦ୍ଧ ଗୋଦୁଗ୍ଧ ଦର୍ଶନ ଦ୍ୱାରା ସୌଭାଗ୍ୟ ଜାଗ୍ରତ ହୁଏ ।

**ଗୋଧୂଳି:** ଗୋଧୂଳିକୁ ଅତ୍ୟନ୍ତ ପବିତ୍ର ବୋଲି କୁହାଯାଇଛି । ମାନ୍ୟତା ଅଛି, ଗୋଧୂଳି ଦର୍ଶନ ଦ୍ୱାରା ଅଜାଣତରେ ହୋଇଥିବା ପାପ ନାଶ ହୋଇଥାଏ ।

**ଗୋଶାଳା:** ଗାଈ ରହିବା ସ୍ଥାନ ବା ଗୋଶାଳା ଅତ୍ୟନ୍ତ ପୂଜନୀୟ ସ୍ଥାନ । ଗୋଶାଳାର ସେବା କରିବା ଏକ ମହାନ କାର୍ଯ୍ୟ । ସେବା ନ କରିପାରିଲେ ଶ୍ରଦ୍ଧାପୂର୍ବକ ଏହାର ଦର୍ଶନ କରିବା ଶୁଭ । ଏହା ମାନସିକ ଶାନ୍ତି ପ୍ରଦାନ କରେ ।

**ଗୋଖୁର:** କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କିମ୍ବା ଯାତ୍ରାକୁ ଯିବା ପୂର୍ବରୁ ଗାଈ ଖୁରା (ଗାଈ ଚରଣ) ଦର୍ଶନ କଲେ କିମ୍ବା ଏହାର ଧୂଳି ମଥାରେ ଲଗାଇଲେ ସଫଳତା ମିଳିଥାଏ ବୋଲି ବିଶ୍ୱାସ ରହିଛି ।

## ସ୍ମୃତି

## ନଖ ଆକାରରୁ ଜଣାପଡ଼େ ବ୍ୟକ୍ତିତ୍ୱ

**ହସ୍ତରେଖା ଶାସ୍ତ୍ର ଅନୁସାରେ, ହାତ ରେଖା ବ୍ୟତୀତ ନଖର ଆକାରରୁ ବି ବ୍ୟକ୍ତିତ୍ୱ ତଥା ଭବିଷ୍ୟତ ବାବଦରେ ଜାଣି ହୁଏ । ସମୁଦ୍ର ଶାସ୍ତ୍ର ଅନୁସାରେ, ନଖର ଆକାର ଏବଂ ଏହାର ଚମକ ଅନେକ କିଛି ଜଣାଏ ।**



**ଚଉଡ଼ା ନଖ:** ଯେଉଁ ବ୍ୟକ୍ତିଙ୍କ ନଖ ସ୍ୱାଭାବିକ ଭାବେ ଚଉଡ଼ା, ସେମାନଙ୍କୁ ସକ୍ଷମ ବୋଲି ବିବେଚନା କରାଯାଏ । ଏଭଳି ଲୋକ ଗଭୀରରେ ସବୁ କିଛି ଚିନ୍ତା କରିଥାନ୍ତି । ଠିକ୍ ସମୟରେ ସଠିକ ନିର୍ଣ୍ଣୟ ନେବାର କ୍ଷମତା ଥାଏ । ବୁଝିବିଚାରି ପ୍ରତ୍ୟେକ କାର୍ଯ୍ୟ କରି ସଫଳ ହୋଇଥାନ୍ତି ।

**ଗୋଲାକାର ନଖ:** ଗୋଲାକାର ନଖ ଥିବା ବ୍ୟକ୍ତିବିଶେଷ ଦୃଢ଼, ସଂକଳ୍ପବାନ, ଶକ୍ତିବାନ ହୋଇଥାନ୍ତି । ଏଭଳି ବ୍ୟକ୍ତିଙ୍କର ତୁରନ୍ତ ନିର୍ଣ୍ଣୟ ନେବାର କ୍ଷମତା ବେଶି । ସେମାନେ ସ୍ପଷ୍ଟବାଦୀ ଓ ପ୍ରଭାବଶାଳୀ ହୋଇଥାନ୍ତି ।

**ଲମ୍ବା ନଖ:** ଲମ୍ବା ନଖ ରଖିଥିବା ବ୍ୟକ୍ତି ସ୍ୱଭାବରେ କଳ୍ପନାଶୀଳ, ରୋମାଣ୍ଟିକ ହୋଇଥାନ୍ତି । ଅନ୍ୟ ଉପରେ ଶୀଘ୍ର ଭରସା କରନ୍ତି । ଶାନ୍ତି ଓ ସଦ୍‌ଭାବରେ ରହିବାକୁ ପସନ୍ଦ କରନ୍ତି ।

**ନଖରେ ଗୋଲାପି ଚମକ:** ନଖରେ ପ୍ରାକୃତିକ ଭାବେ ଗୋଲାପି ଚମକ ଥିବା ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି । ହସ୍ତରେଖା ଶାସ୍ତ୍ର ଅନୁସାରେ, ଏଭଳି ଲୋକ ଚିନ୍ତାଧାରା ସବୁବେଳେ ସକାରାତ୍ମକ ହୋଇଥାଏ । ଜୀବନରେ ସଦା ଉନ୍ନତି କରନ୍ତି । ସମାଜରେ ମାନସମ୍ମାନ ଏବଂ ପ୍ରତିଷ୍ଠା ପ୍ରାପ୍ତ ହୁଏ ।

## ଶ୍ରୀହରି ସ୍ତୋତ୍ରର ମହତ୍ତ୍ୱ



**ଶ୍ରୀହରି ସ୍ତୋତ୍ର ଖୁବ୍ ପ୍ରଭାବଶାଳୀ । ଏହାକୁ ପାଠ କରିବା ଦ୍ୱାରା ସମସ୍ତ ଦୁଃଖର ନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏହି ସ୍ତୋତ୍ର ପାଠ କରିବା ଦ୍ୱାରା ଶ୍ରୀବିଷ୍ଣୁଙ୍କ ବିଶେଷ କୃପା ପ୍ରାପ୍ତି ହୁଏ । ତେବେ ଏହି ସ୍ତୋତ୍ର ପାଠ ପ୍ରତ୍ୟେକ ଗୁରୁବାର କରିବା ଉଚିତ ।**

- ଶ୍ରୀହରି ସ୍ତୋତ୍ର ପାଠ କରିବା ଦ୍ୱାରା ରୋଗ ମୁକ୍ତ ରହିବେ ।
- ମାନସିକ ଅଶାନ୍ତି ଓ ଚିନ୍ତା ଦୂର ହୁଏ ।
- ଜୀବନଠୁ ଆରମ୍ଭ କରି ସକାରାତ୍ମକ ଚିନ୍ତାଧାରା ଆସେ ।
- ଜୀବନରେ କୌଣସି ବାଧା ରହେ ନାହିଁ ।
- ସମସ୍ତ ଗ୍ରହର ଶୁଭ ପ୍ରଭାବ ମିଳେ ।
- ଘରେ ସୁଖ ଶାନ୍ତି ବଜାୟ ରହେ ।

## ଭବିଷ୍ୟତ ଉପରେ ନାମକରଣର ପ୍ରଭାବ

**ଭାରତୀୟ ସଂସ୍କୃତିରେ ପିଲାଙ୍କ ନାମକରଣ କେବଳ ଏକ ଔପଚାରିକ ପ୍ରକ୍ରିୟା ନୁହେଁ, ବରଂ ଏହା ହେଉଛି ଏକ ପବିତ୍ର ସଂସ୍କାର । ଜ୍ୟୋତିଷ ଶାସ୍ତ୍ରରେ ଏହାକୁ ନାମକରଣ ସଂସ୍କାର ବୋଲି କୁହାଯାଏ । ତେଣୁ ନାଁର ପ୍ରଭାବ ସ୍ୱଭାବ, ବ୍ୟକ୍ତିତ୍ୱ ଏବଂ ଭବିଷ୍ୟତ ଉପରେ ଗଭୀର ପ୍ରଭାବ ପକାଏ ।**

ସାଧାରଣତଃ ଲୋକେ ପିଲାଙ୍କ ନାମ 'ରାମ', 'ଲକ୍ଷ୍ମଣ', 'ସୀତା' ଭଳି ଅନ୍ୟ ପବିତ୍ର ନାମରେ ରଖିବାକୁ ପସନ୍ଦ କରନ୍ତି । ହେଲେ 'କଂସ', 'ରାବଣ' ଭଳି ନାଁ ରଖିବାରୁ ଦୂରେଇ ରହନ୍ତି । ତେବେ ଏଭଳି ନାଁ ନ ରଖିବା ପଛରେ ବି ଧାର୍ମିକ ଏବଂ ଆଧ୍ୟାତ୍ମିକ କାରଣ ଅଛି । ବିଶ୍ୱାସ କରାଯାଏ, ନାଁର ଧ୍ୱନି ଓ ଏହାର ଅର୍ଥ ଜୀବନରେ ଶକ୍ତି ସଞ୍ଚାର କରେ । ସେହିପରି ପିଲାଙ୍କ ନାମକରଣ କରିବା ସମୟରେ ଏହାର ସିଧା ପ୍ରଭାବ ସେମାନଙ୍କ ଭାଗ୍ୟ ଏବଂ ଭବିଷ୍ୟତ ଉପରେ ପଡ଼ିଥାଏ । ପ୍ରତ୍ୟେକ ନାଁ ଭିତରେ ଏକ ବିଶେଷ ଅର୍ଥ ଓ ଶକ୍ତି ନିହିତ ଥାଏ । ଯଦି ନାମର ଅର୍ଥ ସକାରାତ୍ମକ ହୋଇଥାଏ, ତେବେ ଏହା ଶୁଭ ପ୍ରଭାବ ପକାଏ ।



ସେହିପରି ନକାରାତ୍ମକ ଅର୍ଥ ଯୁକ୍ତ ନାଁ ଜୀବନରେ ସମସ୍ୟା ସୃଷ୍ଟି କରେ । ଅଲଗା ତଥା ଆକର୍ଷଣୀୟ ଲାଗିବା ପାଇଁ ନାଁ ରଖିବା ଅନୁଚିତ । ନାଁ ଏମିତି ହେବା ଦରକାର, ଯାହାକି ସାର୍ଥକ, ଶୁଭ ଓ ସକାରାତ୍ମକ ଶକ୍ତିରେ ଭରପୂର ହୋଇଥିବ । ଯେଉଁ ନାଁରୁ ନକାରାତ୍ମକ ଭାବ ଉତ୍ପନ୍ନ ହୁଏ ଏବଂ ଯାହାର ଅର୍ଥ ଅସ୍ପଷ୍ଟ ହୋଇଥାଏ, ସେଭଳି ନାଁ ରଖିବା ଅନୁଚିତ ।

ଶାସ୍ତ୍ର ଅନୁସାରେ, ପିଲାଙ୍କ ନାଁ ଛୋଟ, ସରଳ ଏବଂ ଅର୍ଥପୂର୍ଣ୍ଣ ହେବା ଦରକାର । ଏହାସହିତ ଜନ୍ମ ସମୟର ନକ୍ଷତ୍ର ମଧ୍ୟ ନାମକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ନକ୍ଷତ୍ର ଅନୁସାରେ ରଖାଯାଉଥିବା ନାଁ ଜୀବନରେ ସନ୍ତୁଳନ ଓ ସଫଳତା ଆଣେ । ଏହାବାଦ୍ ଭବିଷ୍ୟତରେ ଯେଭଳି କୌଣସି ଧାର୍ମିକ ତଥା ସାମାଜିକ ସମସ୍ୟା ଉତ୍ପନ୍ନ ନ ହେବ, ନାମକରଣ ବେଳେ ବଂଶ ଓ ଗୋତ୍ର ଉପରେ ବି ଧ୍ୟାନ ଦେବା ଉଚିତ ।

## ଆଇପିଏଲ୍‌ରୁ ମୁସ୍ତାଫିଜୁର ବିଦା ହେବା ପରେ କ୍ଷୋଭ

# ଭାରତରେ ବିଶ୍ୱକପ୍ ଖେଳିବନି ବାଂଲାଦେଶ

ଢାକା,୪।୧(ଏଜେନ୍ସି)

ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ରାଜନୈତିକ ଓ କୁଟନୈତିକ ଲଢ଼େଇର ପ୍ରଭାବ ପଡ଼ିଛି କ୍ରିକେଟ ଖେଳ ଉପରେ। ଆଇପିଏଲ୍‌ରେ ସାମିଲ ହୋଇଥିବା ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ବିସିସିଆଇ ନିର୍ଦ୍ଦେଶକ୍ରମେ କୋଲକାତା ନାଇଟ୍ ରାଇଡର୍ସ ବିଦା କରିବା ପରେ ବାଂଲାଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ଘଟଣାରେ ମଧ୍ୟବର୍ତ୍ତୀକାଳୀନ ସରକାର ଫେବୃଆରୀ-ମାର୍ଚ୍ଚରେ ଭାରତରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବା ଲାଗି କ୍ରିକେଟ ଦଳକୁ ମନା କରିଦେଇଛନ୍ତି। ଏହାର ଅର୍ଥ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଏବେ ଭାରତ ଆସିବ ନାହିଁ। ଭାରତ ପରିବର୍ତ୍ତେ ଅନ୍ୟ ସ୍ଥାନରେ ବା ଶ୍ରୀଲଙ୍କାରେ ଖେଳିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ସଂଗଠନ ଆଇସିସିକୁ ଅନୁରୋଧ କରିଛି। ଆଇସିସି ଏଥିରେ ଏଯାଏ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ। ପୂର୍ବରୁ ଦେଶ ଦେଶ ମଧ୍ୟରେ ରାଜନୈତିକ ତିକ୍ତତା ଯୋଗୁଁ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ସମ୍ପର୍କ ଏକପ୍ରକାର ଛିନ୍ନ ହୋଇଛି। କେହି କାହାରି ଦେଶକୁ ଖେଳିବାକୁ ଯାଉ ନାହାନ୍ତି। ଗତବର୍ଷ ଏଥିରେ ଆଉ ଏକ ନକରାତ୍ମକ ଅଧ୍ୟାୟ ଯୋଡି ହେବା ଫଳରେ ଆଇସିସି ଏବଂ ଏସିସି ଦ୍ୱାରା ଆୟୋଜିତ ହେଉଥିବା ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଗୋଟିଏ ଦେଶ ଅନ୍ୟ ଦେଶକୁ ଖେଳିବାକୁ ଯିବେ ନାହିଁ। ଏଣୁ ଶ୍ରୀଲଙ୍କାରେ ପାକିସ୍ତାନ ତାହାର ସମସ୍ତ ବିଶ୍ୱକପ୍ ମ୍ୟାଚ୍, ଏପରିକି ଏହି ଦଳ ଯଦି ଫାଇନାଲକୁ ଯାଏ, ତେବେ କଲମ୍ବୋରେ ଖେଳିବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଭଳି ବିବାଦରେ ଏବେ ବାଂଲାଦେଶ ସାମିଲ ହୋଇଛି। ବିବାଦର ସମାଧାନ କିପରି ହେବ ତାହା ଏବେଠାରୁ କହିବା ମୁସ୍କିଲ ହୋଇଥିଲେ ମଧ୍ୟ ସୁରକ୍ଷା



ପ୍ରତି ବିପଦ ଥିବା ଦର୍ଶାଇ ସରକାର ବାଂଲା କ୍ରିକେଟ ଦଳକୁ ଭାରତରେ ବିଶ୍ୱକପ୍ ଖେଳିବାକୁ ଅନୁମତି ଦେବ ନାହିଁ ବୋଲି ସ୍ପଷ୍ଟ କରିଛି। ଏହା ମଧ୍ୟରେ ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ବାଂଲାଦେଶ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳର ଅଧିନାୟକ ଜଣେ ହିନ୍ଦୁ ଖେଳାଳି ଲିଟନ ଦାସଙ୍କୁ ଦିଆଯାଇଛି। ଏଭଳି ସ୍ଥଳେ ବାଂଲାଦେଶ ଏକ ମାଷ୍ଟର କାର୍ଡ ଖେଳି ଭାରତକୁ ନିନ୍ଦିତ କରିବାକୁ ଯୋଜନା କରିଛି।

ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ଭାରତ ସହ ଥିବା କ୍ରିକେଟ ସମ୍ପର୍କକୁ ସଂକଟ ମଧ୍ୟକୁ ନେଇଯାଇଛି। ଗତ ଏକ ମାସ ମଧ୍ୟରେ ୪ଜଣ ହିନ୍ଦୁଙ୍କୁ ହତ୍ୟା କରିବା, ସଂଖ୍ୟା ଗରିଷ୍ଠ ମୁସ୍‌ଲିମ୍ ସମ୍ପ୍ରଦାୟ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ନିର୍ଯାତନା କରିବା ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଏହା ବିରୋଧରେ ଭାରତରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଉଛି। ଏଭଳି ସମୟରେ ବିଶ୍ୱର ସର୍ବବୃହତ୍ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବା ଭାରତରେ ଖେଳାଯାଉଥିବା ଆଇପିଏଲ୍‌ରୁ ଏକାମାତ୍ର ବାଂଲାଦେଶୀ ଖେଳାଳି ମୁସ୍ତାଫିଜୁରଙ୍କୁ ବାଦ୍ ଦେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ଏହାକୁ କୌଣସି ବଡ଼ ବିବାଦର ରୂପେ ନେବା ପୂର୍ବରୁ ବିସିସିଆଇ ଏହି ଖେଳାଳିଙ୍କୁ ବାଦ୍ ଦେବାକୁ ଏହାର ଫ୍ରାଞ୍ଚାଇଜ୍ କେକେଆର୍‌କୁ ନିର୍ଦ୍ଦେଶ ଦେଇଥିଲା। କେକେଆର୍ ତତ୍‌କ୍ଷଣାତ୍ ଏହାକୁ କାର୍ଯ୍ୟକାରୀ କରିବା ଫଳରେ ଭାରତରେ ବାଂଲାଦେଶ ଖେଳାଳିଙ୍କ ବିପଦ ରହିଛି ବୋଲି କ୍ରିକେଟ ବୋର୍ଡ ଅନୁଭବ କରିଥିଲେ। ଆଗକୁ ଟି-୨୦ ବିଶ୍ୱକପ୍ ଥିବାରୁ ଭାରତରେ ତାଙ୍କ ଦଳ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯିବ କି ନାହିଁ ସେ ସମ୍ପର୍କରେ ଆଲୋଚନା କରିବାକୁ କ୍ରିକେଟ ବୋର୍ଡ ନିର୍ଦ୍ଦେଶକଙ୍କ ଏକ ବୈଠକ ବସିଥିଲା। ଏଥିରେ କୌଣସି କଠୋର ନିଷ୍ପତ୍ତି ନ ନେବାକୁ ନିର୍ଦ୍ଦେଶକ ମାନେ ରାଜି ହୋଇଥିଲେ। କିନ୍ତୁ ଏହା ଜାଣିବା ପରେ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଉପଦେଷ୍ଟା ଆସିଫ୍ ନଜରୁଲ୍ ଭାରତରେ ବିଶ୍ୱକପ୍ ଖେଳିବା ଲାଗି ବାଂଲାଦେଶ କ୍ରିକେଟ ଦଳକୁ ଅନୁମତି ଦିଆଯିବ ନାହିଁ ବୋଲି ବୋର୍ଡକୁ ଜଣାଇଦେଇଥିଲେ। ବାଂଲା କ୍ରିକେଟ ବୋର୍ଡ ଅନ୍ୟ କୌଣସି ଉପାୟ ନ ପାଇ ଭାରତରେ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଯିବ ନାହିଁ ଓ ଅନ୍ୟ କୌଣସି ନିରପେକ୍ଷ ଭେନ୍ୟୁରେ ଖେଳିବାକୁ ଆଇସିସିକୁ ଜଣାଇଦେଇଥିଲା। ବୋର୍ଡ ମଧ୍ୟ ମୁସ୍ତାଫିଜୁରଙ୍କୁ ଦିଆଯାଇଥିବା ନୋ ଅବଜେକ୍ସନ ସାର୍ଟିଫିକେଟକୁ ରଦ୍ଦ କରିଦେଇଥିଲେ। ଶାହରୁଖ ଖାନ୍‌ଙ୍କ ମାଲିକାନାରେ ଥିବା କେକେଆର ତାଙ୍କୁ ୯.୨ କୋଟି ଟଙ୍କାରେ କିଣିଥିଲା। ପୂର୍ବରୁ ଏଭଳି ସ୍ଥିତିରେ ପାକିସ୍ତାନ ଶ୍ରୀଲଙ୍କାରେ ସମସ୍ତ ମ୍ୟାଚ୍ ଖେଳିବ ବୋଲି ସ୍ଥିର ହୋଇଥିବାରୁ ବାଂଲାଦେଶ କ୍ରିକେଟ ବୋର୍ଡ ଏପରି ନିଷ୍ପତ୍ତି ନେବାକୁ ଉତ୍ସାହୀ ହୋଇଛି ବୋଲି କୁହାଯାଉଛି। ଏହାର ପରିଣାମ କ'ଣ ହେବ ତାହା ଜୟ ଶାହଙ୍କ ନେତୃତ୍ୱରେ ଗଠିତ ଆଇସିସି ନିଷ୍ପତ୍ତି ନେବ। ସେ ଯାହା ହେଉ ଏହି ବିଶ୍ୱକପ୍ ଯେ ସହଜରେ ଆୟୋଜନ ହେବ ନାହିଁ ତାହା ଏଭଳି ଘଟଣାରୁ ସ୍ପଷ୍ଟ ହୋଇଛି।



## ବିଶ୍ୱକପ୍‌ରେ ନେତୃତ୍ୱ ନେବେ ଲିଟନ ଦାସ

ଢାକା : ଆସନ୍ତା ଟି-୨୦ ବିଶ୍ୱକପ୍ ଲାଗି ଏକ ୧୫ ଜଣିଆ ବାଂଲାଦେଶ କ୍ରିକେଟ ଟିମ୍ ଘୋଷଣା କରିଛି। ଏହି ଟିମ୍‌ର ନେତୃତ୍ୱ ନେବେ ବାଂଲାରେ ମୁସ୍‌ଲିମ୍‌ଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିବା ହିନ୍ଦୁ ସମ୍ପ୍ରଦାୟର ଖେଳାଳି ଲିଟନ ଦାସ। ଲିଟନଙ୍କ ନେତୃତ୍ୱରେ ଗଠିତ ଦଳକୁ ଫାଷ୍ଟ ବୋଲର ତସ୍କିନ ଅହମ୍ମଦ୍‌ଙ୍କ ପ୍ରତ୍ୟାବର୍ତ୍ତନ ଘଟିଛି। ଏହା ଫଳରେ ମୁସ୍ତାଫିଜୁର, ତାନଜିମ୍ ହାସନ, ଶୋରିଫୁଲ ଇସ୍‌ଲାମ ଓ ମହମ୍ମଦ୍ ସୈଫୁଦ୍ଦିନଙ୍କୁ ନେଇ ଶକ୍ତିଶାଳୀ ପେସ ବାହିନୀ ଗଠିତ ହୋଇଛି। ଲିଟନ, ତାନଜିଦ୍, ସୈଫ ହାସନ, ତୌହିଦ ହ୍ୟଦୟ, ଶମିମ ହାସନ ଓ ପରଭେଜ ହୋସେନ ବ୍ୟାଟିଂ ଭାର ସମ୍ଭାଳିବେ। କିନ୍ତୁ ୨୦୨୩ରୁ ଦଳରେ ନିରନ୍ତର ସାମିଲ ହୋଇ କ୍ରମାଗତ ୪୫ଟି ଟି-୨୦ ମ୍ୟାଚ୍ ଖେଳିଥିବା ଜେକର ଅଲିଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏବେ ସେ ଆଦୌ ଫର୍ମରେ ନାହାନ୍ତି। ଏହି ବିଶ୍ୱକପ୍‌ରେ ବାଂଲାଦେଶ ତାହାର ପ୍ରଥମ ୪ଟି ମ୍ୟାଚ୍ ଭାରତରେ ଖେଳିବ। ଏହା ମଧ୍ୟରୁ କୋଲକାତାରେ ୩ଟି ଓ ମୁମ୍ବଇରେ ଗୋଟିଏ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

### ମନୋନୀତ ଦଳ

ଲିଟନ ଦାସ (ଅଧିନାୟକ), ସୈଫ୍ ହାସନ, ତାନଜିଦ୍ ହାସନ, ପରଭେଜ ହୋସେନ, ତୌହିଦ ହୃଦୟ, ଶମିମ ହୋସେନ, ନୁରୁଲ ହାସନ (ୱିକେଟରକ୍ଷକ), ମାହେଦୀ ହାସନ, ରିଶାଦ୍ ହୋସେନ, ନାସୁମ ଅହମ୍ମଦ୍, ମୁସ୍ତାଫିଜୁର ରହମନ, ତାନଜିମ ହାସନ ସାକିବ୍, ତସ୍କିନ ଅହମ୍ମଦ୍, ମହମ୍ମଦ ସୈଫୁଦ୍ଦିନ୍, ଶୋରିଫୁଲ ଇସ୍‌ଲାମ୍।

## ବାଂଲାରେ ବନ୍ଦ ହେବ ଆଇପିଏଲ୍ ପ୍ରସାରଣ

ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶର ସମସ୍ତ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ଆଇସିସି ନିକଟରେ ଦାବି କରିଛି। ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଭାରତରେ ନିଜ ଖେଳାଳିଙ୍କ ଜୀବନ ପ୍ରତି ବିପଦ ଥିବାର ଦର୍ଶାଇ ବୋର୍ଡ ଏପରି କରିବାକୁ ନିଷ୍ପତ୍ତି ନେଇଛି। ମାର୍ଚ୍ଚ ୨୬ରୁ ଭାରତରେ ଖେଳାଯିବାକୁ ଥିବା ଆଇପିଏଲ୍‌ରେ ମୁସ୍ତାଫିଜୁର ବାଂଲାର ଏକମାତ୍ର ଖେଳାଳି ଥିଲେ। ତାଙ୍କୁ ୯.୨ କୋଟି ଟଙ୍କାରେ କୋଲକାତା ନାଇଟ୍ ରାଇଡର୍ସ କିଣିଥିଲା। ସେ ବିଦା ହେବା ପରେ ବାଂଲାଦେଶରେ ଆଇପିଏଲ୍‌ର ପ୍ରସାରଣ ବନ୍ଦ କରିବାକୁ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଉପଦେଷ୍ଟା ଆସିଫ୍ ନଜରୁଲ୍ ଦେଶ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେ କୌଣସି ପରିସ୍ଥିତିରେ ବାଂଲାଦେଶ କ୍ରିକେଟ, କ୍ରିକେଟର ଓ ବାଂଲାଦେଶ ନାଗରିକଙ୍କ ଅପମାନ ବରଦାସ୍ତ କରିବୁ ନାହିଁ ବୋଲି ନଜରୁଲ କହିଛନ୍ତି। ନିକଟରେ ମୃତ୍ୟୁବରଣ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ଅନ୍ତେ୍ୟଷ୍ଟିକ୍ରିୟାରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଯୋଗଦେବା, ଭାରତୀୟ କ୍ରିକେଟ ଦଳର ଗସ୍ତସୂଚୀ ଚୂଡାନ୍ତ ହେବା ପରେ ବାଂଲାଦେଶରେ ଏପରି ହଠାତ ପରିବର୍ତ୍ତନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୁସ୍ତାଫିଜୁରଙ୍କୁ କାହିଁକି ଆଇପିଏଲ୍‌ରୁ ବାଦ୍ ଦିଆଗଲା ତାହାର ସ୍ପଷ୍ଟୀକରଣ ଦେବାକୁ ବିସିବି, ପ୍ରତିପକ୍ଷ ବିସିସିଆଇକୁ ମାଗିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ବାଂଲାଦେଶ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ଅମିନୁଲ ଇସ୍‌ଲାମ୍‌ଙ୍କୁ ମଧ୍ୟ ସର୍ବସାଧାରଣରେ କୌଣସି ମନ୍ତବ୍ୟ ଦେବା କିମ୍ବା ପ୍ରତିକ୍ରିୟା ଦେବାକୁ ମଧ୍ୟବର୍ତ୍ତୀ ସରକାରଙ୍କ ପକ୍ଷରୁ ବାରଣ କରାଯାଇଛି। ଭାରତରେ ମାତ୍ର ୪ଟି ଲିଗ୍ ମ୍ୟାଚ୍ ଫେବୃଆରୀ ୭, ୯, ୧୪ ଓ ୧୭ରେ ବାଂଲାଦେଶର ଖେଳିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ବିସିସିଆଇ ସୂତ୍ରରୁ ଜଣାଯାଇଛି ଏତେ ଅଳ୍ପ ସମୟ ମଧ୍ୟରେ ଭେନ୍ୟୁ ପରିବର୍ତ୍ତନ କରିବା ବିସିସିଆଇ କିମ୍ବା ଆଇସିସି ପକ୍ଷରେ କଷ୍ଟକର ନୁହେଁ ଏକ ଅସମ୍ଭବ କାମ। ବିମାନ ଟିକଟ, ହୋଟେଲ ରୁମ୍ ବୁକ୍ କରିବା, ପ୍ରସାରଣକାରୀ ସଂସ୍ଥା ଭେନ୍ୟୁକୁ ଯିବା ଅତ୍ୟନ୍ତ କଷ୍ଟକର। ଏହାକୁ କିପରି ସମାଧାନ କରାଯିବ ତାହା ଉପରେ ଆଇସିସି ନାକେଦମ ହେବା ନିଶ୍ଚିତ।

### ● ୧୫ ବର୍ଷରୁ କମ୍ ମହିଳା କ୍ରିକେଟ

## ଦ୍ୱିତୀୟ ମ୍ୟାଚ୍‌ରେ ହାରିଲା ଓଡ଼ିଶା

ଭୁବନେଶ୍ୱର,୪।୧(ସମିସ): ବିସିସିଆଇ ଦ୍ୱାରା ଆୟୋଜିତ ୧୫ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟର ଦ୍ୱିତୀୟ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି। ବିଦର୍ଭ କ୍ରିକେଟ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୩୨.୫ ଓଭରରେ ୧୦୨ ରନ୍ କରିôତଲା। ଦଳ ପକ୍ଷରୁ ପ୍ରିୟଂଶୀ ମହାରଣା ସର୍ବାଧିକ ୩୦ ଓ ଅନ୍ୱେଷା ସ୍ୱାଇଁ ୨୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଶିଖା କୋଲି ଓ ମୈତ୍ରେୟୀ ୩ଟି ଲେଖାଏଁ ୱିକେଟ ଦଖଲ କରିଥିଲେ। ଜବାବରେ ଉତ୍ତରାଖଣ୍ଡ ୨୮ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୦୩ ରନ୍ ସଂଗ୍ରହ କରିନେଇଥିଲେ। ଦଳ ପକ୍ଷରୁ କାଭଲୀନ୍ ଅପରାଜିତ ୪୫ ଓ ପ୍ରଶ୍ରୁତି ଧନରାଜ ୩୫ ରନ୍ କରି ଦଳକୁ ସହଜ ବିଜୟ ଭେଟି ଦେଇଥିଲେ। ଓଡ଼ିଶା ପକ୍ଷରୁ ଯାଜ୍ଞସେନୀ ସାହୁ ୨ଟି ଓ ଅନନ୍ୟା ଜେନା ଗୋଟିଏ ୱିକେଟ ପାଇଥିଲେ।

### ● ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

## ଓଡ଼ିଶା ମହିଳା ଫୁଟ୍‌ବଲ୍ ଦଳ

ଭୁବନେଶ୍ୱର,୪।୧(ସମିସ): ଦାମନ ଓ ଡିଉଠାରେ ଆସନ୍ତାକାଲିଠାରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଲାଗି ଏକ ୧୨ ଜଣିଆ ଓଡ଼ିଶା ମହିଳା ଫୁଟବଲ ଦଳ ଭାଗ ନେଇଛନ୍ତି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସସ୍ମିତା ପରିଡ଼ା, ମଞ୍ଜୁ ଗଞ୍ଜୁ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଶିବାନ ମୁଣ୍ଡାରି, ସସ୍ମିତା ତନ୍ତୀ, ଅଙ୍କିତା ନାଏକ, ପ୍ରଜ୍ଞା କିସାନ, ସୁମିତ୍ରା ହେମ୍ବ୍ରମ୍, ସତ୍ୟବୀ ଖାଡିଆ, ଶୁଆନା ତମାଙ୍ଗ୍, କେ. ଅମ୍ବାଳିକା, ମନୀଷା ନାଏକ। ଗୀତାଞ୍ଜଳି ଖୁଣ୍ଟିଆ ଦଳର କୋଚ୍ ଓ ଗୋମତି ବାରା ମ୍ୟାନେଜର ଭାବେ ଦଳ ସହ ଯାଇଛନ୍ତି ବୋଲି ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ସୂତ୍ରରୁ ବିଳମ୍ବରେ ମିଳିଥିବା ଏକ ବିଜ୍ଞପ୍ତିରୁ ସୂଚନା ମିଳିଛି।

### ● ମହିଳା ପ୍ରିମିୟର ଲିଗ୍

## ଲାନିଂ ୟୁପି ୱାରିୟର୍ଜ ଅଧିନାୟିକା

ଲକ୍ଷ୍ନୌ,୪।୧(ଏଜେନ୍ସି): ଅଷ୍ଟ୍ରେଲିଆର କିଂବଦନ୍ତୀ ଖେଳାଳି ମେଗ୍ ଲାନିଂଙ୍କୁ ୟୁପି ୱାରିୟର୍ଜ ୨୦୨୬ ମହିଳା ପ୍ରିମିୟର ଲାଗି ଦଳର ଅଧିନାୟିକା ମନୋନୀତ କରିଛି। ଗତ ନିଲାମିରେ ୟୁପି ତାଙ୍କୁ ୧.୯ କୋଟି ଟଙ୍କାରେ କିଣିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ୨ଟି ଆଇସିସି ଦିନିକିଆ ଓ ୫ଟି ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଦଳର ସଦସ୍ୟ ରହିଥିବା ଲାନିଂଙ୍କ ନେତୃତ୍ୱରେ ଦଳ ଏଥର ବିଶେଷ ସଫଳତା ପାଇବ ବୋଲି ଆଶା କରାଯାଉଛି।

### ପୁରୁଷ ହକି ଇଣ୍ଡିଆ ଲିଗ୍

## ବିଜୟରୁ କଳିଙ୍ଗ ଲାନ୍ସର୍ସର ଅଭିଯାନ



ଚେନ୍ନଇ,୪।୧(ଏଜେନ୍ସି): ପୁରୁଷ ହକି ଇଣ୍ଡଇଆ ଲିଗ୍‌ରେ ଦମ୍‌ଦାର ବିଜୟରୁ ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବିଜୟ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଓ ଗୁରସାହିବ ସିଂହ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ଏହି ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସ ପ୍ରଥମେ ଗୋଲ ସ୍କୋର କରିଥିଲା। ତାରକା ଫରୱାର୍ଡ ଖେଳାଳି ଟମ ବୁନ୍ ଏହି ଗୋଲ ଦେଇ ରାଞ୍ଚିକୁ ଅଗ୍ରଣୀ କରାଇଥିଲେ। ମନଦୀପ ସିଂହ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇଥିଲେ। କିନ୍ତୁ ଦଳ ଗୋଲ ଶୁଝାଇବାକୁ ଏହି ଦଳ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ କଳିଙ୍ଗର ରକ୍ଷଣଭାଗ ଏହା କରିବାକୁ ଦେଇ ନ ଥିଲେ। ଶେଷ କ୍ୱାର୍ଟରରେ ଧମାକାଦାର ଖେଳ ଦେଖିବାକୁ ମିଳିଥିଲା। ଉଭୟ ଦଳ ଆକ୍ରମଣ ଓ ପ୍ରତ୍ୟାକ୍ରମଣ କରି ଖେଳରେ ଉତ୍କଣ୍ଠା ଭରିଥିଲେ। ଆର୍ଥର ଭାନ ଡୋରେନ୍‌ଙ୍କ ନେତୃତ୍ୱ କଳିଙ୍ଗ ଏହି ମ୍ୟାଚ୍ ଖେଳୁଛି। ପୂର୍ବରୁ ଅନୁଷ୍ଠିତ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ୩-୧ ଗୋଲରେ ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବ୍‌କୁ ପରାସ୍ତ କରି ଟାଇଟଲ ଅଭିଯାନ ଆରମ୍ଭ କରିଛି।

## ପେଞ୍ଚକ ସିଲାଟରେ ୮ ଓଡ଼ିଆ ଖେଳାଳି ମନୋନୀତ



ଭୁବନେଶ୍ୱର,୪।୧(ସମିସ): ଡିୟୁର ଘୋଗ୍ଲା ବିଚ୍‌ରେ ଚାଲିଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ପେଞ୍ଚାକ ସିଲାଟ କ୍ରୀଡ଼ା ପାଇଁ ୮ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଜାନୁଆରୀ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଟିମ୍ କୋଚ୍ ରଞ୍ଜିତ ନାୟକ ଓ ଅଂଶୁପ୍ରିୟା ସିଂଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ୮ ଜଣ ପ୍ରତିଭାବାନ ଖେଳାଳି ମନୋନୀତ ହୋଇଥିଲେ। ଏହି ଖେଳାଳିମାନେ ହେଲେ ସୋନୁ ସେମଲିଆ, ରାହୁଲ ସା, ସୋହିଲ ଗୁରୁଙ୍ଗ୍, ଅଂଶୁମାନ ଭୋମିକ, ପିନ୍ଟୁ ଦାସ, ବସୁନ୍ଧରା ତାଣ୍ଡି, ରୁଦ୍ର ପ୍ରତାପ ଷଡଙ୍ଗୀ ଓ ଉମାବତି ପାତ୍ର। ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପ୍ପା ଓ ଆଶୁତୋଷ ନାୟକ ରେଫରୀ ଦାୟିତ୍ୱ ତୁଲାଇବେ।

ଏହି ଖେଳାଳିମାନଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ, ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକଙ୍କ ସମେତ ଯୁବ ସମାଜସେବୀ ତଥା ପେଞ୍ଚାକ ସିଲାଟ ଆସୋସିଏସନ ଖୋର୍ଦ୍ଧା ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ଓ ଆସୋସିଏସନ ଓଡ଼ିଶା ସଭାପତି ତାପସ କୁମରା ରାୟ ଚୌଧୁରୀ, ଉପସଭାପତି ମନୋରାଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦୀ ପ୍ରମୁଖ ଏହି ଖେଳାଳିମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

### ମହିଳା ହକି ଇଣ୍ଡିଆ ଲିଗ୍

## ବେଙ୍ଗଲ ଟାଇଗର୍ସ ବିଜୟୀ



ରାଞ୍ଚି,୪।୧(ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍‌ର ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ୧-୦ ଗୋଲରେ ଆୟୋଜକ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଅଗଷ୍ଟିନା ଗୋର୍ଜେଲାନି ଖେଳର ୩୭ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲଟି ସ୍କୋର କରିଥିଲେ। ବେଙ୍ଗଲ ଟାଇଗର୍ସ ଏହି ବିଜୟ ସହ ପୂରା ୩ ପଏଣ୍ଟ ପାଇ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦଳ ମଧ୍ୟ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରାଞ୍ଚି ରୟାଲ୍ସ କ୍ରମାଗତ ଦ୍ୱିତୀୟ ବିଜୟ ପରେ ଏଠାରେ ପରାଜିତ ହୋଇଛି। ଏପରିକି ଦଳ ଡଜନେ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଟିଏ ହେଲେ ଗୋଲ ଦେବାରେ ସମର୍ଥ ହୋଇନାହାନ୍ତି।

## ପଞ୍ଚମ ଆସେସ୍ ଟେଷ୍ଟ: ବର୍ଷା ବାଧାପ୍ରାପ୍ତ ଦିନରେ ଇଂଲଣ୍ଡ ୨୧୧/୩



ସିଡ୍‌ନୀ,୪।୧(ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ଆଜିଠାରୁ ଆରମ୍ଭ ହୋଇଥିବା ୫ମ ତଥା ଶେଷ ଆସେସ ଟେଷ୍ଟର ପ୍ରଥମ ଦିନରେ ବର୍ଷା ଯୋଗୁଁ ମାତ୍ର ୪୫ ଓଭର ଖେଳ ସମ୍ଭବ ହୋଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଦଳ ଖେଳ ବନ୍ଦ ରହିଲା ବେଳକୁ ୩ ୱିକେଟରେ ୨୧୧ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ବରିଷ୍ଠ ଖେଳାଳି ଜୋ ରୁଟ୍ ୭୨ ଓ ହ୍ୟାରୀ ବ୍ରୁକ୍ ୭୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନେ ଅବିଭକ୍ତ ୪ର୍ଥ ୱିକେଟ ଯୋଡିରୁ ୧୫୪ ରନ୍ ଉଠାଇ ଦଳକୁ ଏକ ସହଜ ସ୍ଥିତିରେ ପହଞ୍ଚାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟାକ୍ କ୍ରାଲୀ ୧୬, ବେନ୍ ଡକେଟ ୨୭ ଓ ଜ୍ୟାକବ ବେଥେଲ ୧୦ ରନ୍ କରିବା ଫଳରେ ଇଂଲଣ୍ଡ ୫୭ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ୫ଜଣିଆ ପେସ୍ ବାହିନୀକୁ ନେଇ ଖେଳିଥିବା ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ, ମାଇକେଲ ନେସର ଓ ସ୍କଟ ବୋଲାଣ୍ଡ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ୧୩୮ ବର୍ଷର ଟେଷ୍ଟ ଇତିହାସରେ ଘରୋଇ ଦଳ ପ୍ରଥମଥର ଲାଗି ସିଡ୍‌ନୀ ଟେଷ୍ଟରେ କୌଣସି ସ୍ପିନରଙ୍କୁ ଖେଳାଇବାକୁ ସୁଯୋଗ ଦେଇନାହିଁ। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୩-୧ରେ ଅପରାଜେୟ ଅଗ୍ରଣୀ ସହ ଆସେସ୍ ସିରିଜ୍ ନିଜ କବ୍‌ଜାରେ ରଖିଛି।

### ଆର୍‌ଏନ୍ ଦାଶ ସ୍ମାରକୀ ସ୍କୁଲ ଚେସ୍

## ଟାଇଟଲ ଜିତିଲେ ଆଦିତ୍ୟ ଶଙ୍କର



ଭୁବନେଶ୍ୱର,୪।୧(ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ୯ମ ରବିନାରାୟଣ (ଆର୍‌ଏନ୍) ଦାଶ ସ୍ମାରକୀ ସ୍କୁଲ ଚେସ୍ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମଦର୍ସ ପବ୍ଲିକ୍ ସ୍କୁଲ-୧'ର ଆଦିତ୍ୟଶଙ୍କର ବେହେରା ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଟକ ଡିଏଭି ମେଡିକାଲ ପବ୍ଲିକ୍ ସ୍କୁଲ୍‌ର ନିରେକ ପରିଡ଼ା ୪.୫ ପଏଣ୍ଟ ପାଇ ରନର୍ସ ଅପ୍, ମଦର୍ସ-୧ର ସବ୍ୟସାଚୀ ପୃଷ୍ଟି ତୃତୀୟ, ସାଇ ଇଣ୍ଟରନ୍ୟାସନାଲର ଶିଭେଶ ଅଭତାର ଚତୁର୍ଥ ଓ କେଭି ନଂ-୧ର ଆୟୁଷ୍ମାନ ବେହେରା ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଡ. ସୁବ୍ରତ ଦାଶ, ଡ. ଶୁଭ୍ରା ପଟ୍ଟନାୟକ, ଦେବାଶିଷ ପାଣିଗ୍ରାହୀ ଓ ଶ୍ରୀମତୀ ରତ୍ନା ଦାଶ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ମୁକ୍ତେଶ୍ୱର କପ୍ କ୍ରିକେଟ

## ରାମେଶ୍ୱରକୁ ହରାଇ ମୁକ୍ତେଶ୍ୱର ଚାମ୍ପିଅନ

ଭୁବନେଶ୍ୱର,୪।୧(ଏଜେନ୍ସି)

ସ୍ଥାନୀୟ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ମୁକ୍ତେଶ୍ୱର କ୍ଲବ ୯ ୱିକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଲୋ-ସ୍କୋରିଂ ଫାଇନାଲ ମୁକାବିଲାରେ ଟସ୍ ହାରି ରାମେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୫.୨ ଓଭରରେ ୩୪ ରନରେ ଅଲଆଉଟ ହୋଇଥିଲା। ଜବାବରେ ମୁକ୍ତେଶ୍ୱର ୧୨.୪ ଓଭରରେ ଗୋଟିଏ ୱିକେଟ ହରାଇ ୩୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଗତବର୍ଷ ମୁକ୍ତେଶ୍ୱର ରନର୍ସଅପ ହୋଇଥିଲା।



ମୁକ୍ତେଶ୍ୱର ତରଫରୁ ଡି ଶୋଭନ ୧୧ ଓ ଭବତୋଷ ବାରିକ ୧୬ ରନକରି ଅପରାଜିତ ରହିଥିବା ବେଳେ ଭୁବନେଶ ସାମଲ ୭ ରନକରି ହରିବଂଶ ଭୂୟାଁଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ତରଫରୁ ଓପନର ଲିଓନେଲ ମେହେର ୧୨ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ମୁକ୍ତେଶ୍ୱରର ହିମିନିଶ ସାହୁ ୪ ଓ ଦିବ୍ୟଜ୍ୟୋତି ଶାହୁ ୫ ୱିକେଟ ଅକ୍ତିଆର କରିଥିଲେ। ହିମିନିଶ ମ୍ୟାନ ଅଫ୍ ଦି ଫାଇନାଲ, ଭୁବନେଶ ଇମର୍ଜିଂ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ଦିବ୍ୟଜ୍ୟୋତି ସାହୁ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ବିଜେପି ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ମୁକ୍ତେଶ୍ୱର କ୍ଲବ ଅଧ୍ୟକ୍ଷ ତଥା ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୋହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS